بِسْمِ اللّٰهِ الرَّحْمٰنِ الرَّحِيْمِ  نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ  وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ ୪

ସଂଖ୍ୟା 5-7

ବାର୍ଷିକ ଦେୟ: ୬୦୦/-

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

02-16 ଫେବୃୟାରୀ 2023 02-16 ତବଲିଗ୍ 1402 ହି.ଶ 10-24 ରଜବ 1444 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

هُوَ الَّذِيْٓ اَرْسَلَ رَسُوْلَهٗ
بِالْهُدٰى وَدِيْنِ الْحَقِّ لِيُظْهِرَهٗ
عَلَى الدِّيْنِ كُلِّهٖ وَلَوْ كَرِهَ
الْمُشْرِكُوْنَ (الصّف:10)

ଅନୁବାଦ-ସେ (ଅଲ୍ଲାଃ) ହିଁ ନିଜ ରସୁଲଙ୍କୁ ସତ୍ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି । ଯଦ୍ଦ୍ୱାରା କି ମୁସରିକମାନେ ଯେତେ ଅପସନ୍ଦ କଲେ ମଧ୍ୟ (ସେ) ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ ।

*(ସୁରଃ : ସଫ: ୧୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲହମ୍ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

# ପେଶଗୋଇ ମୁସଲେହ ମଉଦ ର ଅ (ମୁସଲେହ ମଉଦ ର ଅଙ୍କ ଭବିଷ୍ୟବାଣୀ)

ହଜରତ ମସିହ ମଉଦ ଆଲୈସଲାତୁ ସଲାମ (ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ବିରାଜିତ ହେଉ) ଉଲ୍ଲେଖ କରିଛନ୍ତି :

"ବଇଲହାମିଲ୍ଲାଃ ତା'ଲା ଓ୍ୱ ଇଲାମି ଅଯ୍‌ଯ ଓ୍ୱ ଜଲ୍ଲ,ସର୍ବୋଚ୍ଚ ସ୍ଥାନରେ ଅଧିଷ୍ଠିତ ଦୟାଳୁ କୃପାଳୁ ସର୍ବଶକ୍ତିମାନ ଈଶ୍ୱର (ପରମବ୍ରହ୍ମ) ମୋତେ ନିଜର ଐଶୀବାଣୀ ଦ୍ୱାରା ସମ୍ବୋଧନ କରି କହିଲେ ଯେ ତୁମେ ଯାହା କିଛି ମୋଠାରୁ ମାଗିଥିଲ,ତଦନୁଯାୟୀ ମୁଁ ତୁମକୁ କରୁଣାର ଏକ ନିଦର୍ଶନ ଦେଉଅଛି । ଅତଃ ମୁଁ ତୁମର ଆକୁଳ ଗୁହାରିକୁ ଶୁଣିଲି ଏବଂ ତୁମ ପ୍ରାର୍ଥନାକୁ ମୁଁ ମୋ ନିଜ ଅନୁଗ୍ରହ ବଳରେ ଗୃହିତ କଲି, ଏବଂ ତୁମ୍ଭର ସେହି ଯାତ୍ରା,(ଯାହା ହୁଶିୟାରପୁର ଏବଂ ଲଧିଆନାର ଯାତ୍ରା ଥିଲା) ତୁମପାଇଁ ମଙ୍ଗଳମୟ କରିଦେଲି । ତେଣୁ ତୁମକୁ ଶକ୍ତି, ଦୟା ଏବଂ ସାମୀପ୍ୟର ନିଦର୍ଶନ ଦିଆଯାଉଅଛି, ଦୟା ଓ ଅନୁଗ୍ରହର ଚିହ୍ନ ତୁମକୁ ପ୍ରଦାନ କରାଯାଉଛି ଏବଂ ବିଜୟ ତଥା ସଫଳତାର ମୁକୁଟ ତୁମକୁ ପ୍ରାପ୍ତ ହେଉଅଛି । ହେ ମୁଜଫର ତୁମକୁ ସଲାମ ! ଈଶ୍ୱର ଏହା ଏଇଥିପାଇଁ କହଛନ୍ତି ଯେ, ଯେଉଁମାନେ ଜୀବନର କାମନା କରୁଛନ୍ତି, ସେମାନେ ମୃତ୍ୟୁର କବଳରୁ ନିସ୍ତାର ପାଆନ୍ତୁ ଏବଂ ଯେଉଁମାନେ କବର ମଧ୍ୟରେ ପୋତି ହୋଇ ପଡ଼ିରହଛନ୍ତି,ସେମାନେ ସେଥିରୁ ବାହାରକୁ ଆସନ୍ତୁ ଫଳତଃ ଇସଲାମ ଧର୍ମର ସମ୍ମାନ ଓ ଅଲ୍ଲାଙ୍କ ବାଣୀର ଉଚ୍ଚସ୍ତରୀୟ ମର୍ଯ୍ୟାଦା ଲୋକଲୋଚନରେ ପ୍ରକାଶ ପାଉ, ସତ୍ୟ ନିଜର ସମସ୍ତ କଲ୍ୟାଣକୁ ବହନ କରି ପରିପ୍ରକାଶ ହେଉ ଏବଂ ମିଥ୍ୟା ନିଜର ସମସ୍ତ ଅଶୁଭକାରୀ ତତ୍ୱକୁ ସାଥିରେ ଧରି ପଳାୟନ କରୁ, ଯଦ୍ଦ୍ୱାରା ଲୋକମାନେ ଏହା ଉପଲବ୍ଧି କରନ୍ତୁ ଯେ ମୁଁ ହେଉଛି ସର୍ବଶକ୍ତିମାନ ଯାହା ଚାହେଁ ତାହା କରିବାକୁ ସକ୍ଷମ ଏବଂ ସେମାନେ ବିଶ୍ୱାସ କରନ୍ତୁ ଯେ ମୁଁ ତୁମ ସହିତ ଅଛି । ତତସହିତ ଯେଉଁମାନେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ କରୁନାହାନ୍ତି, ଈଶ୍ୱର ଓ ଈଶ୍ୱରଙ୍କ ଧର୍ମ, ତାହାଙ୍କ ପୁସ୍ତକ ଏବଂ ତାହାଙ୍କ ପବିତ୍ର ରସୁଲ ମୁହମ୍ମଦ ମୁସ୍ତଫା ସ ଆ ସ ଙ୍କ ପ୍ରତି ଅସୂୟା ମନୋଭାବ ପୋଷଣ କରି (ସମସ୍ତଙ୍କୁ) ମିଥ୍ୟାବାଦୀ ବୋଲି ବିବେଚନା କରୁଛନ୍ତି, ସେମାନଙ୍କୁ ଏକ ସ୍ୱଷ୍ଟ ନିଦର୍ଶନ ମିଳୁ ଏବଂ ଅପରାଧିମାନଙ୍କ (କୁକର୍ମ) ର କାର୍ଯ୍ୟକଳାପ ସର୍ବସମ୍ମୁଖରେ ପ୍ରକାଶ ହୋଇଯାଉ ।

ଅତଃ ତୁମକୁ ସୁସମାଚାର ଦିଆଯଉଅଛି ଯେ ତୁମକୁ ଏକ ଜୀବନ୍ତ ଓ ସ୍ୱଚ୍ଛ ବାଳକ ପ୍ରଦାନ କରାଯିବ, ଏକ ନିର୍ମଳ ଗୁଲାମ (ବରପୁତ୍ର) ତୁମକୁ ପ୍ରାପ୍ତ ହେବ । ସେହି ବାଳକ ତୁମ ଔରସରୁ ଜାତ ହୋଇ ତୁମର ହିଁ ସନ୍ତାନ ଓ ବଂଶଧର ରୂପେ ଆବିର୍ଭାବ ହେବ । ଏକ ସୌନ୍ଦର୍ଯ୍ୟମୟ ଦିବ୍ୟବାଳକ ତୁମର ଅତିଥି ହୋଇ ଆସୁଅଛି । ତାହାଙ୍କ ନାମ **ଅନମୁଓ୍ୱାଇଲ** ଏବଂ **ବଶୀର** ମଧ୍ୟ ରଖାଯାଇଅଛି । ତାଙ୍କୁ ପବିତ୍ର ଆତ୍ମା ପ୍ରଦାନ କରାଯାଇଅଛି ଓ ସେ କଳଙ୍କରୁ ମୁକ୍ତ । ସେ ହେଉଛି ଅଲ୍ଲାଃଙ୍କ ଜ୍ୟୋତି/ପ୍ରକାଶ । ତାକୁ ଶୁଭେଚ୍ଛା, ଯିଏ ଆକାଶରୁ (ଅର୍ଥାତ ସ୍ୱର୍ଗରୁ) ଆସୁଅଛି । ତାହା ସହିତ ଫଜଲ (ବିଭୁକୃପା) ରହିଛି, ଯାହା ତାଙ୍କ ଆଗମନ ସହିତ ଅବତରଣ ହେବ । ସେ ଖ୍ୟାତିସମ୍ପନ୍ନ, ମହିମାମଣ୍ଡିତ ତଥା ଧନ ଓ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ହେବ । ସେ ସସଂାରକୁ ଆସିବେ ଏବଂ ନିଜ ଆରୋଗ୍ୟ ପ୍ରଦାନକାରୀ ତଥା ସତ୍ୟାତ୍ମାର ଆଶୀର୍ବାଦ ଦ୍ୱାରା ଅନେକଙ୍କୁ (ସାଂସାରିକ ଏବଂ ଆଧ୍ୟାତ୍ମିକ) ବ୍ୟାଧିରୁ ଆରୋଗ୍ୟ ପ୍ରଦାନ କରିବେ। ସେ ହେଉଛନ୍ତି ***କଲିମତୁଲ୍ଲାଃ*** (ଅର୍ଥାତ ଅଲ୍ଲାଃଙ୍କର ଏକ ବାକ୍ୟ) । କାରଣ ଈଶ୍ୱରଙ୍କ ଦୟା ଏବଂ ଅନୁଗ୍ରହ ତାଙ୍କୁ କଲମାଃ ତମଜିଦ (ଅର୍ଥାତ ପ୍ରଶଂସିତ ବାକ୍ୟ) ସହିତ ପଠାଇଛନ୍ତି । ସେ ଅତ୍ୟନ୍ତ ବୁଦ୍ଧିମାନ ଓ ବିନମ୍ର ହୃଦୟର ଅଧିକାରୀ ହେବେ । ବାହ୍ୟ ଏବଂ ଆଭ୍ୟନ୍ତରୀଣ ଜ୍ଞାନରେ ପରିପୂର୍ଣ୍ଣ ହେବେ । ସେ ତିନିକୁ ଚାରିରେ ରୁପାନ୍ତରିତ କରିବେ (ଏହାର ଅର୍ଥ ବୁଝିହେଲା ନାହିଁ) । ସୋମବାର, ଶୁଭେଚ୍ଛା ସୋମବାର । ***ଫରଜନ୍ଦ ଦିଲବନ୍ଦ ଗିରାମୀ ଅର୍ଜମନ୍ଦ ମଜହରୁଲ ଅଓ୍ୱଲି ଓ୍ୱଲ ଆଖିରି ମଜହରୁଲ ହକ୍କି ଓ୍ୱଲ ଆଲାଇ କଅନ୍ନଲ୍ଲାହା ନଜଲା ମିନସ ସମାଇ*** (ଅର୍ଥାତ ପ୍ରିୟତମ ସନ୍ତାନ ଯିଏ ହେଉଛନ୍ତି ଆଦି ଓ ଅନ୍ତର ଏକ ପ୍ରକାଶ, ସତ୍ୟ ଓ ମହାତ୍ମ୍ୟତାର ପ୍ରକାଶ । ସତେ ଯେପରି ଈଶ୍ୱର ସ୍ୱର୍ଗଲୋକରୁ ଓହ୍ଲାଇ ଆସିଛନ୍ତି) ଯାହାଙ୍କ ଅବତରଣ ଅତ୍ୟନ୍ତ ଆଶୀର୍ବାଦପୂର୍ଣ୍ଣ, ମଙ୍ଗଳଦାୟକ ତଥା ଈଶ୍ୱରୀୟ ମହିମାକୁ ପରିପ୍ରକାଶ କରିବାର କାରଣ ହେବ । ଜ୍ୟୋତି ଆସୁଅଛି ଜ୍ୟୋତି,ଏପରି ଜ୍ୟୋତି ଯାହାକୁ ଈଶ୍ୱର ନିଜ ପ୍ରସନ୍ନତାର ଅତର ଦ୍ୱାରା ସୁଗନ୍ଧିତ କରିଛନ୍ତି । ଆମ୍ଭେ ତା'ମଧ୍ୟରେ ନିଜର ଆତ୍ମାକୁ ଢାଳିବୁ ଏବଂ ଈଶ୍ୱରଙ୍କ ଛତ୍ରଛାୟା ତାଙ୍କ ମୁଣ୍ଡ ଉପରେ ରହିବ। ସେ ଶୀଘ୍ର ଶୀଘ୍ର ବୃଦ୍ଧି ପାଇବ ଏବଂ ବନ୍ଦିମାନଙ୍କ ମୁକ୍ତିର କାରଣ ହେବ । ସେ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଖ୍ୟାତି ଅର୍ଜନ କରିବ । କୌମେଁ (ଅର୍ଥାତ ପ୍ରତ୍ୟେକ ଜାତି ଓ ଧର୍ମର ଲୋକେ) ତାହାଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ । ତା'ପରେ ତାଙ୍କର ପ୍ରାଣବିନ୍ଦୁ ଆକାଶ୍‌କୁ ଉଠିବ । ***ଓ୍ୱ କାନା ଅମରନ୍ ମକଜିୟାଃ*** (ଅର୍ଥାତ ଏହା ହେଉଛି ଏକ ନିର୍ଣ୍ଣାୟକ ଓ ଅଟଳ ଆଦେଶ)''

***(ମଜମୁଆ ଇଶ୍‌ତେହାରାତ, ଖ-୦୧, ପୃ-୧୦୦,ଇଶ୍‌ତେହାର ୨୦ ଫେବୃୟାରୀ ୧୮୮୬ ମସିହା)***

# : ଖୁତ୍‌ବା ଜୁମା :

ଗତକାଲି ରାତିରେ ଯେବେ ମୁଁ ଜନ୍ନତ(ଅର୍ଥାତ ବୈକୁଣ୍ଠ)ରେ ପ୍ରବେଶ କଲି,ମୁଁ ଦେଖିଲି ଯେ ଜାଫର ଫରିସ୍ତା (ଅର୍ଥାତ ଦେବଦୂତ) ମାନଙ୍କ ସହିତ ଉଡ଼ିବୁଲୁଛନ୍ତି ଯେବେକି ହମଜାଃ ଗୋଟିଏ ସିଂହାସନ ଉପରେ ଆଉଜି ବସିଛନ୍ତି । (ହଦିସ)

କେତେକ ସାହାବା,ଯାହାଙ୍କ ବିଷୟରେ ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି,
କିନ୍ତୁ ପରେ ସେମାନଙ୍କ ସମ୍ବନ୍ଧରେ କିଛି ତଥ୍ୟ ବା ବିବରଣୀ ହସ୍ତଗତ ହୋଇଅଛି.....
ମୁଁ ଏହା ଉଚିତ ମଣିଲି ଯେ ଏହାକୁ ବି କିଛି ଖୁତବାରେ ବର୍ଣ୍ଣନା କରିଦେବି, ଯଦ୍ଵାରା ଲୋକମାନଙ୍କ ଜ୍ଞାନରେ ଅଭିବୃଦ୍ଧି ହେବ ଏବଂ ଅଧିକରୁ ଅଧିକ ଲୋକେ ଏ ବିଷୟକୁ ଶୁଣି ପାରିବେ ।

ନବି କରିମ ସ ଆ ସଙ୍କୁ ହମଜାଃ ନାମଟି ବହୁତ ପସନ୍ଦ ଥିଲା ।

ମୁଁ ଏବେ ଦୁଆ (ପ୍ରାର୍ଥନା) ଶେଷ କରିନଥିଲି ଯେ ମିଥ୍ୟା ମୋଠାରୁ ଅପସରିଗଲା ଏବଂ ମୋ ହୃଦୟ ବିଶ୍ଵାସରେ ପରିପୂର୍ଣ୍ଣ ହୋଇଗଲା । ତା'ପରେ ପୁଣି ମୁଁ ସକାଳେ ରସୁଲେ କରିମ ସ ଆ ସଙ୍କ ଗୋଚରେ ଉପସ୍ଥିତ ହୋଇ ଏହି ସମସ୍ତ ଘଟଣାବଳୀ ବର୍ଣ୍ଣନା କଲି । ଏଥିରେ ନବି କରିମ ସ ଆ ସ ମୋ ପାଇଁ ପ୍ରାର୍ଥନା କଲେ ଯେ, ଅଲ୍ଲାଃ ମୋତେ ସ୍ଥିରତା ପ୍ରଦାନ କରନ୍ତୁ । *(ହଜରତ ହମଜାଃ ର ଅ)*

ହେ କୁରୈଶର ସମ୍ପ୍ରଦାୟ ! ମୁଁ ଦେଖିବାକୁ ପାଇଲି ଯେ ମୁସଲମାନମାନଙ୍କ ସେନାରେ ମୃତୟନ ଥିବା ଓଟଗୁଡ଼ିକ ନିଜ ଉପରେ କୌଣସି ଲୋକଙ୍କୁ ନୁହେଁ ବରଂ ମୃତ୍ୟୁକୁ (ଅର୍ଥାତ ଯମକୁ) ଉଠାଇ ରଖିଛନ୍ତି ଏବଂ ଏପରି ଲାଗୁଥିଲା ସତେ ଯେପରି ଯସରବ (ମଦିନା) ର ଷଣ୍ଢମାନଙ୍କ ଉପରେ ଧ୍ଵଂସକାରୀ (ଯମ) ଚଢି ବସିଅଛି ।''

ଜଣେ ମୁସରିକର ଏ ସ୍ଵିକାରୋକ୍ତି ଯେ ଯେତେବେଳେ ମଦ୍ୟପାନ ହରାମ (ଅର୍ଥାତ ଅବୈଧ ଘୋଷିତ) ହେଲା, ସେତେବେଳେ ଏହି ଲୋକମାନେ ତା ନିକଟକୁ (ଅର୍ଥାତ ମଦ ନିକଟକୁ) ଗଲେ ହିଁ ନାହିଁ । ଦେଖନ୍ତୁ ଅଲ୍ଲାଃତାଲାଙ୍କ ଆଦେଶକୁ ମାନିବା ପାଇଁ ସାହାବା ମାନଙ୍କର ଅବସ୍ଥା ଏପରି ଥିଲା ଯେ ତତକ୍ଷଣାତ ସେମାନେ ମଦ ରଖା ଯାଇଥିବା ମାଟି ହାଣ୍ଡିଗୁଡ଼ିକୁ ଭାଙ୍ଗି ଦେଲେ ।

ଯେବେ ଇହୁଦୀମାନେ ଦେଖିଲେ ଯେ ମୁସଲମାନମାନେ ମଦିନାରେ ଅଧିକ ଶକ୍ତି ହାସଲ କରିଚାଲିଛନ୍ତି,ସେତେବେଳେ ସେମାନଙ୍କର ମତ ବଦଳିବା ଆରମ୍ଭ ହେଲା । ସୁତରାଂ ସେମାନେ ମୁସଲମାନମାନଙ୍କ ଶକ୍ତିକୁ ଏପରି ବୃଦ୍ଧି ପାଉଥିବା ଦେଖି,ତାହାକୁ ରୋକିବା ପାଇଁ ମନସ୍ଥ କଲେ ଏବଂ ଏଇଥି ପାଇଁ ସେମାନେ ସମସ୍ତ ପ୍ରକାରର ଉଚିତ ତଥା ଅନୁଚିତ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଦେଲେ ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ଚାଚା ମହାନ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି**

**ହଜରତ ହମଜାଃ ର ଅଙ୍କ ଗୁଣ ଗାରିମାର ବର୍ଣ୍ଣନା**

**ଦୁନିଆର ଖରାପ ଅବସ୍ଥାକୁ ଦୃଷ୍ଟିରେ ରଖି ନୂତନ ବର୍ଷର ପ୍ରାରମ୍ଭରେ ଈଶ୍ଵରଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ଆହ୍ଵାନ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ(ପଂଚମ)ଅ.ବ**
**(ପ୍ରଦତ: ୩୦ ଡ଼ିସେମ୍ବର ୨୦୨୨ ଅନୁଯାୟୀ ୩୦ ଫତହ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ବିଷୟରେ ଯେଉଁ ଚର୍ଚ୍ଚା ଚାଲିଥିଲା,ତାହାର ପରିସମାପ୍ତିରେ ମୁଁ ଏକଥା କହିଥିଲି ଯେ ବଦରୀ ସାହାବା (ଅର୍ଥାତ ବଦର ଯୁଦ୍ଧରେ ସାମିଲ ହୋଇଥିବା ସାହାବା) ମାନଙ୍କ ବିଷୟରେ ବର୍ଣ୍ଣନା ଏବେ ଶେଷ ହୋଇଛି । କିନ୍ତୁ କେତେକ ସାହାବା ଏପରି ଅଛନ୍ତି,ଯେଉଁମାନଙ୍କ ବିଷୟରେ ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଥିଲେ ବି ପରେ ସେମାନଙ୍କ ସମ୍ବନ୍ଧରେ କିଛି କଥା ବା କିଛି ବିବରଣୀ ହସ୍ତଗତ ହୋଇଛି । ମୁଁ ସେ ବିଷୟରେ କୌଣସି ସମୟରେ ବର୍ଣ୍ଣନା କରିବି ବା ଯେବେ ସେମାନଙ୍କ ବିଷୟରେ ପ୍ରକାଶିତ ହେବ,ସେତେବେଳେ ତାହା ଅନ୍ତର୍ଭୁକ୍ତ କରାଯିବ । କେତେକ ଲୋକେ ଏହା ଲେଖିଛନ୍ତି ଯେ ଏହି ଇତିହାସକୁ ଶୁଣି ଆମକୁ ବହୁତ ଲାଭ ମିଳିଛି, ତେଣୁ ଖୁତବାଗୁଡ଼ିକରେ ମଧ୍ୟ ଏହି ଅଂଶକୁ ବର୍ଣ୍ଣନା କରାଯିବା ଉଚିତ । ସେଥିଯୋଗୁଁ ମୁଁ ଏହା ଉଚିତ ମଣିଲି ଯେ ଏହାକୁ ବି କିଛି ଖୁତବାରେ ବର୍ଣ୍ଣନା କରିଦେବି,ଯଦ୍ଵାରା ଲୋକମାନଙ୍କ ଜ୍ଞାନରେ ଅଭିବୃଦ୍ଧି ହେବ ଏବଂ ଅଧିକରୁ ଅଧିକ ଲୋକେ ଏ ବିଷୟରେ ଶୁଣି ପାରିବେ ଓ ଜାଣିପାରିବେ ।

ସେ ଯାହା ବି ହେଉ ଏ ପ୍ରସଙ୍ଗରେ ପ୍ରଥମ ଚର୍ଚ୍ଚା ହଜରତ ହମଜାଃଙ୍କ ବିଷୟରେ କରାଯିବ । ହଜରତ ହମଜାଃ ର ଅ ହଜରତ ମୁହମ୍ମଦ ସ ଆ ସଙ୍କ ଚାଚା ଥିଲେ ଏବଂ ତାଙ୍କର ବହୁତ ପ୍ରିୟ ଥିଲେ । ଯାହାର ପରିପ୍ରକାଶ ହଜରତ ମୁହମ୍ମଦ ସ ଆ ସ ଅନେକ ସ୍ଥାନରେ କରିଛନ୍ତି ଏବଂ ହଜରତ ହମଜାଃ ର ଅ ମଧ୍ୟ ଏ ବିଷୟରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ହୋଇପାରେ ସଂକ୍ଷେପରେ ପୁନର୍ବାର କିଛି ଘଟଣାର ପୁନରାବୃତ ଏଠାରେ କରାଯିବ ।

ରିୱାୟତ (ବର୍ଣ୍ଣନା) ରେ ଆସିଛି ଯେ ନବି କରିମ ସ ଆ ସ ଙ୍କୁ ହମଜାଃ ନାମଟି ବହୁତ ପସନ୍ଦ ଥିଲା । ହଜରତ ଜାବିର ବିନ ଅବ୍ଦୁଲ୍ଲାଃ ର ଅ ବର୍ଣ୍ଣନା କରିଛନ୍ତ ଯେ ଆମ ମଧ୍ୟରୁ ଜଣଙ୍କ ଘରେ ପୁଅ ଜନ୍ମ ହେଲା । ସେ ପଚାରିଲା ଯେ ଏହି ପୁଅର ନାମ କ'ଣ ରଖିବା ? ନବି କରିମ ସ ଆ ସ କହିଲେ ଯେ : ଏହି ପିଲାଟିର ନାମ ହମଜାଃ ବିନ ଅବ୍ଦୁଲ ମୁତଲିବ ନାମ ଅନୁସାରେ ହମଜାଃ ରଖନ୍ତୁ । ମୋତେ ଏହି ନାମଟି ସବୁନାମଠାରୁ ଅଧିକ ପସନ୍ଦ । ***(ମୁସତଦରକ ଅଲଲ ସହିହୀନ ଲିଲହାକିମ,ଭାଗ-୦୫, ପୃ-୧୮୩୧,କିତାବ ମାରେଫତୁସ ସାହାବାଃ,ହଦିସ ନଂ-୪୮୮୮,ପ୍ରକାଶିତ ମକତବାଃ ନଜାରୁଲ ବାଜ ରିୟାଜ)***

ହଜରତ ହମଜାଃ ର ଅଙ୍କ ପତ୍ନୀ ଏବଂ ତାଙ୍କ ସନ୍ତାନମାନଙ୍କ ବିଷୟରେ ତବକାତୁଲ କୁବରାରେ ଉଲ୍ଲେଖ ରହିଛି ଯେ ହଜରତ ହମଜାଃ ର ଅ ଅଓସ କବିଲାର ମିଲ୍ଲିହ୍ ବିନ ମାଲିଙ୍କ ଝିଅ ସହିତ ବିବାହ କରିଥିଲେ । ତାଙ୍କ ଗର୍ଭରୁ ୟାଲା ଏବଂ ଆମିର ଜନ୍ମ ହୋଇଥିଲେ । ତାଙ୍କ ପୁତ୍ର ୟାଲାଙ୍କ ନାମ ଅନୁସାରେ ହିଁ ହଜରତ ହମଜାଃ ର ଅଙ୍କର ଗୋଟିଏ କୁନିୟତ (ଉପନାମ) ଥିଲା ଅବୁ ୟାଲା । ହଜରତ ହମଜାଃ ର ଅଙ୍କର ଆଉ ଜଣେ ପତ୍ନୀଙ୍କ ନାମ ଥିଲା ଖୌଲା ବିନତ କୈସ୍ ଅନସାରୀୟା ର ଅ । ତାଙ୍କ ଗର୍ଭରୁ ହଜରତ ଉମାରାଃ ର ଅ ଜନ୍ମ ହୋଇଥିଲେ । ତାଙ୍କ ନାମ ଅନୁସାରେ ହଜରତ ହମଜାଃ ନିଜର କୁନିୟତ ଅବୁ ଉମାରାଃ ରଖିଥିଲେ । ହଜରତ ହମଜାଃ ର ଅଙ୍କର ଆଉ ଗୋଟିଏ ବିବାହ ହଜରତ ଅସମାଅ ବିନତ ଉମୈସ ର ଅଙ୍କ ଭଉଣୀ ହଜରତ ସଲମାଃ ବିନତ ଉମୈସ ର ଅ ଙ୍କ ସହିତ ହୋଇଥିଲା । ତାଙ୍କ ଗର୍ଭରୁ ଗୋଟିଏ ଝିଅ ଜନ୍ମ ହୋଇଥିଲା । ସେହି ଝିଅଟିର ନାମ ହଜରତ ଉମାମାଃ ର ଅ ଥିଲା । ଇଏ ହେଉଛନ୍ତି ସେହି ଉମାମାଃ,ଯାହାଙ୍କ ସମ୍ବନ୍ଧରେ ହଜରତ ଅଲୀ, ହଜରତ ଜାଫର୍ ଏବଂ ହଜରତ ଜୈଦ୍ ବିନ ହାରିସାଃ ର ଅଙ୍କ ମଧ୍ୟରେ ବିବାଦ ଉପୁଜି ଥିଲା । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏହା ଚାହୁଁଥିଲେ ଯେ ହଜରତ ଉମାମାଃ ତାଙ୍କ ନିକଟରେ ରହନ୍ତୁ,କିନ୍ତୁ ନବି କରିମ ସ ଆ ସ ହଜରତ ଜାଫର ବିନ ଅବି ତାଲିବ ର ଅଙ୍କ ସପକ୍ଷରେ ରାୟ ଦେଲେ ଯେ ହଜରତ ଉମାମାଃ ତାଙ୍କ ନିକଟରେ ରହନ୍ତୁ । କାରଣ ହଜରତ ଉମାମାଃ ର ଅ ଙ୍କ ଖାଲା (ମାଉସୀ) ହଜରତ ଅସମାଅ ବିନତ ଉମୈସ ର ଅ ହଜରତ ଜାଫର ର ଅଙ୍କୁ ବିବାହ କରିଥିଲେ । ହଜରତ ହମଜାଃ ର ଅଙ୍କ ପୁଅ ୟାଲାଙ୍କ ସନ୍ତାନ ମାନଙ୍କ ମଧ୍ୟରେ ଉମାରାଃ, ଫଜଲ, ଜୁବୈର, ଅକିଲ ଏବଂ ମୁହମ୍ମଦ ଥିଲେ । କିନ୍ତୁ ସମସ୍ତେ ମରିଯାଇଥିଲେ । ଏହିପରି ଭାବରେ ନା ତ ହମଜାଃ ର ଅଙ୍କର କୌଣସି ସନ୍ତାନ ଜୀବିତ ରହିଲେ ନା ତାଙ୍କର ବଂଶ ଆଗକୁ ଚାଲି ପାରିଲା ।

***(ତବକାତୁଲ କୁବରାଃ, ଭାଗ-୦୨,ପୃ-୪୬ ଦାରୁଲ ଫିକର୍ ବେରୁତ)***

ହଜରତ ହମଜାଃ ର ଅ ଙ୍କ ସୁପୁତ୍ରୀ ଉମାମାଃଙ୍କ ବିଷୟରେ ହଜରତ ଅଲୀ ର ଅ,ହଜରତ ଜାଫର ର ଅ ଏବଂ ହଜରତ ଜୈଦ୍ ବିନ ହାରିସାଃ ର ଅ ଙ୍କ ମଧ୍ୟରେ ଯେଉଁ ବିବାଦ ବିଷୟରେ ଏଠାରେ ଏବେ ଚର୍ଚ୍ଚା ହୋଇଥିଲା, ତାହାର ବିବରଣୀ ବୁଖାରୀରେ ଏପରି ଆସିଛି ଯେ : ହଜରତ ବରାଅ ବିନ ଆଜିବ ର ଅ ଙ୍କଠାରୁ ବର୍ଣ୍ଣିର ଅଛି ଯେ, ସେ କୁହନ୍ତି କି ଯେବେ ରସୁଲେ କରିମ ସ ଆ ସ ଜିକାଦାଃରେ ଉମରାଃ କରିବା ପାଇଁ ମନସ୍ଥ କଲେ,ସେତେବେଳେ ମକ୍କାର ଲୋକମାନେ ମହାଭାଗ ସ ଆ ସଙ୍କୁ ମକ୍କାରେ ପ୍ରବେଶ କରିବାକୁ ମନାକରିଦେଲେ । ଶେଷରେ ମହାଭାଗ ସ ଆ ସ ସେମାନଙ୍କ ସହିତ ଏହି ସର୍ତ୍ତର ଶାନ୍ତି ଚୁକ୍ତି କରିଲେ ଯେ ଆପଣ ସ ଆ ସ ଆସନ୍ତା ବର୍ଷ ଉମରାଃ କରିବାକୁ ଆସି ଏଠାରେ ତିନି ଦିନ ପର୍ଯ୍ୟନ୍ତ ରହିବେ । ଯେତେବେଳେ ଶାନ୍ତି ଚୁକ୍ତି ଲେଖିବା ଆରମ୍ଭ କଲେ,ଯେମିତି କି ଉଲ୍ଲେଖ ରହିଛି ଯେ ଏହା ସବୁ ସେହି ସର୍ତାବଳୀ ଥିଲା,ଯାହା ଉପରେ ଅଲ୍ଲାଃଙ୍କ ଦୂତ ମୁହମ୍ମଦ ସ ଆ ସ ଶାନ୍ତି ଚୁକ୍ତି କରିଥିଲେ । ସେତେବେଳେ ମକ୍କାର ଲୋକମାନେ କହିଲେ ଯେ ଆମେ ଏହାକୁ (ଅର୍ଥାତ ଏପରି ସର୍ତାବଳୀକୁ) ଗ୍ରହଣ କରୁନାହୁଁ । ଯଦି ଆମେ ଏକଥାକୁ ଜାଣିଥାନ୍ତୁ ଯେ ଆପଣ ହେଉଛନ୍ତି ଅଲ୍ଲାଃଙ୍କ ରସୁଲ ବୋଲି,ତାହେଲେ ଆମେ ଆପଣଙ୍କୁ କେବେ ବି ଅଟକାଇ ନଥାନ୍ତୁ, କିନ୍ତୁ ଏଠାରେ ଆପଣ କେବଳ ହେଉଛନ୍ତି ମୁହମ୍ମଦ ବିନ ଅବ୍ଦୁଲ୍ଲାଃ । ସୁତରାଂ ମହାଭାଗ ସ ଆ ସ କହିଲେ ଯେ ମୁଁ ହେଉଛି ଉଭୟ ଅଲ୍ଲାଃଙ୍କ ରସୁଲ ଏବଂ ମୁହମ୍ମଦ ବିନ ଅବ୍ଦୁଲ୍ଲାଃ । ପୁଣି ମହାଭାଗ ସ ଆ ସ ହଜରତ ର ଅ ଙ୍କୁ କହିଲେ ଯେ ରସୁଲୁଲ୍ଲାଃ ଶବ୍ଦଟିକୁ ଏହି (ଚୁକ୍ତିନାମାରୁ) ଲିଭାଇଦିଅ । ଅଲୀ କହିଲେ କଦାପି ଲିଭାଯିବ ନାହିଁ । ଅଲ୍ଲାଃଙ୍କ ରାଣ ! ମୁଁ ଆପଣଙ୍କ ଉପାଧିକୁ କେବେ ବି ଲିଭାଇପାରିବି ନାହିଁ । ରସୁଲୁଲ୍ଲାଃ ସ ଆ ସ ଲେଖାଯାଇଥିବା କାଗଜକୁ ନେଇଗଲେ,ଏବଂ ମହାଭାଗ ସ ଆ ସ ଭଲ ଭାବରେ ଲେଖିବା ଜାଣି ନଥିଲେ । ସୁତରାଂ ମହାଭାଗ ସ ଆ ସ ଏପରି ଲେଖିଲେ : ଏହି ସମସ୍ତ ସର୍ତାବଳୀଗୁଡ଼ିକୁ ମୁହମ୍ମଦ ବିନ ଅବ୍ଦୁଲ୍ଲାଃଙ୍କ ତରଫରୁ କରାଯାଇଅଛି । ମକ୍କା ଭିତରକୁ କିଏ ବି କୌଣସି ଅସ୍ତ୍ରଶସ୍ତ୍ର ଧରି ଆସିବେ ନାହିଁ । କେବଳ ଖୋଳ ଭିତରେ ବନ୍ଦ ହୋଇ ରହିଥିବା ତରବାରୀ ହିଁ ଆସିପାରିବ । ମକ୍କାର କୌଣସି ଲୋକଙ୍କୁ ସାଥିରେ ନେଇଯାଇପାରିବେ ନାହିଁ, ଯଦିଓ ସେ ତାଙ୍କ ସହିତ ଯିବାକୁ ଚାହୁଁଥାଉ ନା କାହିଁକି । ଯଦି ନିଜ ସାଥିମାନଙ୍କ ମଧ୍ୟରୁ କିଏ ମକ୍କାରେ ରହିବାକୁ ଚାହାଁନ୍ତି ତାହେଲେ ସେମାନେ ନିଜର ସେହି ସାଥିଙ୍କୁ ଅଟକାଇବେ ନାହିଁ । ସେ ଯାହା ବି ହେଉ ଯେତେବେଳେ ଚୁକ୍ତିନାମା ଅନୁଯାୟୀ,ମହାଭାଗ ସ ଆ ସ ଆସନ୍ତା ବର୍ଷ ମକ୍କାରେ ପ୍ରବେଶ କଲେ ଏବଂ ଚୁକ୍ତିନାମାର ଅବଧି ଶେଷ ହୋଇଗଲା, ସେତେବେଳେ କୁରୈଶ ହଜରତ ଅଲୀ ର ଅଙ୍କ ନିକଟକୁ ଆସି କହିଲେ ଯେ ନିଜ ସାଥିଙ୍କୁ କୁହ (ଅର୍ଥାତ ମୁହମ୍ମଦ ସ ଆ ସଙ୍କୁ କୁହ) ଯେ ସେ ଏବେ ଏଠାରୁ ଚାଲି ଯାଆନ୍ତୁ । କାରଣ ନିର୍ଦ୍ଦିଷ୍ଟ ସମୟସୀମା ପାର ହୋଇଯାଇଛି । ଅତେବ ନବି କରିମ ସ ଆ ସ ସେଠାରୁ ଚାଲିଗଲେ । ହଜରତ ହମଜାଃ ର ଅଙ୍କ ଝିଅ ମହାଭାଗ ସ ଆ ସଙ୍କ ପଛେ ପଛେ ଆସି ଡ଼ାକପକାଇଲା ଯେ ହେ ଚାଚା ! ହେ ଚାଚା ! ହଜରତ ଅଲୀ ଯାଇ ସେହି ଝିଅଟିର ହାତ ଧରି ପକାଇଲେ,ଏବଂ ହଜରତ ଫାତିମା ର ଅଙ୍କୁ କହିଲେ ଯେ ନିଜ ଚାଚାଙ୍କ ଝିଅଙ୍କୁ ନେଇଯାଅ । ସେ ତାକୁ ନେଇଗଲେ । ଏବେ ଅଲୀ,ଜୈଦ ଏବଂ ଜାଫର ହମଜାଃଙ୍କ ଝିଅ ବିଷୟରେ ଝଗଡ଼ିବାକୁ ଲାଗିଲେ । ଅଲୀ କହିଲେ ଯେ ମୁଁ ଏଇଥିପାଇଁ ତାକୁ ନେଇଗଲି ଯେ ସେ ମୋ ଚାଚାଙ୍କ ଝିଅ । ଜାଫର କହିବାକୁ ଲାଗିଲେ ଯେ ସେ ମଧ୍ୟ ମୋ ଚାଚାଙ୍କ ଝିଅ ଏବଂ ତା ମାଉସୀ ହେଉଛନ୍ତି ମୋ ପତ୍ନୀ । ପୁଣି ଜୈଦ କହିବାକୁ ଲାଗିଲେ ଯେ ସେ ମୋ ଭାଇଙ୍କ ଝିଅ । ତାପରେ ହଜରତ ନବି କରିମ ସ ଆ ସ ଏ ନିଷ୍ପତି କଲେ ଯେ ସେ (ଅର୍ଥାତ ହମଜାଃ ର ଅଙ୍କ ଝିଅ) ନିଜ ମାଉସୀଙ୍କ ନିକଟରେ ରହିବେ । ପୁଣି ମହାଭାଗ ସ ଆ ସ କହିଲେ : ଖାଲା (ମାଉସୀ) ମାଙ୍କ ପରି ହୋଇଥାନ୍ତି । ପୁଣି ମହାଭାଗ ସ ଆ ସ ହଜରତ ଅଲୀ ର ଅଙ୍କୁ କହିଲେ : ତୁମେ ହେଉଛ ମୋର ଏବଂ ମୁଁ ହେଉଛି ତୁମର । ଜାଫରଙ୍କୁ କହିଲେ: ତୁମେ ରୂପ ଓ ଗୁଣରେ ମୋ ପରି ଅଟ । ଜୈଦଙ୍କୁ କହିଲେ : ତୁମେ ହେଉଛ ଆମ ଭାଇ ଏବଂ ବନ୍ଧୁ । ଅଲୀ କହିଲେ ଯେ ଆପଣ ହମଜାଃ ର ଅଙ୍କ ଝିଅଙ୍କୁ ବିବାହ କରିନିଅନ୍ତୁ । ଏଥିରେ ମହାଭାଗ ସ ଆ ସ କହିଲେ ଯେ ସେ (ଅର୍ଥାତ ହମଜାଃ ର ଅଙ୍କ ଝିଅ) ହେଉଛନ୍ତି ଏମିତ ଲୋକର ଝିଅ ଯାହାଙ୍କ ବାପା ମୋ ସହିତ ମିଶି ଗୋଟିଏ ମହିଳାଙ୍କଠାରୁ ଖିର ଖାଇଥଲେ । ତେଣୁ ତାଙ୍କ ବାପା ମୋର ଭାଇ ହେଲେ,ଏବଂ ମୁଁ ସେହି ଝିଅର ଚାଚା ହେଲି । ***(ସହି ବୁଖାରୀ, କିତାବୁଲ ମଗାଜି, ବାବ ଉମରତୁଲ କଜାଅ, ହଦିସ ନଂ-୪୨୫୧)***

ଏହିପରି ଛୋଟ ଛୋଟ ସମସ୍ୟାଗୁଡ଼ିକ ମଧ୍ୟ ଏହିପରି ଘଟଣାବଳୀଗୁଡ଼ିକରେ ସମାଧାନ ହୋଇଯାଇଥାଏ । ବେଳେ ବେଳେ କଜାକୁ ଏହିପରି ମାମଲା ଆସିଥାଏ ଯେ ଖାଲା (ମାଉସୀ)ଙ୍କ ନିକଟକୁ କାହିଁକି ଯିବେ ? ଦେଖନ୍ତୁ ଏଠାରେ ଏହାର ନିଷ୍ପତି ହୋଇଗଲା।

ହଜରତ ହମଜାଃ ର ଅଙ୍କ ଇସଲାମ ଗ୍ରହଣ କରିବା ସମ୍ବନ୍ଧରେ ରୌଜୁଲ ଉନୁଫରେ ଉଲ୍ଲେଖ ରହିଛି ଯେ ଇବନେ ଇସହାକଙ୍କ ବ୍ୟତୀତ କେତେକ ହଜରତ ହମଜାଃ ର ଅଙ୍କ ଇସଲାମ ଗ୍ରହଣ କରିବା ସମ୍ବନ୍ଧରେ ଗୋଟିଏ କଥା ଯୋଡ଼ିଛନ୍ତି । ହଜରତ ହମଜାଃ ର ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ମତେ କ୍ରୋଧ ଆସିଲା,ମୁଁ କହିଦେଲି ଯେ ମୁଁ ଆଁ ହଜରତ ସ ଆ ସଙ୍କ ଧର୍ମରେ ରହିଛି । ଅର୍ଥାତ ପୂର୍ବରୁ ସବୁ ବିଷୟ କୁହା ସରିଛି ଯେ ଯେତେବେଳେ ହଜରତ ହମଜାଃ ର ଅଙ୍କ ଦାସୀ ହଜରତ ହମଜାଃ ର ଅଙ୍କୁ ଆଁ ହଜରତ ସ ଆ ସଙ୍କ ବିଷୟରେ କହିଲେ,ହଜରତ ହମଜାଃ ର ଅ (କହିଦେଲେ ଯେ) ମୁଁ ଆଁ ହଜରତ ସ ଆ ସଙ୍କ ଧର୍ମରେ ରହିଛି । ପରେ ମୁଁ ପଶ୍ଚାତାପ କଲି ଯେ ମୁଁ ମୋ ପିତୃପୁରୁଷଙ୍କ ଧର୍ମକୁ ପରିତ୍ୟାଗ କରିଦେଇଛି । ସୁତରାଂ ମୁଁ ଏହି ମହତ ବିଷୟରେ ଏତେ ସନ୍ଦେହରେ ରାତି ବିତାଇଲି ଯେ ମୁଁ କ୍ଷଣିକ ପାଇଁ ଶୋଇପାରିଲି ନାହିଁ । ତାପରେ ମୁଁ ଖାନା କାବା ନିକଟକୁ ଆସି ଅଲ୍ଲାଃତାଲାଙ୍କ ନିକଟରେ କ୍ରନ୍ଦନ କଲି ଯେ ହେ ଈଶ୍ୱର ! ସତ୍ୟ ପାଇଁ ମୋ ହୃଦୟକୁ ଖୋଲି ଦିଅନ୍ତୁ ଏବଂ ମୋ ନିକଟରୁ ସନ୍ଦେହ ଓ ଶଙ୍କାକୁ ଦୂର କରିଦିଅନ୍ତୁ ।

ମୁଁ ଏବେ ଦୁଆ (ପ୍ରାର୍ଥନା) ଶେଷ କରିନଥିଲି ଯେ ମିଥ୍ୟା ମୋଠାରୁ ଦୂର ହୋଇଗଲା ଏବଂ ମୋ ହୃଦୟ ବିଶ୍ୱାସରେ ପରିପୂର୍ଣ୍ଣ ହୋଇଗଲା। ସକାଳ ହେବା ମାତ୍ରେ ମୁଁ ରସୁଲୁଲ୍ଲାଃ ସ ଆ ସଙ୍କ ନିକଟରେ ଉପସ୍ଥିତ ହେଲି ଏବଂ ନିଜର ସମସ୍ତ ଅବସ୍ଥା ବିଷୟରେ ଅବଗତ କରାଇଲି। ଏଥିରେ ନବି କରିମ ସ ଆ ସ ମୋ ପାଇଁ ଦୁଆ କଲେ ଯେ ଅଲ୍ଲାଃ ମତେ ସ୍ଥିରତା ପ୍ରଦାନ କରି ଦୃଢ ରଖନ୍ତୁ । ***(ରୌଜୁଲ ଉନୁଫ,ଭା-୦୨,ପୃ-୪୪-୪୫,ଦାରୁଲ କୁତୁବୁଲ ଅଲମିୟା ବେରୁତ)***

ହଜରତ ଅମ୍ମାର ବିନ ଅବୁ ଅମାର ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜରତ ହମଜାଃ ବିନ ଅବ୍ଦୁଲ ମୁତଲିବ ର ଅ ନବି କରିମ ସ ଆ ସଙ୍କ ନିକଟରେ ଅନୁରୋଧ କରି କହିଲେ ଯେ ତାଙ୍କୁ ଜିବ୍ରାଇଲ ଆ ସଙ୍କୁ ତାଙ୍କ ପ୍ରକୃତ ରୂପରେ ଦେଖାଇଦିଅନ୍ତୁ । ଏଥିରେ ଆଁହଜରତ ସ ଆ ସ କହିଲେ ଯେ ତାଙ୍କୁ ଦେଖିବା ପାଇଁ ତୁମର ଶକ୍ତି ନାହିଁ । ପୁଣି ହଜରତ ହମଜାଃ ର ଅ ପଚାରିଲେ ଯେ କାହିଁକି ନୁହେଁ ? ମହାଭାଗ ସ ଆ ସ କହିଲେ ଯେ ଯଦି ତୁମେ ଦେଖିବାକୁ ଚାହୁଁଛ ତା'ହେଲେ ନିଜ ସ୍ଥାନରେ ବସି ରୁହ । ବର୍ଣ୍ଣନାକାରୀ କୁହନ୍ତି ଯେ ସେହିକ୍ଷଣି ଜିବ୍ରାଇଲ ଆ ସ ଖାନା କାବାର ସେହି କାଠ ଉପରେ ଉହ୍ଲାଇଲେ,ଯେଉଁ କାଠ ଉପରେ ମୁସରିକମାନେ ତୱାଫ କରିବା ସମୟରେ ନିଜର ବସ୍ତ୍ରକୁ ରଖୁଥିଲେ । ପୁଣି ନବି କରିମ ସ ଆ ସ କହିଲେ ଯେ ନିଜର ଆଖିକୁ ଉପରକୁ ଉଠାଇ ଦେଖ । ଯେବେ ସେ ଚାହିଁଲେ,ଦେଖିବାକୁ ପାଇଲେ ଯେ ଜିବ୍ରାଇଲ ଆ ସଙ୍କ ପାଦ ଯୁଗଳ ସବଜ ଜବରଜଦ (ଅର୍ଥାତ ସବୁଜ ନୀଳମଣି) ସଦୃଶା ତାପରେ ସେ ବେହୋସ ହୋଇ ତଳେ ଖସି ପଡ଼ିଗଲେ।

ଜବରଜଦ ମଧ୍ୟ ଗୋଟିଏ ମୂଲ୍ୟବନ ପଥର,ଓ ତାହା ଜମରୁଦ ସଦୃଶ ଗୋଟିଏ ପଥର ଅଟେ । ***(ତବକାତୁଲ କୁବରା,ଭା-୦୩,ପୃ-୦୮,ଦାରୁଲ କୁତୁବୁଲ ଅଲମିୟା ବେରୁତ)(ମୁନଜିଦ ଜେରେ ମାଦାଃ ଜବର)***

ସଫର ମାସ ଦୁଇ ହିଜରୀରେ ରସୁଲେ କରିମ ସ ଆ ସ ମୁହାଜିରମାନଙ୍କର ଗୋଟିଏ ଜମାତ (ଦଳ) ସହିତ ମଦିନାରୁ ଅବୱାଅ ଆଡ଼କୁ ବାହାରିଲେ । ସେହି ଦଳରେ ହଜରତ ହମଜାଃ ର ଅ ମଧ୍ୟ ସାମିଲ ଥିଲେ । ଏହି ଯୁଦ୍ଧରେ ହଜରତ ମୁହମ୍ମଦ ସ ଆ ସଙ୍କ ଧ୍ୱଜାକୁ ହଜରତ ହମଜାଃ ର ଅ ଧରିଥିଲେ,ଏବଂ ସେହି ଧ୍ୱଜାର ରଙ୍ଗ ଧଳା ଥିଲା । ମହାଭାଗ ସ ଆ ସ ନିଜ ଅନୁପସ୍ଥିତିରେ ହଜରତ ସାଆଦ ର ଅଙ୍କୁ ବା ଆଉ ଗୋଟିଏ ରିୱାୟତ ଅନୁଯାୟୀ ହଜରତ ସାଆଦ ବିନ ଉବାଦାଃ ର ଅଙ୍କୁ ମଦିନାର ଅମୀର ଭାବରେ ନିଯୁକ୍ତ କରିଥିଲେ । ଏହି ଅଭିଯାନରେ ଯୁଦ୍ଧ ହୋଇନଥିଲା ଏବଂ ବନୁ ଜମରାଅ ସହିତ ସୁଲାହ (ଶାନ୍ତି ଚୁକ୍ତି) ହୋଇଥିଲା ।

ଏହା ଥିଲା ପ୍ରଥମ ଯୁଦ୍ଧ ଯେଉଁଥିରେ ରସୁଲେ କରିମ ସ ଆ ସ ନିଜେ ଅଂଶଗ୍ରହଣ କରିଥିଲେ ।

ଏହି ଅଭିଯାନ (ଯୁଦ୍ଧ) ର ଆଉ ଏକ ନାମ ହେଉଛି ୱଦାନ । ***(ସୁବୁଲୁଲ ହୁଦା ୱର ରଶାଦ,ଭା-୦୪,ପୃ-୧୪,ବାବ ସାଲିସ ଫି ଗଜୱତୁଲ ଅବୱାଅ,ଦାରୁଲ କୁତୁବୁଲ ଅଲମିୟା ବେରୁତ)***

ଏ ସମ୍ବନ୍ଧରେ ହଜରତ ମିର୍ଜା ବଶିର ଅହେମଦ ସାହେବ ର ଅ ସିରତ ଖାତମୁନ ନବିୟୀନ ପୁସ୍ତକରେ ଲେଖିଛନ୍ତି ଯେ" ହିଜରତ କରିବାର ଦ୍ୱିତୀୟ ବର୍ଷ ସଫର ମାସରେ ଜିହାଦ କରିବା ପାଇଁ ଐଶୀବାଣୀ ଅବତୀର୍ଣ୍ଣ ହେଲା । କୁରୈଶର ରକ୍ତପାତ ଉଦ୍ଦେଶ୍ୟ ଏବଂ ସେମାନଙ୍କ ବିପଜ୍ଜନକ କାର୍ଯ୍ୟକଳାପ ସାମ୍ନାରେ ମୁସଲମାନମାନଙ୍କୁ ସୁରକ୍ଷିତ ରଖିବା ଅତ୍ୟନ୍ତ ଆବଶ୍ୟକ ଥିଲା । ତେଣୁ ମହାଭାଗ ସ ଆ ସ ସେହି ମାସରେ ମୁହାଜିରମାନଙ୍କର ଗୋଟିଏ ଦଳକୁ ସାଥିରେ ଧରି ଅଲ୍ଲାଃଙ୍କ ନାମ ଉଚ୍ଚାରଣ କରି ମଦିନାରୁ ବାହାରି ପଡ଼ିଲେ । ବାହାରିବା ସମୟରେ ମହାଭାଗ ନିଜ ପଛରେ ନିଜ ଅନୁପସ୍ଥିତିରେ ଖଜରଜ କବିଲାର ରଇସ (ମୁଖିଆ) ହଜରତ ସାଆଦ ବିନ ଉବାଦାଃ ର ଅଙ୍କୁ ମଦିନାର ଅମୀର ଭାବରେ ନିଯୁକ୍ତ କରିଥିଲେ । ପୁଣି ମଦିନାର ଦକ୍ଷିଣ ପଶ୍ଚିମ ଦିଗକୁ ମକ୍କା ଆଡ଼କୁ ଯାତ୍ରା କରିବା ଆରମ୍ଭ କରିଦେଲେ । ଶେଷରେ ଯାଇ ୱଦାନଠାରେ ପହଁଚିଗଲେ । ସେହି ଇଲାକାରେ ବନୁ ଜମରାଃ କବିଲାର ଲୋକମାନେ ବସବାସ କରୁଥିଲେ। ଏହି କବିଲାଟି ବନୁ କନାନାଃ କବିଲାର ଶାଖା ଥିଲା । ଏହିପରି ଦେଖିବାକୁ ଗଲେ ଏମାନେ କୁରୈଶର ନିକଟ ସମ୍ପର୍କୀୟ ଥିଲେ । ସେଠାରେ ପହଂଚିବା ପରେ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ବନୁ ଜମରାଃ କବିଲାର ରଇସ (ମୁଖିଆ)ଙ୍କ ସହିତ ଆଲୋଚନା କଲେ । ପୁଣି ପାରସ୍ପାରିକ ସମ୍ମତି ଦ୍ୱାରା ଗୋଟିଏ ଚୁକ୍ତି ହୋଇଥିଲା । ସେହି ଚୁକ୍ତିର ସର୍ତାବଳୀଗୁଡ଼ିକ ଏପରି ଥଲା ଯେ ବନୁ ଜମରାଃ ମୁସଲମାନ ମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିବେ ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ କୌଣସି ଶତୃଙ୍କୁ ସାହାଯ୍ୟ କରିବେ ନାହିଁ । ଯେବେ ସେମାନଙ୍କୁ ମହାଭାଗ ସ ଆ ସ ମୁସଲଲମାନ ମାନଙ୍କୁ ସାହାଯ୍ୟ କରିବା ପାଇଁ ଡ଼ାକିବେ,ସେମାନେ ତୁରନ୍ତ ଚାଲି ଆସିବେ । ଅପରପକ୍ଷରେ ମହାଭାଗ ସ ଆ ସ ମୁସଲମାନ ମାନଙ୍କ ତରଫରୁ ଏ ପ୍ରତିଶୃତି ଦେଲେ ଯେ ମୁସଲମାନମାନେ ବନୁ ଜମରାଃ କବିଲା ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିବେ ଏବଂ ପଡ଼ିଲେ ସେମାନଙ୍କୁ ସାହାଯ୍ୟ କରିବେ । ଏହି ଚୁକ୍ତିନାମାକୁ ଆନୁଷ୍ଠାନିକ ଭାବରେ ଲେଖାଗଲା ଏବଂ ପକ୍ଷମାନଙ୍କର ଦସ୍ତଖତ କରାଯାଇଥିଲା। ପୁଣି ପନ୍ଦର ଦିନ ଅନୁପସ୍ଥିତି ରହିବା ପରେ ଆଁ ହଜରତ ସ ଆ ସ ସେଠାରୁ ମଦିନା ଫେରି ଆସିଲେ । ଗଜୱାଃ ୱଦାନ (ୱଦାନ ଯୁଦ୍ଧ) ର ଆଉ ଏକ ନାମ ହେଉଛି ଗଜୱାଃ ଅବୱାଅ । କାରଣ ୱଦାନ ନିକଟରେ ହିଁ ଅବୱାଅ ବସ୍ତି ରହିଛି । ଏହା ହେଉଛି ସେହି ସ୍ଥାନ ଯେଉଁଠାରେ ଆଁହଜରତ ସ ଆ ସଙ୍କ ମାତାଙ୍କର ମୃତ୍ୟୁ ହୋଇଥିଲା ।" ଏହା ଥିଲା ସେହି ସ୍ଥାନ। ଐତିହାସିକମାନେ ଲେଖିଛନ୍ତି ଯେ ଆଁ ହଜରତ ସ ଅ ସଙ୍କୁ ଏହି ଯୁଦ୍ଧ ଅଭିଯାନରେ ବନୁ ଜମରାଃ ସହିତ ମକ୍କାର କୁରୈଶମାନଙ୍କର ମଧ୍ୟ ଧ୍ୟାନ ଥିଲା । ଏହାର ବାସ୍ତବିକ ଅର୍ଥ ଥିଲା „ଏହା କି ମହାଭାଗ ସ ଆ ସଙ୍କର ଏହି ଅଭିଯାନ ଦ୍ୱାରା କୁରୈଶର ବିପଜ୍ଜନକ କାର୍ଯ୍ୟକୁ ପ୍ରତିହତ କରିବା,ଏବଂଆରବଜନଜାତିର ଲୋକମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଯେଉଁ ବିଷ ଓଗାଳୁଥିଲେ,ସେମାନଙ୍କର ସେହି ବିଷାକ୍ତ ତଥା ବିପଜ୍ଜନକ କାର୍ଯ୍ୟର ମୂଳୋତ୍ପାଟନ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା । ସେମାନଙ୍କର ଏପରି କାର୍ଯ୍ୟକଳାପ ଯୋଗୁଁ ମୁସଲମାନମାନଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିଥିଲା । ***(ସିରତ ଖାତମୁନ ନବୀୟୀନ ସ ଆ ସ ଲେଖକ ହଜରତ ସାହେବଜାଦାଃ ମିର୍ଜା ବଶୀର ଅହେମଦ ସାହେବ ର ଅ ଏମ ଏ,ପୃ-୩୨୭-୩୨୮)***

ସେ ଯାହା ବି ହେଉ ସେହି ଯୁଦ୍ଧ ଅଭିଯାନରେ ହଜରତ ହମଜାଃ ର ଅ ଆଁହଜରତ ସ ଆ ସଙ୍କ ଧ୍ୱଜା / ପତାକା କୁ ଉଠାଇ ଧରି ରଖିଥିଲେ ।

ଜମାଦିଲ ଉଲା,ଦୁଇ ହିଜରୀରେ ପୁଣି ମକ୍କାର କୁରୈଶମାନଙ୍କଠାରୁ କୌଣସି ଖବର ପାଇ ମହାଭାଗ ସ ଆ ସ ମୁହାଜିରମାନଙ୍କର ଗୋଟିଏ ଦଳକୁ ସାଥିରେ ଧରି ମଦିନାରୁ ଉଶୈରାଃ ଆଡ଼କୁ ବାହାରିଲେ । ସେହି ଦଳର ସଦ୍ୟସମାନଙ୍କ ମୋଟ ସଂଖ୍ୟା ପ୍ରାୟ ଦେଢ ଶହ ବା ଦୁଇଶହ ହେବ । ମହାଭାଗ ସ ଆ ସ ନିଜ ପଛରେ ନିଜର ରଜାଇ ଭାଇ (ଅର୍ଥାତ ଜଣେ ମହିଳାଙ୍କ ଗର୍ଭରୁ ଜାତ ନ ହୋଇ ମଧ୍ୟ ଉଭୟ ଜଣକଠାରୁ ଖିର ପାନ କରିଥିବେ, ଏପରି ସମ୍ପର୍କକୁ ଆରବମାନେ ରଜାଇ ଭାଇ ବୋଲି ସମ୍ବୋଧନ କରିଥାନ୍ତି)ଅବୁ ସଲମାଃ ବିନ ଅବ୍ଦୁଲ ଅସଦଙ୍କୁ ଅମୀର ନିଯୁକ୍ତ କରିଥିଲେ । ଏହି ଯୁଦ୍ଧରେ ମଧ୍ୟ ନବି କରିମ ସ ଆ ସଙ୍କ ଧ୍ୱଜା / ପତାକା କୁ ଉଠାଇ ଧରି ରଖିଥିଲେ । ଏହି ଯୁଦ୍ଧରେ ମହାଭାଗ ସ ଆ ସ ଅନେକ ମାର୍ଗକୁ ଅତିକ୍ରମ କରି ଶେଷରେ ସମୁଦ୍ର ଉପକୂଳ ଥିବା ଯମ୍ବୁଉ ନିକଟରେ ଉଶୈର ନାମକ ସ୍ଥାନରେ ପହଂଚିଲେ । ଯଦିଓ ଏଥିରେ କୁରୈଶମାନଙ୍କ ସହିତ ଯୁଦ୍ଧ ଅନୁଷ୍ଠିତ ହୋଇନଥିଲା,କିନ୍ତୁ ଏଥିରେ ମହାଭାଗ ସ ଆ ସ ବନୁ ମୁଦଲିଜ କବିଲା ସହିତ ବନୁ ଜମରାଃ ଭଳି ସେହି ସମାନ ସର୍ତାବଳୀ ରଖି ଶାନ୍ତି ଚୁକ୍ତି କରିଥିଲେ । ତାପରେ ସେଠାରୁ ଫେରି ଆସିଥିଲେ । ***(ସିରତ ଖାତମୁନ ନବୀୟୀନ ସ ଆ ସ ଲେଖକ ହଜରତ ସାହେବଜାଦାଃ ମିର୍ଜା ବଶୀର ଅହେମଦ ସାହେବ ର ଅ ଏମ ଏ,ପୃ-୩୨୯)*** (ସୁବୁଲଲ ହୁଦା ୱର ରଶାଦ,ଭା-୦୪,ପୃ-୧୭,.....ଦାରୁଲ କୁତୁବୁଲ ଅଲମିୟା ବେରୁତ)

ବଦର ଯୁଦ୍ଧରେ ବ୍ୟକ୍ତିଗତ ରୂପେ ଯେଉଁ ଲଢେଇ ହୋଇଥିଲା, ଏହା ପୂର୍ବରୁ ବିଭିନ୍ନ ହଦିସରୁ ବର୍ଣ୍ଣନା ହୋଇସାରିଛି । ହଜରତ ମିର୍ଜା ବଶିର ଅହେମଦ ସାହାବ ର ଅ ଏହାର ବର୍ଣ୍ଣନାକୁ ନିମ୍ନଲିଖିତ ଭାବରେ କରିଛନ୍ତି ଯେ "ଏବେ ସେନା ପରସ୍ପର ସାମନାରେ ଥିଲେ । କିନ୍ତୁ ଈଶ୍ୱରଙ୍କ ବିଧିର ଏକ ଅଦ୍ଭୁତ ଦୃଶ୍ୟ ଏପରି ଦେଖିବାକୁ ମିଳିଲା ଯେ ସେ ସମୟରେ ଇସଲାମୀୟ ସେନାର ଛିଡ଼ା ହେବାର ଶୈଳୀ ଓ କ୍ରମ ଏପରି ଥିଲା ଯେ ଇସଲାମୀୟ ସେନା କୁରୈଶମାନଙ୍କୁ ନିଜର ପ୍ରକୃତ ସଂଖ୍ୟାଠାରୁ ଅଧିକ ବରଂ ଦୁଇଗୁଣା ଅଧିକା ଦେଖାଯାଉଥିଲା । ସେଥିଯୋଗୁଁ କୁଫାର (ଅବିଶ୍ୱାସୀମାନେ) ଭୟଭୀତ ହୋଇଗଲେ । ଅପରପକ୍ଷେ, କୁରୈଶର ସେନା ମୁସଲମାନମାନଙ୍କୁ ତାଙ୍କ ଅସଲ ସଂଖ୍ୟାଠାରୁ କମ ଦିଶୁଥିଲା । ଯାହା ଫଳରେ ମୁସଲଲମାନମାନଙ୍କ ମନବଳ ବଢିଯାଇଥିଲା । ଇସଲାମିକ ସେନାର ସଠିକ ଆକଳନ କରିବା ପାଇଁ କୁରୈଶ ଅହରହ ପ୍ରଚେଷ୍ଟାରେ ଲାଗି ରହିଥିଲେ ଯେ ସେମାନେ କିପରି ମୁସଲମାନମାନଙ୍କ ସେନାର ସଂଖ୍ୟାକୁ ଜଣିପାରିବେ ଯଦ୍ୱାର ସେମାନଙ୍କ ମନବଳ ସୁଦୃଢ ହୋଇପାରିବ । ଏହା ଜାଣିବା ନିମନ୍ତେ କୁରୈଶର ମୁଖିଆମାନେ ଉମୈର ବିନ ୱହବକୁ ପଠାଇଲେ ଯେ ସେ ଯାଇ ଇସଲାମୀୟ ସେନାର ଚତୁଃପାର୍ଶ୍ୱରେ ଘୋଡ଼ା ଦଉଡ଼ାଇ ଦେଖନ୍ତୁ ଯେ ତାଙ୍କ ସେନାର ସଂଖ୍ୟା କେତେ ? ଏବଂ ସେମାନଙ୍କୁ ପଛରେ କୌଣସି ସାହାଯ୍ୟକାରୀ ସୈନ୍ୟବାହିନୀ ଗୋପନରେ ତ ନାହାନ୍ତି ? ସୁତରାଂ ଉମୈର ଘୋଡ଼ା ଉପରେ ବସି ମୁସଲମାନମାନଙ୍କ ଚାରିପାଖରେ ଗୋଟିଏ ଘେରା ମାରିଲେ । କିନ୍ତୁ ତାକୁ ମୁସଲମାନମାନଙ୍କ ଚେହେରାରୁ ଏପରି ଆଭା ଏବଂ ନିଷ୍ଠା ତଥା ମୃତ୍ୟୁ ପ୍ରତି ବେପରୁଆ ଭାବ ଦୃଶ୍ୟମାନ ହେଉଥିଲା ଯେ ସେ ଭୟଭୀତ ହୋଇ ସେଠାରୁ ଫେରିଗଲେ ଏବଂ କୁରୈଶର ଲୋକମାନଙ୍କୁ ସମ୍ବୋଧନ କରି କହିଲେ ଯେ ...."ମତେ କୌଣସି ଲୁକ୍କାୟିତ ସେନାବାହିନୀ ତ ଦୃଶ୍ୟମାନ ହେଲା ନାହିଁ,କିନ୍ତୁ ହେ କୁରୈଶର ସମ୍ପ୍ରଦାୟ ! ମୁଁ ଦେଖିବାକୁ ପାଇଲି ଯେ ମୁସଲମାନମାନଙ୍କ ସେନାରେ ଥିବା ଓଟଗୁଡ଼ିକ ନିଜ ଉପରେ କୌଣସି ଲୋକଙ୍କୁ ନୁହେଁ ବରଂ ମୃତ୍ୟୁକୁ (ଅର୍ଥାତ ଯମକୁ) ଉଠାଇ ରଖିଛନ୍ତି ଏବଂ ସତେ ଯେପରି ଯସରବ (ମଦିନା)ର ଷଣ୍ଢମାନଙ୍କ ଉପରେ ଧ୍ୱଂସକାରୀ (ଯମ) ଚଢି ବସିଅଛି ।''

କୁରୈଶ ଯେବେ ଏକଥା ଶୁଣିଲେ, ସେମାନଙ୍କ ମଧ୍ୟରେ ଚିନ୍ତା ବଢିଗଲା । ସୁରାକା,ଯିଏ ସେମାନଙ୍କର ଜାମିନ ହୋଇ ଆସିଥିଲା,ସେ ଏତେ ମାତ୍ରାରେ ଭୟଭୀତ ହେଲା ଯେ ପଛଘୁଂଚା ଦେଇ ପଳାୟନ କଲା। ଯେତେବେଳେ ଲୋକମାନେ ତାକୁ ରୋକିବାକୁ ଚାହିଁଲେ,ସେ କହିଲା ଯେ ..."ବର୍ତମାନ ମତେ ଯାହା ଦେଖାଯାଉଅଛି, ତାହା ତୁମମାନଙ୍କୁ ଦେଖା ଯାଉନାହିଁ ।''ଯେବେ ହକିମ ବିନ ହିଜାମ ଉମୈରର କଥାକୁ ଶୁଣିଲା,ସେ ଛାନିଆ ହୋଇ ଉତବାଃ ବିନ ରବିୟାଃ ନିକଟକୁ ଧାଇଁଲା ଏବଂ କହିବାକୁ ଲାଗିଲା ଯେ । "ହେ ଉତବାଃ ! ତୁମେ କେବଳ ମୁହମ୍ମଦ ସ ଆ ସଙ୍କଠାରୁ ଅମରୋ ହଜରମୀଙ୍କ ପ୍ରତିଶୋଧ ନେବାକୁ ଚାହୁଁଛ । ସେ ତୁମର ସହଯୋଗୀ ଥିଲା । କ'ଣ ଏମିତି ହୋଇପାରିବ ନାହିଁ ଯେ ତୁମେ ତା'ତରଫରୁ ରକ୍ତବୁହା ପ୍ରଦାନ କରିଦିଅ ଏବଂ କୁରୈଶକୁ ଧରି ଏଠାରୁ ଫେରି ଚାଲିଯାଅ,ଏହାଦ୍ୱାରା ତୁମର ସୁନାମ ସବୁଦିନ ପାଇଁ ରହିଯିବ ।''

ଉତବାଃ ଯିଏ ନିଜେ ଭୟଭୀତ ହୋଇରହିଥିଲା, ତାକୁ ଏବେ ଆଉ କ'ଣ ଦରକାର ଥିଲା । ସେ ସଙ୍ଗେ ସଙ୍ଗେ କହିଲା ଯେ "ହଁ ହଁ ମୁଁ ତୁମର ଏହି କଥାରେ ରାଜି । ପୁଣି କହିଲା ହେ ହକିମ୍ ! ଦେଖ, ଏହି ମୁସଲମାନମାନେ ଏବଂ ଆମେ ପରସ୍ପର ସହିତ ଜଡ଼ିତ । ଆମେ ସମସ୍ତେ ଆପୋଷରେ ବନ୍ଧୁ ବାନ୍ଧବ । ତେଣୁ କ'ଣ ଏହା ଭଲ ହେବ କି ଜଣେ ଭାଇ ଆଉଜଣେ ଭାଇ ବିରୁଦ୍ଧରେ ତରବାରୀ ଚାଳନା କରିବ,ଏବଂ ଜଣେ ପିତା ତା ପୁତ୍ର ଉପରେ । ତୁମେ ଏମିତି କର କି ଏବେ ତୁମେ ଅବୁଲ ହକମ୍ (ଅର୍ଥାତ ଅବୁ ଜହଲ) ନିକଟକୁ ଯାଅ ଏବଂ ତା ସମ୍ମୁଖରେ ଏହି ପ୍ରସ୍ତାବକୁ ଉପସ୍ଥାପନ କର '' ଏପଟେ ନିଜେ ଉତବାଃ ଓଟ ଉପରେ ଆରୋହଣ କରି ନିଜ ଆଡୁ ଲୋକମାନଙ୍କୁ ବୁଝାଇବା ଆରମ୍ଭ କରିଦେଲା ଯେ " ନିଜ ସମ୍ପର୍କୀୟମାନଙ୍କ ମଧ୍ୟରେ ଲଢେଇ କରିବା ଠିକ କଥା ନୁହେଁ । ଆମକୁ ଏଠାରୁ ଫେରିଯିବା ଉଚିତ ହେବ,ଏବଂ ମୁହମ୍ମଦ (ସ ଆ ସ)ଙ୍କୁ ତା ଅବସ୍ଥାରେ ଛାଡ଼ି ଚାଲିଯିବା ଉଚିତ ଯେ ସେ ଆରବର ଅନ୍ୟ ଜନଜାତିମାନଙ୍କ ସହିତ ଲଢେଇ କରୁଥାନ୍ତୁ । ଯାହା ବି ଫଳାଫଳ ହେବ ଦେଖାଯିବ,ଏବଂ ପୁଣି ତୁମେମାନେ ଦେଖିବ ଯେ ଏହି ମୁସଲମାନମାନଙ୍କ ବିପକ୍ଷରେ ଯୁଦ୍ଧ କରିବା କୌଣସି ସହଜ କଥା ନୁହେଁ । କାରଣ ତୁମେ ଯଦି ମତେ ଡ଼ରକୁରା କହିବାକୁ ଚାହୁଁଛ କହିପାର କିନ୍ତୁ ବାସ୍ତବ ପକ୍ଷେ ମୁଁ ଡ଼ରକୁରା ନୁହେଁ..... ମତେ ତ ଏହି ଲୋକମାନେ ମୃତ୍ୟୁର ସଉଦାଗର ଭାବରେ ଦେଖାଯାଉଛନ୍ତି । ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ଦୂରରୁ ଉତବାଃକୁ ଦେଖି କହିଲେ ଯେ "ଯଦି କୁଫାର (ଅର୍ଥାତ ଅବିଶ୍ୱାସୀ)ମାନଙ୍କ ସେନା ମଧ୍ୟରେ କାହାଠାରେ ଟିକିଏ ଭଦ୍ରାମି ଥାଏ, ତା'ହେଲେ ସେହି ଲାଲ ରଙ୍ଗର ଓଟ ଉପରେ ଆରୋହଣ କରିଥିବା ଲୋକ ନିକଟରେ ନିଶ୍ଚିତ ଭାବରେ ରହିଛି । ଯଦି ଏହି ଲୋକମାନେ ତା କଥାକୁ ମାନି ନିଅନ୍ତି,ତାହେଲେ ଏହା ସେମାନଙ୍କ ପାଇଁ ବହୁତ ଭଲ ହେବ । କିନ୍ତୁ ଯେବେ ହକିମ ବିନ ହିଜାମ ଅବୁ ଜହଲ ନିକଟକୁ ଯାଇ ତା ନିକଟରେ ଏହି ପ୍ରସ୍ତାବ ରଖିଲା,ସେହି ଫିରୋନ ଗୁଣ ରଖିଥିବା ଲୋକକୁ ଏକଥା କାହୁଁ ବା ଭଲଲାଗିବ । ତେଣୁ ସେ ତୁରନ୍ତ କହିଲା ଯେ ଓ ହୋ ଏବେ ତାହେଲେ ଉତବାଃକୁ ତା ବନ୍ଧୁ ବାନ୍ଧବ ଦେଖା ଯାଉଛନ୍ତି । ପୁଣି ସେ ଅମରୋ ହଜରମୀର ଭାଇ ଆମିର ହଜରମୀକୁ ଡ଼ାକି କହିଲା ଯେ କ'ଣ ତୁମେ ତୁମର ସହଯୋଗୀ ଉତବାଃଙ୍କ କଥାକୁ ଶୁଣିଲ ତ, ସେ ଏତିକି ବେଳେ ସେକଥା କହୁଛନ୍ତି,ଯେତେବେଳେ ତୁମ ଭାଇର ପ୍ରତିଶୋଧ ନେବାର ସମୟ ଆସି ଉପନୀତ ହୋଇଯାଇଛି । ଏହା ଶୁଣି ଆମିରର ଆଖିରେ ରକ୍ତ ଭରିଗଲା (ଅର୍ଥାତ ସେ କ୍ରୋଧର ଜର୍ଜରିତ ହୋଇଗଲା) ଏବଂ ସେ ଆରବର ପ୍ରାଚିନ ପରମ୍ପରା ଅନୁଯାୟୀ ନିଜର ବସ୍ତ୍ରକୁ ଚିରି ଲଙ୍ଗଳା ହୋଇ ଚିତ୍କାର କରିବା ଆରମ୍ଭ କଲା ...ହାୟ ! ମୋ ଭାଇର ପ୍ରତିଶୋଧ ନିଆଯାଉନାହିଁ,ମୋ ଭାଇ ଏଥିରୁ ବଂଚିତ ରହିଯାଉଛି । ହାୟ ! ଦୁଃଖର କଥା ଯେ ମୋ ଭାଇ ଏଥିରୁ ବଂଚିତ ରହିଯାଉଛି । ଏହି ମରୁଭୂମିର ସ୍ୱର କୁରୈଶର ସେନାଙ୍କ ଛାତିରେ ଶତୃତାର ବହ୍ନିକୁ ଆହୁରି ବଢାଇଦେଲା । ସୁତରାଂ ଯୁଦ୍ଧାଗ୍ନୀ ନିଜର ସମ୍ପୂର୍ଣ୍ଣ ଶକ୍ତିକୁ ବିନିଯୋଗ କରି ହୁ ହୁ ହୋଇ ଜଳିବାକୁ ଲାଗିଲା ।''

ଅବୁ ଜହଲର ଏପରି କଟାକ୍ଷ ଉତବାଃର ଦିହ ଓ ମନରେ ନିଆଁ ଲଗାଇ ଦେଇଥିଲା । ସେ କ୍ରୋଧରେ ଜର୍ଜରିତ ହୋଇ ନିଜ ଭାଇ ଶୈବାଃ ଏବଂ ନିଜ ପୁଅ ୱଲିଦକୁ ସାଥିରେ ଧରି କୁଫାରମାନଙ୍କ ସେନା ଆଗକୁ ବଢିଲା ଏବଂ ଆରବର ପ୍ରାଚୀନ ପ୍ରଥା ଅନୁଯାୟୀ ବ୍ୟକ୍ତିଗତ ଯୁଦ୍ଧ କରିବା ପାଇଁ ଡ଼ାକ ପକାଇଲା । କେତେକ ଅନସାର ତାଙ୍କ ବିରୁଦ୍ଧରେ ଲଢିବା ପାଇଁ ଆଗକୁ ବଢିଲେ । କିନ୍ତୁ ହଜରତ ମୁହମ୍ମଦ୍ ସ ଆ ସ ସେମାନଙ୍କୁ ଅଟକାଇଦେଲେ ଏବଂ କହିଲେ ଯେ ହେ ହମଜାଃ ତୁମେ ଉଠ ! ହେ ଅଲୀ ତୁମେ ଉଠ ! ହେ ଉବୈଦାଃ ତୁମେ ଉଠ ! ଏହି ତିନିଜଣଯାକ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କର ଅତି ନିକଟତର ଥିଲେ ଏବଂ ମହାଭାଗ ଚାଂହୁଥିଲେ ଯେ ବିପଦପୂର୍ଣ୍ଣ ସ୍ଥାନକୁ ତାଙ୍କର ପ୍ରିୟଜନମାନେ ପ୍ରଥମେ ଯାଆନ୍ତୁ । ଅପର ପକ୍ଷେ ଉତବାଃ ଇତ୍ୟାଦି ଲୋକେ ଅନସାରମାନଙ୍କୁ ଦେଖି ପାଟିକରି କହିଲା ଯେ ଏମାନଙ୍କ ବିଷୟରେ ଆମେ କ'ଣ ବା ଜାଣିଛୁ । ଆମ ସମକକ୍ଷ ଲୋକ ଆମ ସାମନାକୁ ଆସନ୍ତୁ । ଅତେବ ହମଜାଃ, ଅଲୀ ଏବଂ ଉବୈଦାଃ ଆଗକୁ ବଢିଲେ । ଆରବର ପ୍ରଥା ଅନୁଯାୟୀ ପ୍ରଥମେ ପରିଚୟ ପ୍ରଦାନ କରାଗଲା । ପୁଣି ଉବୈଦାଃ ବିନ ମୁତଲବ ୱଲିଦ ସମ୍ମୁଖକୁ ଗଲେ । ହମଜାଃ ଉତବାଃ ସାମନାକୁ ଏବଂ ଅଲୀ ଶୈବାଃ ସମ୍ମୁଖକୁ ଗଲେ । ହମଜାଃ ଏବଂ ଅଲୀ ଗୋଟିଏ ଦୁଇଟି ପ୍ରହାରରେ ନିଜର ଶତୃଙ୍କୁ ମାଟିରେ ମିଶାଇ ଦେଲେ । କିନ୍ତୁ ଉବୈଦାଃ ଏବଂ ୱଲିଦ ମଧ୍ୟରେ ଦୁଇଚାରିଥର ଭଲ ଭାବରେ ପ୍ରହାର ଚାଲିଲା । ପରି ଶେଷରେ ଉଭୟ ପରସ୍ପର ଉପରକୁ ଆକ୍ରମଣ କରି ଆହତ ହୋଇ ତଳେ ଖସି ପଡ଼ିଲେ । ଏହା ଦେଖି ହମଜାଃ ଏବଂ ଅଲୀ ଦୁଇଜଣଯାକ ଆଗକୁ ବଢି ୱଲିଦକୁ ଶେଷ କରିଦେଲେ ଏବଂ ଉବୈଦାଃକୁ ଉଠାଇ ନିଜ କ୍ୟାମ୍ପକୁ ନେଇଗଲେ । କିନ୍ତୁ ଉବୈଦାଃ ଏହି ଧକ୍କାରୁ ମୁକ୍ତି ପାଇ ପାରିନଥିଲେ । ସୁତରାଂ ସେ ବଦରରୁ ଫେରିବା ବାଟରେ ହିଁ ମୃତ୍ୟୁ ବରଣ କରିଥିଲେ ।'' ***(ସିରତ ଖାତମୁନ ନବିୟୀନ ସ ଆ ସ ଲେଖକ ସାହବଜାଦାଃ ମିର୍ଜା ବଶୀର ଅହେମଦ ସାହେବ ଏମ ଏ,ପୃ-୩୫୮-୩୬୦)***

ହଜରତ ହମଜାଃ ର ଅ ବଦର ଯୁଦ୍ଧରେ କୁରୈଶର ସରଦାର ତୁଅୟିମାଃ ବିନ ଅଦିକୁ ମଧ୍ୟ ହତ୍ୟା କରିଥିଲେ । ***(ସହି ବୁଖାରୀ କିତାବୁଲ ମଗାଜି ବାବ କିସ୍ସା ଗଜୱା ବଦର)***

ଗଜୱା ବଦର (ବଦର ଯୁଦ୍ଧ)ଅବସରରେ ଗୋଟିଏ ଘଟଣା ଏମିତି ବି ଉଲ୍ଲେଖ ରହିଛି ଯେ ହଜରତ ହମଜାଃ ର ଅ ନିଶାସକ୍ତ ଅବସ୍ଥାରେ ହଜରତ ଅଲୀଙ୍କ ଓଟକୁ ମାରି ଦେଇଥିଲେ । ଏହ ମଦ୍ୟପାନ ନିଷେଧ ହେବା ପୂର୍ବର ଘଟଣା । ଏହାର ବିବରଣୀ ନିମ୍ନରେ ଦିଆଗଲା । ଏହାର ଅନେକ ରାୱି (ବର୍ଣ୍ଣନାକାରୀ) ଅଛନ୍ତି । ହଜରତ ଅଲୀ ବିନ ହୁସୈନ ର ଅ ନିଜର ବାପା ହୁସୈନ ବିନ ଅଲୀ ର ଅଙ୍କଠାରୁ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅଲୀ ବିନ ଅବି ତାଲିବ ର ଅ କହିଲେ ଯେ :ରସୁଲୁଲ୍ଲାଃ ସ ଆ ସଙ୍କ ସହିତ ବଦର ଯୁଦ୍ଧ ସମୟରେ ମତେ ଗୋଟିଏ ଓଟ ମାଲେ ଗନିମତରେ ମିଳିଥିଲା ଏବଂ ଆଉ ଗୋଟିଏ ଓଟ ମତେ ରସୁଲୁଲ୍ଲାଃ ସ ଆ ସ ପ୍ରଦାନ କରିଥିଲେ । ଦିନେ ଜଣେ ଅନସାରୀ ସାହାବିଙ୍କ ଦୁଆରେ ମୁଁ ସେ ଦୁହିଁକୁ ଏକଥା ଭାବି ବାନ୍ଧି ଦେଇଥିଲି ଯେ ସେମାନଙ୍କ ପିଠି ଉପରେ ଇଜଖିର ଘାସ (ଇଜଖିର ହେଉଛି ଏକ ପ୍ରକାରର ଘାସ ଯାହାକୁ ସୁନା କାରିଗର ଇତ୍ୟାଦି ବ୍ୟବହାର କରିଥାନ୍ତି,ଏହା ଏକ ପ୍ରକାରର ସୁଗନ୍ଧପୂର୍ଣ୍ଣ ଘାସ) କୁ ରଖି ବିକ୍ରୀ କରିବା ପାଇଁ ନେଇଯିବି । ବନି କୈନକାଅର ଗୋଟିଏ ସୁନା କାରିଗର ମୋ ସହିତ ଥିଲା । ଏହିପରି ଭାବରେ ଧାରଣା ଥିଲା ଯେ ସେଥିରୁ ଯେଉଁ ଆମଦାନୀ ହେବ,ସେଥିରୁ ଫାତିମାଃ ର ଅ,ଯାହାଙ୍କ ସହିତ ମୋର ବିବାହ ହେବାର ଥିଲା,ସେହି ଆମଦାନୀକୁ ମୁଁ ସେହି ବିବାହ ୱଲିମା (ବିବାହ ଭୋଜି)ରେ ଖର୍ଚ୍ଚ କରିବି । ହମଜାଃ ବିନ ଅବ୍ଦୁଲ ମୁତଲିବ ର ଅ ସେହି ଅନସାରୀଙ୍କ ଘରେ ମଦ୍ୟପାନ କରୁଥିଲେ । ତାଙ୍କ ସହିତ ଜଣେ ଗାଇବା ବାଲା ଲୋକ ମଧ୍ୟ ଥିଲା । ସେ ଯେତେବେଳେ ଏହି ପଦକୁ ଗାଇଲା ଯେ ହଁ ହେ ହମଜାଃ ! ଉଠ ଏବଂ ଗୋଟିଏ ମୋଟା ଯବାନ ଓଟ ଆଡ଼କୁ ଯାଅ । ହମଜାଃ ର ଅ ବହୁତ ଜୋଶ (ଉତ୍ସାହ) ର ସହିତ ତରବାରୀ ଧରି ଉଠିଲେ ଏବଂ ସେହି ଦୁଇଟି ଓଟର କୁହାଣକୁ ଚିରିଦେଲେ । ସେମାନଙ୍କର ପେଟକୁ ଚିରି କଲିଜା ବାହାର କରି ଦେଲେ । ଇବନେ ଜୁରୈଜ ବର୍ଣ୍ଣନା କରିଛନ୍ତି ଯେ ମୁଁ ଇବନେ ଶିହାବଙ୍କୁ ପଚାରିଲି ଯେ କ'ଣ ସେ କୁହାଣର ମାଂସକୁ କାଟିଥିଲେ କି ? ସେ କହିଲେ ଯେ ସେହି ଦୁଇଟି ଓଟର କୁହାଣକୁ ମଧ୍ୟ କାଟିଦେଇଥିଲେ ଏବଂ ତାହାକୁ ନେଇଯାଇଥିଲେ । ଇବନେ ଶିହାବ ବର୍ଣ୍ଣନା

କରିଛନ୍ତି ଯେ ହଜରତ ଅଲୀ ର ଅ କହିଲେ ମତେ ଏହା ଦେଖି ବହୁତ ଦୁଃଖ ଲାଗିଲା । ପୁଣି ମୁଁ ନବି କରିମ ସ ଆ ସଙ୍କ ନିକଟରେ ଉପସ୍ଥିତ ହେଲି । ମହାଭାଗ ସ ଆ ସଙ୍କ ନିକଟରେ ସେତେବେଳେ ଜୈଦ ବିନ ହାରିସାଃ ର ଅ ଉପସ୍ଥିତ ଥିଲେ । ମୁଁ ମହାଭାଗ ସ ଆ ସଙ୍କୁ ଏ ବିଷୟରେ ଜଣାଇଲି । ଆପଣ ସ ଆ ସ ଆସିଲେ । ଜୈଦ ମଧ୍ୟ ତାଙ୍କ ସାଥିରେ ଥିଲେ । ମୁଁ ମଧ୍ୟ ତାଙ୍କ ସାଙ୍ଗରେ ଥିଲି । ଯେତେବେଳେ ହଜୁର ସ ଆ ସ ହମଜାଃ ର ଅଙ୍କ ନିକଟରେ ପହଂଚିଲେ, ମହାଭାଗ ସ ଆ ସ ବହୁତ ନାରାଜ ହେଲେ । ହଜରତ ହମଜାଃ ଆଖି ଉଠାଇ ଚାହିଁଲେ । ସେ ନିଶାସକ୍ତ ଅବସ୍ଥାରେ ଥିଲେ । ସେ ଆଁହଜରତ ସ ଆ ସଙ୍କୁ ବି କହିବାକୁ ଲାଗିଲେ ଯେ ତୁମେମାନେ ସମସ୍ତେ ମୋ ବାପା ଦାଦା (ପିତୃପୁରୁଷ)ଙ୍କ ଦାସ ଅଟ । ଏହା ଦେଖି ହଜୁର ସ ଆ ସ ସେଠାରୁ ତାଙ୍କ ନିକଟରୁ ଲେଉଟି ଚାଲି ଆସିଲେ । ଏହି ଘଟଣାଟି ମଦ୍ୟପାନ ନିଷେଧ ହେବା ପୂର୍ବର ଘଟଣା ।***(ସହି ବୁଖାରୀ, କିତାବୁଲ ମସାକାଃ, ବାବ ବୈୟଲ ହତବ ଓ୍ଵଲ କଲାଅ ହଦିସ ନଂ-୨୩୭୫)***

ସେ କହିଲେ ଯେ ଏଭଳି ଅବସ୍ଥାରେ ତାଙ୍କ ସହିତ କଥାବାର୍ତା ନହେବା ଭଲ । କିନ୍ତୁ ପରେ ଦେଖନ୍ତୁ ଯେତେବେଳେ ମଦ୍ୟପାନ ହରାମ (ଅର୍ଥାତ ଅବୈଧ ଘୋଷିତ) ହେଲା, ସେତେବେଳେ ଏହି ଲୋକମାନେ ତା ନିକଟକୁ (ଅର୍ଥାତ ମଦ ନିକଟକୁ) ଗଲେ ହିଁ ନାହିଁ । ଅଲ୍ଲାଃତାଲାଙ୍କ ଆଦେଶକୁ ମାନିବା ପାଇଁ ସାହାବା ମାନଙ୍କର ଅବସ୍ଥା ଏପରି ଥିଲା ଯେ ତତକ୍ଷଣାତ ସେମାନେ ମଦ ରଖା ଯାଇଥିବା ମାଟି ହାଣ୍ଡିକୁ ଭାଙ୍ଗି ଦେଲେ । ***(ସହି ମୁସଲିମ, କିତାବୁଲ ଶରବାଃ, ବାବ ତହରିମୁଲ ଖମର... ହଦିସ ନଂ-୫୧୩୮)***

ଏକଥା କହିଲେ ନାହିଁ ଯେ ଆମେ ଏହି ନିଶା ଜିନିଷକୁ ଧିରେ ଧିରେ ଛାଡ଼ିଦେବୁ । ଯେମିତି ଆଜିକାଲି ଲୋକମାନେ କହିଥାନ୍ତି । ପ୍ରଥମତଃ ଏମାନେ ନିଶାପାଣିର ଅଭ୍ୟସ୍ତ ହୋଇଯାଇଥାନ୍ତି, ଯାହା ଏମିତି ତ ଏକ ଭୁଲ କାର୍ଯ୍ୟ । ଇସଲାମରେ ତ ଏହା ନିଷେଧ କରାଯାଇଛି । କିନ୍ତୁ ସେମାନେ କହୁଛନ୍ତି ଯେ ଆମେ ଏହାକୁ ଧିରେ ଧିରେ ଛାଡ଼ିଦେବୁ । ଆମକୁ ସମୟ ଦିଆଯିବା ଉଚିତ । ସେ ଯାହା ବି ହେଉ ଏହା ଗୋଟିଏ ଘଟଣା ଥିଲା,ଯାହା ସେ ସମୟରେ ଘଟିଥିଲା । ପୁଣି ତାପରେ ତାଙ୍କ ବଳିଦାନର ସ୍ତର ମଧ୍ୟ ବଢି ବଢି ଚାଲିଥିଲା । ଅବଶ୍ୟ ହଜରତ ହମଜାଃ ର ଅ ଙ୍କୁ ସେହି ଘଟଣା ପରେ ଲଜ୍ଜା ଅନୁଭବ ମଧ୍ୟ ହୋଇଥିବ ଯେ ସେ କାହିଁକୁ ଏପରି କହିଲେ ।

ବଦର ଯୁଦ୍ଧ ପରେ ଯେବେ ବନୁ କୈନକାଅ ଆଡ଼କୁ ଅଭିଯାନ ହେଲା,ସେଥିରେ ମଧ୍ୟ ହଜରତ ହମଜାଃ ର ଅ ଆଗରେ ଆଗରେ ଥିଲେ । ସେହି ଯୁଦ୍ଧରେ ମଧ୍ୟ ସେ ରସୁଲୁଲ୍ଲାଃ ସ ଆ ସଙ୍କ ଧ୍ଵଜାକୁ ଧରିଥିଲେ । ସେହି ଧ୍ଵଜାଟି ଧଳା ରଙ୍ଗର ଥିଲା । ***(ସୁବୁଲୁଲ ହୁଦା ଓ୍ଵର ରଶାଦ, ଭା-୦୪,ପୃ-୧୮୦,....ଦାରୁଲ କୁତୁବୁଲ ଅଲମିୟାଃ ବେରୁତ)***

ତାହାର ବିବରଣୀ ହଜରତ ମିର୍ଜା ବଶୀର ଅହେମଦ୍ ସାହେବ ର ଅ ଏପରି ଉଲ୍ଲେଖ କରିଛନ୍ତି ଯେ " ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ମକ୍କାରୁ ହିଜରତ କରି ମଦିନା ଚାଲିଗଲେ,ସେତେବେଳେ ମଦିନାରେ ଇହୁଦୀମାନଙ୍କର ତିନୋଟି କବିଲା ବସବାସ କରୁଥିଲେ । ସେମାନଙ୍କର ନାମ ହେଉଛି ଏପରି । ବନୁ କୈନକାଅ,ବନୁ ନଜିର ଏବଂ ବନୁ କୁରେଜାଃ । ମହାଭାଗ ସ ଆ ସ ମଦିନା ଆସିବା ମାତ୍ରେ ସେହି କବିଲାମାନଙ୍କ ସହିତ ଶାନ୍ତି ଚୁକ୍ତି କଲେ ଏବଂ ପରସ୍ପର ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ୟ ତଥା ସହଭାଗିତାର ମୂଳଦୁଆ ପକାଇଲେ । ଚୁକ୍ତିନାମା ଅନୁସାରେ ଉଭୟ ପକ୍ଷ ମଦିନାରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ଦାୟୀ ରହିବେ । ଯଦି କୌଣସି ବାହ୍ୟ ଶତ୍ରୁ ମଦିନା ଉପରେ ଆକ୍ରମଣ କରନ୍ତି,ତେବେ ସମସ୍ତେ ମିଶି ତା ସହିତ ଲଢ଼ିବେ । ପ୍ରାରମ୍ଭରେ ତ ଇହୁଦୀମାନେ ଏହି ଚୁକ୍ତିନାମାକୁ ପାଳନ କଲେ ଏବଂ ଅତ୍ୟନ୍ତପକ୍ଷେ ସେମାନେ ମୁସଲମାନଙ୍କ ସହିତ ପ୍ରକାଶ୍ୟରେ କୌଣସି ବିବାଦ ସୃଷ୍ଟି କରିଲେ ନାହିଁ । କିନ୍ତୁ ଯେବେ ସେମାନେ ଦେଖିଲେ ଯେ ମୁସଲମାନମାନେ ମଦିନାରେ ଅଧିକ ଶକ୍ତି ହାସଲ କରିଚାଲିଛନ୍ତି, ସେତେବେଳେ ସେମାନଙ୍କର ମତ ପରିବର୍ତନ ହେବାକୁ ଲାଗିଲା । ସୁତରାଂ ସେମାନେ ମୁସଲମାନମାନଙ୍କର ଶକ୍ତିକୁ ଏପରି ଅଭିବୃଦ୍ଧି ହେଉଥିବାର ଦେଖିବା ପରେ ସେହି ଶକ୍ତିକୁ ରୋକିବା ପାଇଁ ଦୃଢ ନିଷ୍ପତି କଲେ,ଏବଂ ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ସେମାନେ ପ୍ରତ୍ୟେକ ପ୍ରକାରର ଉଚିତ ଏବଂ ଅନୁଚିତ, ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଦେଲେ ।

ଏପରିକି ସେମାନେ ଏତିକିରେ କ୍ଷାନ୍ତ ହେଲେ ନାହିଁ ବରଂ ମୁସଲମାନମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଗୃହଯୁଦ୍ଧ କରାଇଦେବାକୁ ବି କୁଣ୍ଠାବୋଧ କଲେନାହିଁ । ସୁତରାଂ ଗୋଟିଏ ରିଓ୍ୱାୟତରେ ବର୍ଣ୍ଣିତ ରହିଛି ଯେ ଗୋଟିଏ ଅବସରରେ ଅଓସ ଏବଂ ଖଜରଜ କବିଲାର ଅନେକ ଲୋକ ଏକତ୍ର ବସି ପ୍ରେମ ଏବଂ ଏକତାର କଥା ହେଉଥିଲେ, ଠିକ ସେତିକି ବେଳେ କେତେକ ବିଦ୍ରୋହୀ ଏବଂ ଖଳ ପ୍ରକୃତିର ଇହୁଦୀ ସେହି ସଭାରେ ପହଂଚି ବୁଆସ ଯୁଦ୍ଧ ବିଷୟରେ କଥା ହେବା ଆରମ୍ଭ କରିଦେଲେ । ଏହି ବୁଆସ ଯୁଦ୍ଧ ଏକ ବିପଜ୍ଜନକ ଯୁଦ୍ଧ ଥିଲା,ଯାହା ହିଜରତ କରିବାର କିଛି ବର୍ଷ ପୂର୍ବରୁ ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଦ୍ଧରେ ଅଓସ ଏବଂ ଖଜରଜ କବିଲାର ଅନେକ ଲୋକ ପରଷ୍ପର ମଧ୍ୟରେ ଲଢି ପ୍ରାଣ ତ୍ୟାଗ କରିଥିଲେ। ସେହି ଯୁଦ୍ଧ କଥା ଶୁଣିବା ମାତ୍ରେ କେତେକ ଆବେଗପୂର୍ଣ୍ଣ ତଥା ଉତ୍ସାହୀ ଲୋକମାନଙ୍କ ମନ ଭିତରେ ସେହି ପୁରୁଣା ସ୍ମୃତି ସବୁ ପୁନର୍ଜୀବିତ ହୋଇଉଠିଲା ଏବଂ ଅତୀତରେ ଘଟିଥିବା ଶତ୍ରୁତାର ଦୃଶ୍ୟ ସେମାନଙ୍କ ଆଖି ଆଗକୁ ଚାଲିଆସିଲା । ଏହାର ପରିଣାମ ଏପରି ହେଲା ଯେ ନିଜ ନିଜ ମଧ୍ୟରେ ଛୋଟ ଛୋଟ କଥାରେ ଯୁକ୍ତିତର୍କ ଆରମ୍ଭ ହୋଇଗଲା ଏବଂ ଏହି ଯୁକ୍ତିତର୍କ ତଥା କଥା କଟାକଟିରୁ ମାମଲା ଆଗକୁ ବଢ଼ି ପରିସ୍ଥିତି ଏତେ ଜଟିଳ ହୋଇଗଲା ଯେ ସେହି ସଭାରେ ବସିଥିବା ମୁସଲମାନମାନଙ୍କ ମଧ୍ୟରେ ତରବାରୀ ଉଠାଉଠି ହେବାକୁ ଲାଗିଲା । କିନ୍ତୁ ଠିକ ଏତିକି ବେଳେ ଆଁହଜରତ ସ ଆ ସଙ୍କ ଏ ବିଷୟରେ ଏତେଲା ମିଳିଗଲା । ଅତେବ ମହାଭାଗ ସ ଅ ସ ମୁହାଜିରମାନଙ୍କର ଗୋଟିଏ ଗୋଷ୍ଠିକୁ ସାଥିରେ ଧରି ସଙ୍ଗେ ସଙ୍ଗେ ଘଟଣା ସ୍ଥଳୀରେ ପହଂଚିଲେ ଏବଂ ଉଭୟ ପକ୍ଷକୁ ବୁଝାସୁଝା କରି ମାମଲାକୁ ଥଣ୍ଡା କଲେ । ତା'ପରେ ସେମାନଙ୍କ ଉପରେ ରୋଷ ମଧ୍ୟ କଲେ ଯେ ତୁମେମାନେ ମୋ ରହିଥିବା ସମୟରେ ମୂର୍ଖାମୀର ରାସ୍ତାକୁ ଗ୍ରହଣ କରୁଅଛ ଏବଂ ଅଲ୍ଲାଃଙ୍କର ସେହି ଆଶୀର୍ବାଦକୁ ତୁମେମାନେ ସମ୍ମାନ ଜଣାଉନାହଁ ଯେ ସେ ତୁମମାନଙ୍କୁ ଇସଲାମ ଜରିଆରେ କିପରି ଭାଇ ଭାଇ କରିଦେଇଛନ୍ତି । ଅନସାରମାନଙ୍କ ଉପରେ ମହାଭାଗ ସ ଆ ସଙ୍କ ଉପଦେଶର ପ୍ରଭାବ ଏପରି ପଡ଼ିଲା ଯେ ସେମାନଙ୍କ ଆଖିରୁ ଲୁହ ଝରିବାକୁ ଲାଗିଲା । ସେମାନେ ନିଜର ଏପରି କାର୍ଯ୍ୟ ପାଇଁ ପଶ୍ଚାତାପ କରି ଜଣେ ଅନ୍ୟଜଣଙ୍କ ସହିତ କାନ୍ଧ ମିଳାଇ ପରସ୍ପରକୁ କୁଣ୍ଢାଇ ପକାଇଲେ ।

ଯେତେବେଳେ ବଦର ଯୁଦ୍ଧ ସମାପ୍ତ ହେଲା ଏବଂ ଅଲ୍ଲାଃତାଲା ନିଜର କୃପା ତଥା ଅନୁଗ୍ରହରୁ ମୁସଲମାନମାନଙ୍କୁ ,ସେମାନଙ୍କର କମ ସଂଖ୍ୟକ ଲୋକ ଏବଂ ବହୁତ କିଛି ଅଭାବ ରହିଥିବା ସତ୍ୱେ ବି କୁରେଶର ଏକ ବିଶାଳ ସେନା ଉପରେ ବିଜୟ ପ୍ରଦାନ କଲେ, ଏବଂ ସେହି ଯୁଦ୍ଧରେ ମକ୍କାର ବଡ଼ ବଡ଼ ସମ୍ଭ୍ରାନ୍ତମାନେ ମାଟିରେ ମିଶିଗଲେ । ଏହା ଦେଖି ମଦିନାର ଇହୁଦୀମାନେ ଈର୍ଷାରେ ଜଳିଗଲେ । ସୁତରାଂ ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଝଗଡା କଲେ ଏବଂ ସଭାରେ ଖୋଲା ଖୋଲି ଭାବରେ କହିବା ଆରମ୍ଭ କରିଦେଲେ ଯେ କୁରେଶର ସେନାକୁ ପରାସ୍ତ କରିବା କୋଉ ବଡ କଥା ଥିଲା ଯେ, ଯଦି ଆମ ସହିତ ମୁହମ୍ମଦ (ସ ଅ ସ) ଙ୍କର ଯୁଦ୍ଧ ହୁଏ, ତେବେ ଆମେ ବତାଇ ଦେବୁ ଯେ କେମିତି ଯୁଦ୍ଧ କରାଯାଏ ।

ଏପରିକି ଗୋଟିଏ ସଭାରେ ସେମାନେ ମହାଭାଗ ସ ଆ ସଙ୍କ ମୁହଁ ସାମନାରେ ଏହି ପ୍ରକାରର ଶବ୍ଦ କହିଥିଲେ । ଅତେବ ରିଓ୍ୱାୟତରେ ଆସିଛି ଯେ ବଦର ଯୁଦ୍ଧ ପରେ ଯେବେ ଆଁ ହଜରତ ସ ଆ ସ ମଦିନା ଲେଉଟିଲେ,ମହାଭାଗ ସ ଅ ସ ଗୋଟିଏ ଦିନ ଇହୁଦୀମାନଙ୍କୁ ଏକତ୍ର କରି ସେମାନଙ୍କୁ ଉପଦେଶ ଦେଲେ ଏବଂ ନିଜର ଦାବି ଉପସ୍ଥାପନ କରି ଇସଲାମ ଆଡ଼କୁ ଆସିବା ପାଇଁ ଆମନ୍ତ୍ରଣ କଲେ । ମହାଭାଗ ସ ଆ ସଙ୍କର ଏହି ଶାନ୍ତପୂର୍ଣ୍ଣ ତଥା ସହୃଦୟ ଅଭିବ୍ୟକ୍ତିର ପ୍ରତିକ୍ରିୟାରେ ଇହୁଦୀମାନେ ଏପରି ଉତର ଦେଲେ ଯେ "ହେ ମୁହମ୍ମଦ (ସ ଅ ସ) ତୁମେ ବୋଧ ହୁଏ କିଛି କୁରେଶଙ୍କୁ ହତ୍ୟା କରି ଅହଂକାରୀ ହୋଇଯାଇଅଛ । ସେମାନେ (ଅର୍ଥାତ କୁରେଶମାନେ) ଯୁଦ୍ଧ କଳା ବିଷୟରେ ଅନଭିଜ୍ଞ ଥିଲେ । କିନ୍ତୁ ଯଦି ଆମ ସହିତ ତୁମର ଯୁଦ୍ଧ ହୁଏ,ତେବେ ତୁମେ ଜାଣି ପାରିବ ଯେ ଯୋଦ୍ଧା କାହାକୁ କହନ୍ତି । ଇହୁଦୀମାନେ କେବଳ ସାଧାରଣ ଧମକ ଚମକ ଦେବା ମଧ୍ୟରେ ସୀମିତ ନଥିଲେ,ବରଂ ଏପରି ଜଣା ପଡୁଥିଲା ଯେ, ସେମାନେ ହଜରତ ମୁହମ୍ମଦ ସ ଆ ସଙ୍କୁ ହତ୍ୟା କରିବା ପାଇଁ ଯୋଜନା ମଧ୍ୟ ଆରମ୍ଭ କରିଦେଇଥିଲେ । କାରଣ ଗୋଟିଏ ରିଓ୍ୱାୟତରେ ଆସିଛି ଯେ ସେହି ଦିନଗୁଡିକରେ ତଲହା ବିନ ବରାଅ ର ଅ,ଯିଏ ଜଣେ ନିଷ୍ଠାବାନ ସାହାବି ଥିଲେ,ଯେବେ ତାଙ୍କର ମୃତ୍ୟୁ ସମୟ ଉପନୀତ ହେଲା,ସେ ଓ୍ୱସିୟତ (Will) କଲେ ଯେ ଯଦି ମୁଁ ରାତି ଭିତରେ ମରିଯାଏ,ତା'ହେଲେ ଜନାଜାଃ ନମାଜ ପାଇଁ ଆଁ ହଜରତ ସ ଆ ସଙ୍କୁ ଏତେଲା କରାନଯାଉ । ଏପରି ନହେଉ କି ମୋ ପାଇଁ ମହାଭାଗ ସ ଆ ସଙ୍କ ଉପରେ ଇହୁଦୀମାନଙ୍କ ତରଫରୁ କୌଣସି ଦୁର୍ଘଟଣା କରାଯାଉ । ଅତେବ ବଦର ଯୁଦ୍ଧ ପରେ,ଇହୁଦୀମାନେ ଖୋଲା ଖୋଲି ଭାବରେ ଦୁଷ୍ଟାମୀ ଏବଂ ଦୁଷ୍କର୍ମ ଆରମ୍ଭ କରିଦେଲେ । ଯେହେତୁ ମଦିନାରେ ଥିବା ଇହୁଦୀମାନଙ୍କ ମଧ୍ୟରେ ବନୁ କୈନକାଅ ସବୁଠାରୁ ଅଧିକା ଶକ୍ତିଶାଳୀ ଏବଂ ସାହସୀ ଥିଲା,ତେଣୁ ସର୍ବପ୍ରଥମେ ସେମାନେ ଚୁକ୍ତି ଭଙ୍ଗ କଲେ । ଅତେବ ଐତିହାସିକମାନେ ଲେଖିଛନ୍ତି ଯେ .... ମଦିନାର ଇହୁଦୀମାନଙ୍କ ମଧ୍ୟରୁ ସର୍ବପ୍ରଥମେ ବନୁ କୈନକାଅ ସେହି ଚୁକ୍ତିକୁ ଭଙ୍ଗ କଲେ,ଯେଉଁ ଚୁକ୍ତି ଆଁହଜରତ ସ ଅ ସ ଏବଂ ସେମାନଙ୍କ ମଧ୍ୟରେ ହୋଇଥିଲା । ପୁଣି ବଦର ଯୁଦ୍ଧ ପରେ ସେମାନେ ବହୁତ ଦୁଷ୍ଟାମୀ ଏବଂ ଦୁଷ୍କର୍ମ କରିବା ଆରମ୍ଭ କରିଦେଇଥିଲେ ଏବଂ ଖୋଲା ଖୋଲି ଭାବରେ ଇର୍ଷାଭାବ ଏବଂ ଶତ୍ରୁତା ପ୍ରଦର୍ଶନ କରି ଚୁକ୍ତି ଭଙ୍ଗ କଲେ।

କିନ୍ତୁ ଏହି ପ୍ରକାରର କଥା ଏବଂ କାର୍ଯ୍ୟକଳାପ ସତ୍ୱେ ମଧ୍ୟ ମୁସଲମାନମାନେ ନିଜ ଆକା (ମୁନୀବ)ଙ୍କ ମାର୍ଗଦର୍ଶନରେ ଧୈର୍ଯ୍ୟପୂର୍ବକ କାର୍ଯ୍ୟ କଲେ । ନିଜଆଡୁ କୌଣସି ପ୍ରକାରର ପଦକ୍ଷେପ ନେଲେ ନାହିଁ କି ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପୋ ନେଲେ ନାହିଁ । ବରଂ ହଦିସରେ ଆସିଛି ଯେ ସେହି ଚୁକ୍ତିନାମା ପରେ,ଅର୍ଥାତ ଇହୁଦୀମାନଙ୍କ ସହିତ ଯେଉଁ ଚୁକ୍ତି ହୋଇଥିଲା,ତା'ପରେ ଆଁହଜରତ ସ ଆ ସ ବିଶେଷ ଭାବରେ ଇହୁଦୀମାନଙ୍କୁ ଖୁସି କରବା ପାଇଁ ତଥା ସେମାନଙ୍କୁ କିପରି ସୁବିଧା, ଆରାମ ଓ ଶାନ୍ତି ମିଳିବ ସେଥିପ୍ରତି ଧ୍ୟାନ ଦେଉଥିଲେ।

ଅତେବ ଥରେ ଜଣେ ମୁସଲମାନ ଏବଂ ଜଣେ ଇହୁଦୀଙ୍କ ମଧ୍ୟରେ କିଛି ମତଭେଦ ସୃଷ୍ଟି ହୋଇଗଲା । ଇହୁଦୀ ଜଣକ ହଜରତ ମୁସା ଆ ସଙ୍କୁ ସମସ୍ତ ନବି ଏବଂ ଅବତାରମାନଙ୍କ ଉପରେ ଶ୍ରେଷ୍ଠତା ରହିଥିବାର ବର୍ଣ୍ଣନା କଲେ । ସାହାବି ଜଣକୁ ଇହୁଦୀର ଏପରି କହିବା ଦ୍ଵାରା କ୍ରୋଧ ଆସିଲା । ତେଣୁ ସେ ସେହି ଇହୁଦୀ ସହିତ କିଛି କଠୋର ବ୍ୟବହାର ବି କଲେ,ଏବଂ ଆଁହଜ୍ରତ ସ ଆ ସଙ୍କୁ ସମସ୍ତ ନବିମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି କହିଲେ ଯେବେ ମହାଭାଗ ସ ଅ ସଙ୍କୁ ଏ ବିଷୟ ଜଣାପଡିଲା,ମହାଭାଗ ସ ଅ ସ ସେହି ସାହାବିଙ୍କ ଉପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ତାଗିଦ କରି କହିଲେ ଯେ "ତୁମର ଏକାମ ନୁହେଁ ଯେ ତୁମେ ଅଲ୍ଲାଃଙ୍କ ରସୁଲମାନଙ୍କ ମଧ୍ୟରେ ଜଣଙ୍କୁ ଅନ୍ୟ ଜଣଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କର'' ଏବଂ ତା'ପରେ ମହାଭାଗ ସ ଅ ସ ମୁସା ଆ ସଙ୍କର ଗୋଟିଏ ଆଂଶିକ ଗୁଣର ଶ୍ରେଷ୍ଠତାକୁ ପ୍ରତିପାଦନ କରି ସେହି ଇହୁଦୀକୁ ସାନ୍ତ୍ଵନା ଦେଲେ । କିନ୍ତୁ ଏହି ପ୍ରକାରର ଉତମ ବ୍ୟବହାର ସତ୍ୱେ ବି ଇହୁଦୀମାନେ ସେମାନଙ୍କର ଦୁଷ୍ଟତାରେ ବଢି ବଢି ଚାଲିଲେ ଏବଂ ପରିଶେଷରେ ସ୍ୱୟଂ ଇହୁଦୀମାନଙ୍କ ତରଫରୁ ଯୁଦ୍ଧର କାରଣ ଉତ୍ପନ୍ନ ହେଲା, ସେମାନଙ୍କର ଶତ୍ରୁତା ସେମାନଙ୍କ ମନ ଭିତରେ ଲୁଚି ରହିପାରିଲା ନାହିଁ । ଘଟଣାଟି ଏମିତି ଘଟିଲା ଯେ ଜଣେ ମୁସଲମାନ ମହିଳା ଜଣେ ଇହୁଦୀଙ୍କ ଦୋକାନରୁ କିଛି ସଉଦା କିଣିବା ପାଇଁ ବଜାରକୁ ଯାଇଥିଲେ । ସେହି ସମୟରେ ସେହି ଦୋକାନରେ ଉପସ୍ଥିତ ଥିବା କେତେକ ଦୁଷ୍ଟ ଇହୁଦୀ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେହି ମହିଳାଙ୍କୁ ଛେଡିଥିଲେ, ସେହି ଦୋକାନୀ ଜଣକ ମଧ୍ୟ ନିଜେ ଏପରି ବ୍ୟବହାର କରି ଦୁଷ୍ଟାମୀ କରିଥିଲା ଯେ ସେହି ମହିଳାଙ୍କ ଲୁଗା କାନୀର ତଳଭାଗରେ ଥିବା କନାକୁ ମହିଳାଙ୍କ ଅଜାଣତରେ କୌଣସି ଏକ କଂଟା ବା ହୁକ ଇତ୍ୟାଦି ଜିନିଷରେ ମହିଳାଙ୍କ ପିଠିରେ ଥିବା

କନା ସହିତ ଯୋଡ଼ି ବାନ୍ଧି ଦେଲା। ଫଳାଫଳ ଏହା ହେଲା ଯେ ଯେତେବେଳେ ମହିଳା ଜଣକ ସେମାନଙ୍କର ଅଶ୍ଳୀଳ ଆଚରଣ ଦେଖି ସେଠାରୁ ଉଠି ସେଠାରୁ ଚାଲିଯିବା ପାଇଁ ବାହାରିଲେ,ସେ ସେଠାରେ (ଉକ୍ତ ଦୋକାନୀ ଦ୍ୱାରା କରାଯାଇଥିବା କାମ ଯୋଗୁଁ) ଅଚାନକ ଉଲଗ୍ନ ହୋଇଗଲେ । ଏହାକୁ ଦେଖି ସେହି ଇହୁଦି ଦୋକାନୀ ଏବଂ ତା ସାଙ୍ଗସାଥିମାନେ ଜୋରରେ ଠୋ ଠୋ ହୋଇ ହସିବାକୁ ଲାଗିଲେ

ସୁତରାଂ ସେହି ମୁସଲମାନ ମହିଳା ଜଣକ ଲଜ୍ଜାରେ ଚିତ୍କାର କରି ସାହାଯ୍ୟ ଭିକ୍ଷା କଲେ । ସୌଭାଗ୍ୟ ବଶତଃ ସେହି ସମୟରେ ଜଣେ ମୁସଲମାନ ନିକଟରେ ଉପସ୍ଥିତ ଥିଲେ । ସେ ତତକ୍ଷଣାତ ସେଠାରେ ପହଂଚିଗଲେ,ଏବଂ ସେଠାରେ ଝଗଡା ଆରମ୍ଭ ହୋଇଗଲା । ସେହି ମାରପିଟ ଏବଂ ଝଗଡା ଝଂଟିରେ ଉକ୍ତ ଇହୁଦୀ ଦୋକାନୀ ଜଣକ ମରିଗଲା ।

ଏତଦ୍ଦ୍ୱାରା ଚାରୁପଟୁ ସେହି ମୁସଲମାନ ଜଣକ ଉପରେ ତରବାରୀର ପ୍ରହାର ବର୍ଷା ଆରମ୍ଭ ହୋଇଗଲା । ସୁତରାଂ ସେହି ଆତ୍ମସମ୍ମାନୀ ଉତ୍ସାହୀ ମୁସଲମାନ ଜଣକ ସେହିଠାରେ ହିଁ ଟଳି ପଡ଼ିଲେ । ଯେତେବେଳେ ଅନ୍ୟ ମୁସଲମାନମାନଙ୍କୁ ଏହି ଘଟଣା ବିଷୟରେ ଜଣା ପଡିଲା,ସେମାନେ ନିଜ ଜାତି ପ୍ରତି ଆତ୍ମ ସମ୍ମାନ ଦେଖାଇ କ୍ରୋଧରେ ଜର୍ଜରିତ ହୋଇଗଲେ । ଅପର ପକ୍ଷେ ଯେଉଁ ଇହୁଦୀମାନେ ସେହି ଘଟଣାକୁ ଝଗଡା କରିବା ପାଇଁ ଏକ ବାହାନା / ଆଳ ଭାବରେ ବ୍ୟବହାର କରିବାକୁ ଚାହୁଁଥିଲେ,ସେମାନେ ଦଳଗତ ଭାବରେ ଏକାଠି ହୋଇ ଏକ ଭିଡ ଜମାଇଥିଲେ । ଯେତେବେଳେ ଆଁହଜରତ ସ ଆ ସଙ୍କୁ ଏତେଲା ମିଳିଲା, ଆପଣ ସ ଆ ବନୁ କୈନକାଅ କବିଲାର ମୁଖିଆମାନଙ୍କୁ ଏକାଠି କରି କହିଲେ ଯେ ଏପରି କରିବା ଠିକ ନୁହେଁ । ତେଣୁ ଏପରି ଦୁଷ୍ଟାମୀରୁ ନିବୃତ ରହନ୍ତୁ ଏବଂ ଈଶ୍ୱରଙ୍କୁ ଭୟ କରନ୍ତୁ । ସେମାନେ ଦୁଃଖ ପରିପ୍ରକାଶ କରିବା ପରିବର୍ତେ ଏବଂ କ୍ଷମା ମାଗିବା ପରିବର୍ତେ ସମ୍ମୁଖରେ ବିଦ୍ରୋହମୂଳକ ଉତର ଦେଇଥିଲେ ଏବଂ ତାପରେ ସେହି ସମାନ ଧମକର ପୁନରାବୃତି ମଧ୍ୟ କଲେ ଯେ ତୁମେମାନେ ବଦର ଯୁଦ୍ଧରେ ବିଜୟ ହାସଲ କରିଥିବାରୁ ଗର୍ବ କରନାହିଁ । ଯେବେ ଆମ ସହିତ ତୁମର ମୁକାବିଲା (ଯୁଦ୍ଧ) ହେବ,ସେତେବେଳେ ତୁମେମାନେ ଜାଣି ପାରିବ ଯେ ଯୋଦ୍ଧାମାନେ କିପରି ଯୁଦ୍ଧ କରିଥାନ୍ତି । ଉପାୟହୀନ ହୋଇ ମହାଭାଗ ସ ଆ ସ ସାହାବାମାନଙ୍କର ଗୋଟିଏ ଦଳକୁ ସାଥିରେ ଧରି ବନୁ କୈନକାଅର କିଲ୍ଲା ଆଡ଼କୁ ବାହାରିଗଲେ । ଏବେ ଏହା ଥିଲା ସେମାନଙ୍କ ପାଇଁ ଶେଷ ସୁଯୋଗ ଯେ ସେମାନେ ନିଜର କୁକର୍ମ ପାଇଁ ପଶ୍ଚାତାପ କରିଥାନ୍ତେ । କିନ୍ତୁ ସେମାନେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ରହିଥିଲେ ।

ପରିଶେଷରେ ଯୁଦ୍ଧର ଘୋଷଣା ହୋଇଗଲା ଏବଂ ଇସଲାମ ଓ ଇହୁଦୀ ଧର୍ମର ଶକ୍ତିସମୁହ ପରସ୍ପର ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ବାହାରି ପଡ଼ିଲେ ।

ସେ ଯୁଗର ପ୍ରଥା ଅନୁସାରେ ଯୁଦ୍ଧ କରିବାର ଗୋଟିଏ ଶୈଳୀ ଏପରି ଥିଲା ଯେ ଲୋକମାନେ ନିଜ ନିଜର କିଲ୍ଲା (ଦୁର୍ଗ) ମଧ୍ୟରେ ନିରାପଦରେ ବସିଯାଉଥିଲେ । ସେମାନଙ୍କୁ ଅବରୋଧ କରାଯାଉଥିଲା । ଘେରାଉଟ କରାଯାଉଥିଲା । ଅର୍ଥାତ ବିରୋଧି ଦଳ ଦୁର୍ଗକୁ ଘେରି ରହୁଥିଲେ ଏବଂ ସମୟେ ସମୟେ ସୁଯୋଗ ଦେଖି ପରସ୍ପର ଉପରେ ଆକ୍ରମଣ କରିଦେଉଥିଲେ । ଏହିପରି ଭାବରେ ଘେରି ରହିଥିବା ସେନା କିଲ୍ଲା ଉପରେ କବ୍ଜା କରି ନପାରି ନିରାଶ ହୋଇ ନିଜର ଘେରାବନ୍ଦୀକୁ (ଅବରୋଧକୁ) ହଟାଇ ଦେଉଥିଲେ, ଏହା କିଲ୍ଲା ମଧ୍ୟରେ ଅବରୋଧ ହୋଇ ସୁରକ୍ଷିତ ରହିଥିବା ଲୋକମାନଙ୍କର ବିଜୟ ହୋଇଛି ବୋଲି ଧରାଯାଉଥିଲା । ପୁଣି ଏହାର ବିପରୀତ କିଲ୍ଲା ଭିତରେ ଥିବା ଲୋକମାନେ ଏପରି ଅବରୋଧକୁ (ଘେରାଉଟକୁ) ସହ୍ୟ ନକରିପାରି କିଲ୍ଲାର ଫାଟକକୁ ଖୋଲିଦେଉଥିଲେ ଏବଂ ନିଜକୁ ବିଜେତାଙ୍କ ନିକଟରେ ଆତ୍ମସର୍ମପଣ କରିଦେଉଥିଲେ । ଏହି ଅବସରରେ ମଧ୍ୟ ବନୁ କୈନକାଅ ସେହି ଶୈଳୀକୁ ଆପଣେଇଲେ ଏବଂ ନିଜର କିଲ୍ଲା ଭିତରେ ସୁରକ୍ଷିତ ବନ୍ଦ ହୋଇ ରହିଗଲେ । ମହାଭାଗ ସ ଆ ସ ସେମାନଙ୍କୁ ଘେରି ରହିଲେ । ଏହିପରି ଭାବରେ ପନ୍ଦର ଦିନ ପର୍ଯ୍ୟନ୍ତ ସେହି ଘେରାବନ୍ଦୀ ଜାରି ରହିଲା ।

ଅନ୍ତତଃ ଯେବେ ବନୁ କୈନକାଅର ସମସ୍ତ ଶକ୍ତି ତଥା ସମସ୍ତ ଅହଂକାର ଭାଙ୍ଗି ଚୁରମାର ହୋଇଗଲା,ସେମାନେ ଏ ସର୍ତରେ କିଲ୍ଲାର ଫାଟକକୁ ଖୋଲି ଦେଲେ ଯେ ସେମାନଙ୍କର ସମସ୍ତ ଧନ ସମ୍ପତି ମୁସଲମାନମାନଙ୍କର ହୋଇଯିବ କିନ୍ତୁ ସେମାନଙ୍କ ଜୀବନ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ଉପରେ ମୁସଲମାନମାନଙ୍କର କିଛି ବି ଅଧିକାର ରହିବ ନାହିଁ । ଆଁହଜରତ ସ ଆ ସ ଏହି ସର୍ତକୁ ମଞ୍ଜୁର କରିନେଲେ । କାରଣ ଯଦିଓ ମୁସା ଆ ସଙ୍କ ସରିୟତ ମୁତାବକ ଏମାନେ ସମସ୍ତେ ମୃତ୍ୟୁ ଦଣ୍ଡ ପାଇଥାନ୍ତେ ଏବଂ ଚୁକ୍ତି ଅନୁସାରେ ସେହି ଲୋକମାନଙ୍କ ଉପରେ ମୁସା ଆ ସଙ୍କ ଶରିୟତ (ଧର୍ମବିଧାନ) ଅନୁଯାୟୀ ବ୍ୟବହାର ହେବାର ଥିଲା । କିନ୍ତୁ ଯେହେତୁ ଏହି ଜାତିର ଏହା ପ୍ରଥମ ଭୂଲ ଥିଲା ଏବଂ ଆଁହଜରତ ସ ଆ ସଙ୍କ ଦୟାବାନ ସ୍ୱଭାବ ଏପରି ଚରମ ଦଣ୍ଡ ପ୍ରତି ପ୍ରବୃତ ହୋଇପାରିନଥାନ୍ତା, ଯାହା ହେଉଛି ଦଣ୍ଡର ଶେଷ ପ୍ରତିକାର । କିନ୍ତୁ ଅପରପକ୍ଷେ ଏପରି ପ୍ରତିଶୃତି ଭଙ୍ଗକାରୀ ଦୁଷ୍ଟ କବିଲା ବି ମଦିନାରେ ରହିବା ଏକ ବିଷାକ୍ତ ସାପକୁ ପାଳିବା ସହିତ ସମାନ ଥିଲା । ବିଶେଷକରି ଯେତେବେଳେ ଅଓସ ଏବଂ ଖଜରଜ କବିଲାର ଗୋଟିଏ ମୁନାଫିକ (କପଟୀ) ଦଳ ପୂର୍ବରୁ ମଦିନାରେ ହିଁ ଉପସସ୍ଥିତ ଥିଲା ଏବଂ ବାହ୍ୟ ଇଲାକାରୁ ମଧ୍ୟ ସମଗ୍ର ଆରବୀୟ ମାନଙ୍କର ବିରୋଧ ମଧ୍ୟ ମୁସଲମାନମାନଙ୍କୁ ବ୍ୟତିବ୍ୟସ୍ତ କରି ରଖିଥିଲା । ଏହିପରି ପରିସ୍ଥିତିରେ ଆଁହଜରତ ସ ଆ ସଙ୍କର ଏହି ନିଷ୍ପତି କରିବା, ହୋଇପାରେ ଯେ ବନୁ କୈନକାଅ ମଦିନାରୁ ଚାଲିଯାଆନ୍ତୁ । ଏହି ଦଣ୍ଡ ସେମାନଙ୍କ ଅପରାଧ ଅନୁସାରେ ଏବଂ ସେ ସମୟର ପରିସ୍ଥିତିକୁ ଆଖିଆଗରେ ରଖି ଏକ କୋହଳ ଦଣ୍ଡ ଥିଲା,ଏବଂ ବାସ୍ତବିକ ଏଥିରେ କେବଳ ଆତ୍ମରକ୍ଷା ଦିଗକୁ ବିଚାରକୁ ନିଆଯାଇଥିଲା । ଅନ୍ୟଥା ଆରବର ଯାଯାବର ଜନଜାତି ପାଇଁ ଏପରି ସ୍ଥାନାନ୍ତରଣ ହେବା କୌଣସି ବଡ କଥା ନଥିଲା । ବିଶେଷ ଭାବରେ ଯେବେ କୌଣସି ଜନଜାତିର ଧନସମ୍ପତି,ଜମିବାଡ଼ି ଏବଂ ଉଦ୍ୟାନ ଇତ୍ୟାଦି ନଥାଏ । ଉଦାହରଣ ସ୍ୱରୂପ ବନୁ କୈନକାଅ କବିଲାର ନଥିଲା । ଏହିପରି ଭାବରେ ସମଗ୍ର କବିଲାକୁ ଶାନ୍ତିର ସହିତ ଗୋଟିଏ ସ୍ଥାନକୁ ଛାଡି ଅନ୍ୟ ଏକ ସ୍ଥାନରେ ଯାଇ ବସବାସ କରିବାର ସୁଯୋଗ ମିଳିଯିବ । ଅତେବ ବନୁ କୈନକାଅ ବହୁତ ସନ୍ତୁଷ୍ଟତାର ସହିତ ମଦିନା ଛାଡ଼ି ସିରିଆ ଆଡ଼କୁ ଚାଲିଗଲା । ବନୁ କୈନକାଅ ମଦିନା ଛାଡ଼ି ଯିବା ସମୟରେ ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ଏବଂ ତଦାରଖ ଇତ୍ୟାଦି କାର୍ଯ୍ୟ କରିବା ପାଇଁ ଆଁହଜରତ ସ ଆ ସ ନିଜର ସାହାବି ଇବାଦାଃ ବିନ ସାମିତଙ୍କଠାରେ ନ୍ୟସ୍ତ କରିଥିଲେ, ଯିଏ ତାଙ୍କର ସହଯୋଗୀ ଥିଲେ । ଅତେବ ଇବାଦାଃ ବିନ ସାମିତ କିଛି ପର୍ଯ୍ୟାୟ (ରାସ୍ତା) ପର୍ଯ୍ୟନ୍ତ ବନୁ କୈନକାଅ ସହିତ ଗଲେ । ତାପରେ ବନୁ କୈନକାଅକୁ ସୁରକ୍ଷା ସହିତ ଆଗକୁ ପଠାଇ ନିଜେ ସେଠାରୁ ଫେରିଆସିଲେ । ମୁସଲମାନମାନଙ୍କୁ ଯେଉଁ ମାଲେ ଗନିମତ (ଅର୍ଥାତ ଯୁଦ୍ଧରେ ଜିତା ଯାଇଥିବା ଧନ ସମ୍ପତି) ମିଳିଥିଲା,ତାହା କେବଳ ଯୁଦ୍ଧାସ୍ତ୍ର ଏବଂ କୃଷି ତଥା ବୃତିଗତ ଅସ୍ତ୍ର ଓ ଉପକରଣ ଇତ୍ୟାଦି ଥିଲା ।''

ବନୁ କୈନକାଅ ବିଷୟରେ କେତେକ ରିୱାୟତରେ ଆସିଛି ଯେ ଯେବେ ସେମାନେ ନିଜ କିଲ୍ଲାର ଫାଟକକୁ ଖୋଲି ଆଁହଜରତ ସ ଆ ସଙ୍କ ନିକଟରେ ଆତ୍ମ ସମର୍ପଣ କଲେ, ସେତେବେଳେ ସେମାନଙ୍କର ପ୍ରତିଶୃତି ଭଙ୍ଗ କରିବା, ବିଦ୍ରୋହ କରିବା ଏବଂ ସେମାନଙ୍କର ଦୁଷ୍ଟାମୀ ଓ ଦୁଷ୍କର୍ମ ହେତୁ ମହାଭାଗ ସ ଅ ସଙ୍କର ଏ ମତ ଥିଲା ଯେ ସେମାନଙ୍କ ପୁରୁଷମାନଙ୍କୁ ହତ୍ୟା କରିଦିଆଯାଉ । କିନ୍ତୁ ମୁନାଫିକ (ଅର୍ଥାତ କପଟୀମାନଙ୍କ) ସରଗଣା ଅବ୍ଦୁଲ୍ଲାଃ ବିନ ଉବେି ବିନ ସୁଲୁଲର ସୁପାରିଶ କ୍ରମେ ମହାଭାଗ ସ ଆ ସ ସେହି ଉଦ୍ଦେଶ୍ୟକୁ ତ୍ୟାଗ କରିଥିଲେ,କିନ୍ତୁ (ଏହି କଥାର କୌଣସି ପ୍ରମାଣ ନାହିଁ) ଅନୁସନ୍ଧାନକାରୀମାନେ ଏହି ରିୱାୟତକୁ ସଠିକ ମନେ କରନ୍ତି ନାହିଁ ''....କାରଣ ଯେବେ ଦ୍ୱିତୀୟ ରିୱାୟତରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ବନୁ କୈନକାଅ ଏହି ସର୍ତରେ କିଲ୍ଲାର ଫାଟକକୁ ଖୋଲିଥିଲେ ଯେ ସେମାନଙ୍କ ଜୀବନ ଏବଂ ସେମାନଙ୍କ ପରିବାର ବର୍ଗର ଜୀବନ ରକ୍ଷା କରାଯିବ । ତେବେ ଏପରି ସର୍ତ ରହିବା ସ୍ଥଳେ ଏହା କଦାପି ହୋଇ ପାରି ନଥାନ୍ତା ଯେ ଆଁହଜରତ ସ ଅ ସ ସେହି ସର୍ତକୁ ମଞ୍ଜୁର କରିବା ପରେ ବି ଅନ୍ୟ କୌଣସି ଉପାୟ ଅବଲମ୍ବନ କରିଥାନ୍ତେ ।''ଅର୍ଥାତ ଏହି ସର୍ତ ରହିଥିବା ସ୍ଥଳେ କ'ଣ ମହାଭାଗ ସ ଆ ସ ସେମାନଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରିଥାନ୍ତେ କି ? ଏହା ତ ସମ୍ପୂର୍ଣ୍ଣ ଭୂଲ ହୋଇଥାନ୍ତା । "ତଥାପି ବନୁ କୈନକାଅ ତରଫରୁ ଜୀବନ ଭିକ୍ଷା କରିବାର ସର୍ତ ଉପସ୍ଥାପନ ହେବା ଏକଥାକୁ ପ୍ରକାଶ କରୁଛି ଯେ ସେମାନେ ନିଜେ ହିଁ ଏକଥା ଭଲ ଭାବରେ ଜାଣିଥିଲେ ଯେ ସେମାନଙ୍କ ପ୍ରକୃତ ଦଣ୍ଡ ହେଉଛି ମୃତ୍ୟୁ ଦଣ୍ଡ । କିନ୍ତୁ ସେମାନେ ଆଁହଜରତ ସ ଆ ସଙ୍କ ନିକଟରୁ କ୍ଷମା ଓ ଦୟା ଚାହୁଁଥିଲେ । ଏହି ପ୍ରତିଶୃତି ପାଇବା ପରେ ସେମାନେ ନିଜ କିଲ୍ଲାର ଫାଟକକୁ ଏ ସର୍ତରେ ଖୋଲିଦେବାକୁ ଚାହୁଁଥିଲେ ଯେ ସେମାନଙ୍କ ଜୀବନ ଏବଂ ସେମାନଙ୍କ ପରିବାରର ଜୀବନକୁ ରକ୍ଷା କରାଯାଉ ଏବଂ ସେମାନଙ୍କୁ ମୃତ୍ୟୁ ଦଣ୍ଡ ଦିଆ ନଯାଉ । କିନ୍ତୁ ଯଦିଓ ମହାଭାଗ ସ ଆ ସ ନିଜର ଦୟାପୂର୍ଣ୍ଣ ସ୍ୱଭାବ ଯୋଗୁଁ ସେମାନଙ୍କୁ କ୍ଷମା କରିଦେଇଥିଲେ । କିନ୍ତୁ ଜଣା ପଡୁଛି ଯେ ଅଲ୍ଲାଃତାଲାଙ୍କ ନଜରରେ ସେହି ଲୋକମାନେ ନିଜର ଦୁଷ୍କର୍ମ ଏବଂ ଅପରାଧ ଯୋଗୁଁ ଏବେ ଏହି ଦୁନିଆରେ ଜୀବନ୍ତ ରହିବା ଯୋଗ୍ୟ ନଥିଲେ । ଅତେବ ରିୱାୟତରେ ଆସିଛି ଯେ ଯେଉଁ ସ୍ଥାନକୁ ଏହି ଲୋକମାନେ ନିର୍ବାସନରେ ଯାଇଥିଲେ,ସେଠାରେ ସେମାନଙ୍କୁ ମାତ୍ର ଏକ ବର୍ଷ ବିତି ନଥିଲା ଯେ ସେମାନଙ୍କ ମଧ୍ୟରେ ଏପରି କୌଣସି ରୋଗ ବ୍ୟାପିଗଲା ଯେ ସମଗ୍ର କବିଲାର ଲୋକେ ସେହି ରୋଗର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ'' ***(ସିରତ ଖାତମୁନ ନବିୟୀନ ସ ଆ ସ ଲେଖକ ହଜରତ ସାହାବଜାଦାଃ ମିର୍ଜା ବଶିର ଅହେମଦ ସାହେବ ଏମ ଏ ର ଅ,ପୃ- ୪୫୭-୪୬୧)*** ଅର୍ଥାତ ସମ୍ପୂର୍ଣ୍ଣ କବିଲା ସେଠାରେ ନିଶେଷ ହୋଇଗଲା । ବନୁ କୈନକାଅ ଯୁଦ୍ଧ ୦୨ ହିଜରୀର ଜୁଲକାଦାଃ ମାସରେ ଅନୁଷ୍ଠିତ ହୋଇଥିଲା । ***(ସିରତ ଖାତମୁନ ନବିୟୀନ ସ ଆ ସ ଲେଖକ ହଜରତ ସାହାବଜାଦାଃ ମିର୍ଜା ବଶିର ଅହେମଦ ସାହେବ ଏମ ଏ ର ଅ,ପୃ- ୪୬୧)*** ସେ ଯାହା ବି ହେଉ ହଜରତ ହମଜାଃ ର ଅ ସେହି ଯୁଦ୍ଧରେ ଧ୍ୱଜା/ପତାକା ବହନ କରିଥିଲେ ।

ହଜରତ ହମଜାଃ ର ଅଙ୍କ ଶହୀଦ ହେବା ବିଷୟରେ ପୂର୍ବରୁ ବର୍ଣ୍ଣନା ହୋଇସାରିଛି ଯେ ସେ ଓହଦ ଯୁଦ୍ଧରେ ଶହୀଦ ହୋଇଥିଲେ । ଏହାର ଖବର ଅଲ୍ଲାଃତାଲା ପୂର୍ବରୁ ରସୁଲେ କରିମ ସ ଆ ସଙ୍କୁ ଗୋଟିଏ ସ୍ୱପ୍ନ ମାଧ୍ୟମରେ ଜଣାଇ ଦେଇଥିଲେ । ଅତେବ ହଜରତ ଅନସ ବିନ ମାଲିକ ର ଅଙ୍କଠାରୁ ଗୋଟିଏ ରିୱାୟତ ବର୍ଣ୍ଣିତ ଅଛି ଯେ ରସୁଲେ କରିମ ସ ଆ ସ ଗୋଟିଏ ସ୍ୱପ୍ନରେ ଏ ବିଷୟରେ ଦେଖିଲେ । ରସୁଲେ କରିମ ସ ଅ ସ କହିଲେ : ମୁଁ ସ୍ୱପ୍ନରେ ଦେଖିଲି ଯେ ଗୋଟିଏ ମେଷ ପଛରେ ମୁଁ ଗୋଡ଼ାଉଛି, ଏବଂ ମୋ ତରବାରୀର ଧାର ଭାଙ୍ଗି ଯାଇଛି । ଏହି ସ୍ୱପ୍ନର ଅର୍ଥ ମୁଁ ଏହା କଲି ଯେ ମୁଁ ବୋଧ ହୁଏ କୌମର ମେଷକୁ ବଧ କରିବି ଅର୍ଥାତ ସେମାନଙ୍କ ସେନାପତିକୁ ହତ୍ୟା କରିବି ଏବଂ ତରବାରୀର ଧାର ଭାଙ୍ଗିଯିବାର ଅର୍ଥ ଏହା କଲି ଯେ ଏହା ମୋ କୁଟୁମ୍ବର / ପରିବାରର କୌଣସି ଲୋକ ବିଷୟରେ ରହିଛି। ତା'ପରେ ହଜରତ ହମଜାଃ ର ଅଙ୍କୁ ଶହୀଦ କରିଦିଆଗଲା । ପୁଣି ରସୁଲେ କରିମ ସ ଆ ସ ତଲ୍‌ହାକୁ ବଧ କରିଥିଲେ,ଯିଏ ମୁସରିକ (ଅର୍ଥାତ ଅବିଶ୍ୱାସକାରୀ) ମାନଙ୍କର ଧ୍ୱଜା ବାହାକ ଥିଲା । ***(ମୁସତଦରକ ଅଲଲ ସହିହୀନ୍ ଲିଲହାକିମ, ଭା-୦୫,ପୃ- ୧୮୩୪,କିତାବ ମାରିଫତୁସ ସାହାବାଃ,ହଦିସ ନଂ-୪୮୯୬, ମୁଦ୍ରିତ ମକତବାଃ ନଜାରୁଲ ବାଜ ରିୟାଜ)***

ହଜରତ ହମଜାଃ ର ଅଙ୍କୁ ମୁସଲାଃ କରିଦିଆଯାଇଥିଲା (ଅର୍ଥାତ ତାଙ୍କୁ ଶହୀଦ କରିବା ପରେ ତାଙ୍କ ନାକ କାନ ଏବଂ ଆଖି ଇତ୍ୟାଦି ଅଙ୍ଗ ପ୍ରତ୍ୟଙ୍ଗଙ୍କୁ କାଟି ଦିଆଯାଇଥିଲା) ତାଙ୍କର ଚେହେରାକୁ ବିକୃତ କରିଦିଆ ଯାଇଥିଲା । ନାକ କାନ କାଟି ଦିଆଯାଇଥିଲା । ଯେବେ ନବି କରିମ ସ ଆ ସ ତାଙ୍କର ଏପରି ଅବସ୍ଥାକୁ ଦେଖିଲେ,ମହାଭାଗ ସ ଆ ସଙ୍କୁ ବହୁତ ଦୁଃଖ ଅନୁଭବ କଲେ ଏବଂ କହିଲେ ଯେ ଯଦି ଅଲ୍ଲାଃତାଲା ମତେ କୁରୈଶ ଉପରେ ବିଜୟ ପ୍ରଦାନ କରନ୍ତି,ତେବେ ମୁଁ ସେମାନଙ୍କର ତିରିଶି ଜଣ ଲୋକଙ୍କୁ ମସଲାଃ କରିବି । ଯେବେ କି ରିୱାୟତରେ ଆସିଛି ମହାଭାଗ ସ ଆ ସ ଶପଥ କରି କହିଥିଲେ ଯେ ମୁଁ ସେମାନଙ୍କର ସତୁରି ଜଣ ଲୋକଙ୍କୁ ମୁସଲାଃ କରିବି । ତା ପରେ ନିମ୍ନ ଲିଖିତ ଆୟତ ଅବତୀର୍ଣ୍ଣ ହେଲା । ଆକବତୁମ ଫଆକବୁ ବିମିସଲି ମା ଉକିବତୁମ୍ ବିହି ଓ୍ୱ ଲଇନ ସବରତୁମ୍ ଲହୁଓ୍ୱ ଖୈରୁଲ ଲିସ ସାବିରୀନ୍ ***(ସୁରଃ ଅଲ ନହଲ୍ :୧୨୭)***

ଅର୍ଥାତ ଯଦି ତୁମେ ସେମାନଙ୍କୁ ଦଣ୍ଡ ଦେବାକୁ ଚାହୁଁଛ ତାହେଲେ ଯେତେ ମାତ୍ରାରେ ତୁମ ଉପରେ ଅତ୍ୟାଚାର କରାଯାଇଛି,ତୁମେ ସେତିକି ମାତ୍ରାରେ ହିଁ ଦଣ୍ଡ ଦିଅ, କିନ୍ତୁ ଯଦି ତୁମେ ଧୈର୍ଯ୍ୟ ଧରିବ ତାହେଲେ ଏହି ଧୈର୍ଯ୍ୟ ଧରିବା ନିଶ୍ଚିତ ରୂପେ ତୁମ ପାଇଁ ଉତମ ହେବ । ଏଥିରେ ରସୁଲେ କରିମ ସ ଆ ସ କହିଲେ ଯେ ଆମେ ଧୈର୍ଯ୍ୟ ଧରିବୁ ଏବଂ ନିଜ ଶପଥର କଫାରାଃ (ପ୍ରତିବଦଳ) ପଇଠ କରିଦେଲେ । ***(ଅଲଇସତିୟାବ ଫି ମାରିଫତିସ ସାହାବାଃ, ଖ-୦୧, ପୃ-୪୨୬, ଦାରୁଲ କୁତୁବୁଲ ଅଲମିୟାଃ ବେରୁତ)***

ହଜରତ ଇବନେ ଅବାସ ର ଅ ବର୍ଣ୍ଣନା କରିଛନ୍ତି ଯେ ରସୁଲେ କରିମ ସ ଆ ସ କହିଲେ ଯେ: ଗତ ରାତିରେ ମୁଁ ଯେବେ ବୈକୁଣ୍ଠରେ ପ୍ରବେଶ କଲି,ମୁଁ ଏ ଦୃଶ୍ୟ ଦେଖିଲି ଯେ ଜାଫର ଫିରସ୍ତା (ଦେବଦୂତ) ମାନଙ୍କ ସହିତ ମିଶି ଉଡ଼ିବୁଲୁଛନ୍ତି,ଏବଂ ହମଜାଃ ସିଂହାସନ ଉପରେ ଆରାମରେ ବସିଛନ୍ତି । ***(ମୁସତଦରକ ଅଲଲ ସହିହୀନ୍ ଲିଲହାକିମ,ଭା-୦୫,ପୃ-୧୮୩୨,କିତାବ ମାରିଫତୁସ ସାହାବାଃ,ହଦିସ ନଂ-୪୮୯୦, ମୁଦ୍ରିତ ମକତବାଃ ନଜାରୁଲ ବାଜ ରିୟାଜ)***

ହଜରତ ଅନସ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ ସ ଆ ସ ଓ୍ୱହଦ ଯୁଦ୍ଧ ଦିନ ହଜରତ ହମଜାଃଙ୍କ ନିକଟକୁ ଆସି ଦେଖନ୍ତି ତ ତାଙ୍କର ନାକ କାନ କଟାଯାଇଥିଲା ଏବଂ ତାଙ୍କର ମୁସଲାଃ କରାଯାଇଥିଲା । ଏହା ଦେଖି ମହାଭାଗ ସ ଆ ସ କହିଲେ ଯେ:ଯଦି ମୋତେ ସଫିୟାଙ୍କ ଦୁଃଖ ବିଷୟରେ ଚିନ୍ତା ନଥାନ୍ତା,ତାହେଲେ ମୁଁ ତାଙ୍କୁ (ଅର୍ଥାତ ହଜରତ ହମଜାଃଙ୍କୁ) ଏଠାରେ ଏହିପରି ଛାଡି ଦେଇଥାନ୍ତି, ଏହିପରି ଅବସ୍ଥାରେ ତାଙ୍କୁ ଅଲ୍ଲାଃତାଲା ପକ୍ଷୀ ତଥା ପଶୁମାନଙ୍କ ପେଟରୁ ହିଁ ଉଠାଇଥାନ୍ତେ । ପୁଣି ମହାଭାଗ ସ ଆ ସ ହଜରତ ହମଜାଃ ର ଅଙ୍କୁ ଗୋଟିଏ ଚାଦରରେ ହିଁ କଫନ ଦିଆଗଲା ।***(ମୁସତଦରକ ଅଲଲ ସହିହୀନ୍ ଲିଲହାକିମ,ଭା-୦୫,ପୃ-୧୮୩୧, କିତାବ ମାରିଫତୁସ ସାହାବାଃ, ହଦିସ ନଂ-୪୮୮୭, ମୁଦ୍ରିତ ମକତବାଃ ନଜାରୁଲ ବାଜ ରିୟାଜ)***

ହଜରତ ମୁହମ୍ମଦ ସ ଆ ସ ହଜରତ ହମଜାଃ ର ଅଙ୍କ ଶହୀଦ ହୋବା ତଥା ତାଙ୍କ ଶବକୁ ଦେଖି ନିଜର ଭାବନାର ଅଭିବ୍ୟକ୍ତି ଏବଂ ନା କେବଳ ନିଜେ ଧୈର୍ଯ୍ୟ ପ୍ରଦର୍ଶନ କରିବା ବରଂ ହଜରତ ହମଜାଃ ର ଅଙ୍କ ଭଉଣୀ ଏବଂ ନିଜ (ଫୁଫି)ପିଉସୀଙ୍କୁ ମଧ୍ୟ ଧୈର୍ଯ୍ୟ ଧରିବା ପାଇଁ ପ୍ରବର୍ତାଇବା ବିଷୟରେ ପୂର୍ବରୁ ମଧ୍ୟ ବର୍ଣ୍ଣନା କରାଯାଇଅଛି । ତାପରେ ନୋହାଃ କରୁଥିବା ମହିଳାମାନଙ୍କୁ (ଅର୍ଥାତ ବିଳାପ କରି ଶୋକ ପାଳନ କରୁଥିବା ମହିଳାମାନଙ୍କୁ) ଏପରି ଶୋକ ପାଳନ କରିବାରୁ ନିବୃତ ରଖିବାର ଘଟଣା ବି ରହିଛି । ଏହି ଘଟଣାକୁ ହଜରତ ଖଲିଫତୁଲ ମସିହ ରାବେ (ଚତୁର୍ଥ) ରହେମହୁଲ୍ଲାଃ ତାଲା ଖଲିଫା ହେବା ପୂର୍ବରୁ ଜଲସା ସାଲାନାର ଗୋଟିଏ ବକ୍ତବ୍ୟ (ତକରୀର)ରେ ବର୍ଣ୍ଣନା କରିଥିଲେ । ତାହା ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ଯେଉଁଥିରୁ ଆଁହଜରତ ସ ଅ ସଙ୍କ ମହାନ ଚରିତ୍ର ବିଷୟରେ ଜଣା ପଡୁଛି । ସେ ଯାହା ବି ହେଉ ଏହି ଘଟଣାକୁ ଏଠାରେ ବର୍ଣ୍ଣନା କରିବା ଉଚିତ ହେବ । ପୂର୍ବରୁ ସଂକ୍ଷେପରେ ହଦିସଗୁଡ଼ିକୁ ବର୍ଣ୍ଣନା କରାସରିଛି ।

ସେ କୁହନ୍ତି ଯେ ଆଁ ହଜରତ ସ ଆ ସ ହଜରତ ହମଜାଃ ର ଅଙ୍କୁ ଏତେ ଭଲ ପାଉଥିଲେ ଯେ ତାହାର ପ୍ରକାଶ ତାଙ୍କ ବାକ୍ୟରୁ ହୋଇଥାଏ,ଯାହା ଆଁ ହଜରତ ସ ଆ ସ ଓ୍ୱହଦ ଯୁଦ୍ଧ ଦିନ ସନ୍ଧ୍ୟା ବେଳେ ହଜରତ ହମଜାଃ ର ଅଙ୍କ ଶବକୁ ଦେଖି କହିଥିଲେ । ମହାଭାଗ ସ ଆ ସ କହିଲେ ଯେ ହେ ହମଜାଃ ! ଆଜି ତୁମକୁ ଦେଖିବା ପରେ ମୋର ଯେଉଁ କ୍ରୋଧ ଉତ୍ପନ୍ନ ହୋଇଛି ଏବଂ ତୁମର ମୃତ୍ୟୁ ହୋଇଥିବା ସ୍ଥାନରେ ଛିଡା ହୋଇ ମତେ ଯେଉଁ ଦୁଃଖ ଓ କଷ୍ଟ ପହଂଚିଛି,ଅଲ୍ଲାଃ ଭବିଷ୍ୟତରେ ମୋତେ ଏପରି ଯନ୍ତ୍ରଣା ଓ ଦୁଃଖର ଦିନ ନଦେଖାନ୍ତୁ । ସେତେବେଳେ ଆପଣ ସ ଆ ସଙ୍କ ଫୁଫୁ (ପିଉସୀ) ଓ ହଜରତ ହମଜାଃ ର ଅଙ୍କର ଭଉଣୀ ହଜରତ ସଫିୟାଃ ର ଅ ଏ ଖବର ଶୁଣି ସେଠାକୁ ଚାଲି ଆସିଲେ । ମହାଭାଗ ସ ଆ ସ ଏ ଭୟ କଲେ ଯେ କାଳେ ତାଙ୍କ ଫୁଫୁ ହଜରତ ହମଜାଃ ର ଅଙ୍କାର ଶବକୁ ଦେଖି ଧୈର୍ଯ୍ୟ ଧରି ପାରିବେ ନାହିଁ,ତେଣୁ ମହାଭାଗ ସ ଅ ସ ତାଙ୍କୁ ପ୍ରଥମେ ତ ଲାଶ (ଶବ) ଦେଖିବାକୁ ଅନୁମତି ଦେଇନଥିଲେ । କିନ୍ତୁ ସେ ଯେବେ ଧୈର୍ଯ୍ୟ ଧରିବା ପାଇଁ ପ୍ରତିଶ୍ରୃତି ଦେଲେ,ସେତେବେଳେ ତାଙ୍କୁ ଅନୁମତି ଦେଲେ । ସେ ଯାହା ବି ହେଉ ହଜରତ ହମଜାଃ ର ଅ ଙ୍କୁ ଶହୀଦ କରାଯାଇଥିବା ସ୍ଥାନରେ ସେ (ଅର୍ଥାତ ତାଙ୍କ ଭଉଣୀ) ଉପସ୍ଥିତ ହେଲେ ଏବଂ ଅଲ୍ଲାଃଙ୍କ ସିଂହ ତଥା ରସୁଲମାନଙ୍କର ସିଂହ ନିଜର ପ୍ରିୟ ଭାଇଙ୍କ ଶବକୁ ନିଜ ସମ୍ମୁଖରେ ଏପରି ଅବସ୍ଥାରେ ପଡ଼ି ରହିଥିବାର ଦେଖିଲେ ଯେ ଅତ୍ୟାଚାରୀମାନେ ହଜରତ ହମଜାଃ ର ଅଙ୍କର କଲିଜା ଫାଡି ବାହାର କରିଦେଇଥିଲେ ଏବଂ ତାଙ୍କ ଚେହେରାକୁ ବହତୁ ବିକୃତ କରିଦେଇଥିଲେ । ଛାତି ଦୁଃଖରେ ଫାଟି ଯାଉଥିବା ସତ୍ତ୍ୱେ ବି ହଜରତ ସଫିୟାଃ ର ଅ ଧୈର୍ଯ୍ୟ ଧରିବା ପାଇଁ ଯେଉଁ ପ୍ରତିଶୃତି ଦେଇଥିଲେ,ସେହି ପ୍ରତିଶୃତି ଉପରେ ପ୍ରତିଷ୍ଠିତ ରହିଲେ ଏବଂ ଗୋଟିଏ ଶବ୍ଦବି ପାଟିରୁ ବାହାର କଲେ ନାହିଁ । କିନ୍ତୁ ଲୁହ ଉପରେ କାହାର ବା ନିୟନ୍ତ୍ରଣ ରହିଛି । ତେଣୁ ସେ ଇନ୍ନା ଲିଲ୍ଲାଃ ପଢିଲେ ଏବଂ କାନ୍ଦି କାନ୍ଦି ସେଠାରେ ବସି ପଡ଼ିଲେ । ତାଙ୍କର ଅବସ୍ଥା ଏପରି ଥିଲା ଯେ ସେ ତାଙ୍କର ଦୁଃଖି ଏବଂ ନୀରବ ଆଖିରୁ ଧାର ଧାର ହୋଇ ଲୁହ ଝରିଚାଲିଥିଲା । ରାଓ୍ୱି କୁହନ୍ତି ଯେ ଆଁହଜରତ ସ ଆ ସ ମଧ୍ୟ ତାଙ୍କ ନିକଟରେ ବସିପଡିଲୋ ମହାଭାଗ ସ ଅ ସଙ୍କ ଆଖିରୁ ବି ଅନିୟନ୍ତ୍ରିତ ଲୁହ ପ୍ରବାହିତ ହୋଇଚାଲିଲା । ଯେବେ ହଜରତ ସଫିୟାଃ ର ଅ ଙ୍କ ଲୁହ କମିଯାଉଥିଲା ସେତେବେଳେ ମହାଭାଗ ସ ଅ ସଙ୍କ ଆଖିରୁ ବି ଲୁହ କମିଯାଉଥିଲା । ଯେବେ ହଜରତ ସଫିୟାଃ ର ଅ ଙ୍କ ଲୁହ ଅଧିକା ପ୍ରବାହିତ ହେଉଥିଲା,ସେତେବେଳେ ମହାଭାଗ ସ ଅ ସଙ୍କ ଆଖିରୁ ବି ଲୁହ ଅଧିକା ପ୍ରବାହିତ ହେଉଥିଲା । ଏହିପରି କିଛି କ୍ଷଣ ବିତିଗଲା । ଅତେବ ମହାଭାଗ ସ ଅ ସ ଏବଂ ଅହଲେ ବୟତଙ୍କ ନୋହାଃ (ଶୋକ ବିଳାପ) ଏହି କିଛି କ୍ଷଣର ନୀରବ ଲୁହ ଝରାଇବା ବ୍ୟତୀତ ଆଉ କିଛି ବି ନଥିଲା । ଏହା ହେଉଛି ମହାଭାଗ ସ ଆ ସଙ୍କ ସୁନ୍ନତ (କାର୍ଯ୍ୟ ଶୈଳୀ) ।

ମହାଭାଗ ସ ଆ ସ ମଦିନାରେ ଏପରି ଅବସ୍ଥାରେ ପ୍ରବେଶ କଲେ ଯେ ସମଗ୍ର ମଦିନା ବାସୀ ଶୋକରେ ଥିଲେ ଏବଂ ପ୍ରତ୍ୟେକ ଘରୁ ଓ୍ୱହଦ ଯୁଦ୍ଧରେ ଶହୀଦ ହୋଇଥିବା ଲୋକମାନଙ୍କ ସ୍ମୃତିରେ ଶୋକାକୁଳ ବିଳାପର ସ୍ୱର ଗୁଞ୍ଜରଣ ହେଉଥିଲା । ହଜୁର ସ ଆ ଯେବେ ଏହା ଶୁଣିଲେ,ବହୁତ ଦୁଃଖର ସହିତ କହିଲେ ଯେ କ'ଣ ହମଜାଃ ପାଇଁ କେହି କାନ୍ଦିବାକୁ ନାହାନ୍ତି ? ହଁ ହମଜାଃ ପାଇଁ କାନ୍ଦିବାକୁ କିଏ ବି ହୋଇପାରେ,କାରଣ ଅହଲେ ବୟତ (ଅର୍ଥାତ ନବି କରିମ ସ ଆ ସଙ୍କ ପରିବାରର ବୟତ କରିଥିବା ଲୋକମାନ)ଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ଧୈର୍ଯ୍ୟ ଧରିବା ପାଇଁ କୁହାଯାଉଛି । ଯେତେବେଳେ ହଜୁର ସ ଅ ସ ଙ୍କର ଏପରି ଦୁଃଖଭରା କୋହପୂର୍ଣ୍ଣ କଥାକୁ କିଛି ଅନସାର ଶୁଣିଲେ,ଦୁଃଖରେ ମ୍ରିୟମାଣ ହୋଇ ନିଜ ନିଜର ଘରକୁ ଦଉଡିଲେ ଏବଂ ନିଜ ପତ୍ନୀମାନଙ୍କୁ କହିଲେ ଯେ ଅନ୍ୟମାନଙ୍କ ଶୋକକୁ ପରିତ୍ୟାଗ କରି କେବଳ ହଜରତ ହମଜାଃ ର ଅଙ୍କ ଶୋକକୁ ପାଳନ କର । ଦେଖୁ ଦେଖୁ ଚାରିଆଡେ ହଜରତ ହମଜାଃ ର ଅଙ୍କ ପାଇଁ କ୍ରନ୍ଦନ ଶୁଭିବାକୁ ଲାଗିଲା ଏବଂ ପ୍ରତ୍ୟେକ ଘର ହଜରତ ହମଜାଃ ର ଅଙ୍କ ନିମନ୍ତେ ଏକ ଶୋକର ସ୍ଥାନ ହୋଇଗଲା । ଅନସାରୀ ମହିଳାମନେ ନୋହାଃ କରି କରି ଲୁହ ଝରାଇଲେ ଏବଂ ଏହି ପରି ସେମାନେ କାନ୍ଦି କାନ୍ଦି ଯେବେ ମହାଭାଗ ସ ଆ ସ ଙ୍କ ଘରଠାରେ ପହଂଚିଗଲେ । ଯେବେ ମହାଭାଗ ସ ଆ ସ ଏହିପରି କୋଳାହଳକୁ ଶୁଣି ବାହାରକୁ ଚାଂହିଲେ,ଦେଖିଲେ ଯେ ଅନସାରୀ ମହିଳାମାନଙ୍କର ଗୋଟିଏ ଭିଡ ଲାଗିଥିଲା । ମହାଭାଗ ସ ଆ ସ ସେମାନଙ୍କ ପ୍ରତି ସହାନୁଭୂତି ଜଣାଇ ସେମାନଙ୍କ ପାଇଁ ପ୍ରାର୍ଥନା କଲେ ଓ ସେମାନଙ୍କୁ ଧନ୍ୟବାଦ ଅର୍ପଣ କଲେ । କିନ୍ତୁ ତତସହିତ ଏହା ମଧ୍ୟ ଆଦେଶ ଦେଲେ ଯେ ମୁର୍ଦାର (ଅର୍ଥାତ ମରିଯାଇ ଥିବା ଲୋକର ଶବ ନିକଟରେ) ଏପରି ନୋହାଃ (ବିଳାପ କରି କ୍ରନ୍ଦନ କରିବା) ଅନୁଚିତ । ସୁତରାଂ ସେହି ଦିନଠାରୁ ସେହି ନୋହାଃ କରିବାର ପ୍ରଥାକୁ ପରିତ୍ୟାଗ କରିଦିଆଗଲା । ମହାଭାଗ ସ ଆ ସଙ୍କ ପାଦ ତଳେ ଆମ ଜୀବନ ଉତ୍ସର୍ଗ ହେଉ । ସେ କେଡ଼େ ମହାନ ଶିକ୍ଷକ ଥିଲେ, ଯିଏ ଆମକୁ ଧର୍ମ ଶିକ୍ଷା ଦେବା ପାଇଁ ଆଧ୍ୟାତ୍ମିକତାର ଆକାଶରୁ (ଅର୍ଥାତ ସ୍ୱର୍ଗରୁ) ଅବତରଣ କରିଥିଲେ । ସେହି ଉପଦେଶକାରୀ କେଡ଼େ ମହାନ ବୁଦ୍ଧିମାନ ଏବଂ ଅନ୍ତର୍ନିହିତ ଜ୍ଞାନୀ ଥିଲେ,ଯାହାଙ୍କ ଦୃଷ୍ଟି ମଣିଷ ପ୍ରକୃତିର ଅତଳ ଗଭୀର ମଧ୍ୟକୁ ଦେଖିପାରୁଥିଲା । ଯଦି ସେ ସମୟରେ ମହାଭାଗ ସ ଆ ସ ଅନସାରୀ ମହିଳାମାନଙ୍କୁ ନୋହାଃ (ବିଳାପ) କରିବା ପାଇଁ ମନା କରିଦେଇଥାନ୍ତେ,ଯେତେବେଳେ ସେମାନେ ସେମାନଙ୍କ ଶହୀଦମାନଙ୍କ ପାଇଁ ନୋହାଃ କରୁଥିଲେ,ତାହେଲେ ବୋଧହୁଏ କିଛି ଲୋକଙ୍କ ମନକୁ ବାଧିଥାନ୍ତା ଏବଂ ଏହି ଧୈର୍ଯ୍ୟ ସେମାନଙ୍କ ପାଇଁ ପରିକ୍ଷା ହୋଇ ଯାଇଥାନ୍ତା । କିନ୍ତୁ ଦେଖନ୍ତୁ ! କିପରି ବୁଦ୍ଧିମାନୀର ସହିତ ମହାଭାଗ ସ ଆ ସ ପ୍ରଥମେ ନିଜ ଚାଚା ହଜରତ ହମଜାଃ ର ଅଙ୍କ ପାଇଁ ନୋହାଃ କରିବାକୁ କହିଲେ,ତାପରେ ପୁଣି ଯେବେ ନୋହାଃ ନକରିବାକୁ ଆଦେଶ ଦେଲେ,ସେତେବେଳେ ବି ନିଜ ଚାଚାଙ୍କ ନୋହାଃ କରିବା ବେଳେ ହିଁ ତାହାକୁ ନକରିବା ପାଇଁ ଆଦେଶ ଦେଲେ ।

ଏହା ହେଉଛି ଅଲ୍ଲାଃଙ୍କର ଚୟନ,ଅଲ୍ଲାଃଙ୍କ ଚୟନ ଦେଖନ୍ତୁ ! ସେ ନିଜର ପ୍ରାଣୀ ଜଗତକୁ କିପରି ଜଣେ ମହାନ ଉପଦେଶ ପ୍ରଦାନକାରୀ ପ୍ରେରଣ କଲେ,ଏବଂ ସେହି ଅଲ୍ଲାଃ ଯିଏ ମଣିଷ ପ୍ରକୃତିର ସୂକ୍ଷ୍ମତାକୁ ଖୁବ ଭଲ ଭାବରେ ଜାଣିଛନ୍ତି,ସେ ନିଜ ଦାସ (ଭକ୍ତ) ମାନଙ୍କର ସୂକ୍ଷ୍ମ ଭାବନା ପ୍ରତି କିପରି ଧ୍ୟାନ ଦେଇଛନ୍ତି ।

ମହାଭାଗ ସ ଆ ସଙ୍କର ଏହି ସୁନ୍ଦର କାର୍ଯ୍ୟ ଉପରେ ଯେବେ ନଜର ପଡୁଛି, ସେତେବେଳେ ଛାତି ଭିତରେ ହୃଦୟ ଖୁସିରେ କୁଦା ମାରୁଛି , ପ୍ରଲୋଭିତ ହେଉଛି ଏବଂ ସ୍ୱତଃପ୍ରତଃ ଭାବରେ ମନ ଭିତରୁ ଏ ଶବ୍ଦ ବାହାରୁଛି ଯେ ଆମର ଜୀବନ,ଧନ ଏବଂ ଆମର ସନ୍ତାନମାନେ ତୁମ୍ଭ ପାଦ ତଳେ ଉତ୍ସର୍ଗ ହୁଅନ୍ତୁ । ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ତୁମ୍ଭ ଉପରେ ଲକ୍ଷ ଲକ୍ଷ ଏବଂ କୋଟି କୋଟି ଦରୁଦ ଓ ସଲାମ (ଅଲ୍ଲାଃଙ୍କ ଆଶୀର୍ବାଦ) ଅବତରଣ ହେଉ । ତୁମ୍ଭେ ହେଉଛ ଏପରି ବ୍ୟକ୍ତି ବିଶେଷ ଯାହାଙ୍କ ସୌନ୍ଦର୍ଯ୍ୟ ଏବଂ ଅନୁଗ୍ରହର ସମୁଦ୍ର କୂଳହୀନ ଓ ଅନ୍ତହୀନ ଥିଲା । ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ତୁମ୍ଭ ଉପରେ ଲକ୍ଷ ଲକ୍ଷ ଏବଂ କୋଟି କୋଟି ଦରୁଦ ଓ ସଲାମ (ଅଲ୍ଲାଃଙ୍କ ଆଶୀର୍ବାଦ) ଅବତରଣ ହେଉ । ପୃଥିବୀ ଓ ଆକାଶର ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ ରାଣ ! ପୃଥିବୀ ଓ ଆକାଶରେ ଥିବା ସମସ୍ତ ପ୍ରାଣି ଜଗତ ମଧ୍ୟରେ ତୁମେ ହେଉଛ ଏକ ଓ ଅଦ୍ୱିତୀୟ ବ୍ୟକ୍ତି । ତୁମ୍ଭ ପରିକା କେହି ନଥିଲେ ନା କେହି ହେବେ । (ଖୁତବାତେ ତାହିର, ତକାରିର ଜଲସା ସାଲାନାଃ କବଲ ଅଜ ଖିଲାଫତ ଫରମୁଦାଃ ସୟଦନା ହଜରତ ଖଲିଫତୁଲ ମସିହ ରାବେ ରହେମହୁଲ୍ଲାଃ ତାଲା, ପୃ-୩୬୪-୩୬୬, ତାହେର ଫାଉଣ୍ଡେଶନ ୨୦୦୬)

ହଜରତ ହମଜାଃ ର ଅ ଙ୍କ ଚର୍ଚ୍ଚାରେ ଆଁହଜରତ ସ ଆ ସଙ୍କର ସେହି ଆଦର୍ଶ ବିଷୟରେ ବି ଚର୍ଚ୍ଚା କରାଯିବ । ଏହା ଏଠାରେ ଶେଷ ହେଲା ।

ଏବେ ମୁଁ ଅଳ୍ପ କେତେ ଜଣ ସାହାବିମାନଙ୍କ ବିଷୟରେ ଇନଶାଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା କରିବି ।

ପଅର ଦିନ ଇନଶାଅଲ୍ଲାଃ ତାଲା ନୂତନ ବର୍ଷ ଆରମ୍ଭ ହେଉଅଛି । ପ୍ରାର୍ଥନା କରନ୍ତୁ ଯେ ଏହି ନୂଆ ବର୍ଷରେ ଅଲ୍ଲାଃତାଲା ବରକତ (ଐଶୀ ଆଶୀର୍ବାଦ / କଲ୍ୟାଣ) ପ୍ରଦାନା କରନ୍ତୁ ଏବଂ ତାହାଙ୍କ ସମସ୍ତ ବରକାତରୁ ଆମକୁ ବି ଭାଗୀଦାରି କରନ୍ତୁ । ଆମ ଜମାତ ପାଇଁ ମଧ୍ୟ ପ୍ରତେକ କ୍ଷେତ୍ରରୁ ଏହି ନୂଆ ବର୍ଷ କଲ୍ୟାଣମୟ ହେଉ । ଶତୃଙ୍କ ସମସ୍ତ କୁଯୋଜନାକୁ ଅଲ୍ଲାଃତାଲା ମାଟିରେ ମିଶାଇ ଦିଅନ୍ତୁ ଏବଂ ଏ ଦୁନିଆରେ ପରିବ୍ୟାପ୍ତ ଆମ ଜମାତର ସମସ୍ତ ଲୋକମାନଙ୍କୁ ପୂର୍ବାପେକ୍ଷା ନିଜ ଜୀବନର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ସେହିପରି ସାଧାରଣତଃ ଏ ସଂସାର ପାଇଁ ଦୁଆ (ପ୍ରର୍ଥନା) କରନ୍ତୁ ଯେ ଅଲ୍ଲାଃ ତାଲା ଏ ସଂସାରବାସୀଙ୍କୁ ଯୁଦ୍ଧରୁ ରକ୍ଷା କରନ୍ତୁ । ଏବେ ପରିସ୍ଥିତି ଜଟିଳରୁ ଜଟିଳ ହୋଇ ବିପଜ୍ଜନକ ହେବାରେ ଲାଗିଛି ଏବଂ ବିପର୍ଯ୍ୟୟ ଅପେକ୍ଷା କରି ରହିଛି । କିଛି ବି ଜଣା ନାହିଁ । ସମସ୍ତେ ନିଜର ସ୍ୱାର୍ଥ ଚାହୁଁଛନ୍ତି । ଅଲ୍ଲାଃତାଲା ଦୟା ଓ କୃପା କରନ୍ତୁ ।

ଏବଂ ନିଜର ଦଳିତ/ଅତ୍ୟାଚାରିତ ଭାଇମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ଆଗାମୀ ବର୍ଷରେ ଜମାତ ଅହେମଦୀୟାକୁ ପ୍ରତ୍ୟେକ ପ୍ରକାର ଅତ୍ୟାଚାର ଏବଂ ଜୁଲୁମରୁ ରକ୍ଷା କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

# ପେଶଗୋଇ ମୁସଲେହ ମଉଦ ର ଅ (ଅର୍ଥାତ ହଜରତ ମୁସଲେହ ମଉଦ ର ଅଙ୍କ ବିଷୟରେ କରାଯାଇଥିବା ଭବିଷ୍ୟବାଣୀର) ପୃଷ୍ଠଭୂମି,ତାହାର ମହତ୍ୱ ଏବଂ ଯଥାର୍ଥତା ।

## (ହଜରତ ମସିହ ମଉଦ ଆ ସଙ୍କ ଲେଖନୀରୁ)

*(ସୟଦ ବେଶାରତ ଅହେମଦ, ସଦର ମହଲ୍ଲା ବାବୁଲ ଅମନ, କାଦିଆନ)*

ପରମ ପ୍ରତାପି ତଥା ପରମ ଦୟାଳୁ ଅଲ୍ଲାଃତାଲା ଏ ଯୁଗରେ ହଜରତ ମସିହ ମଉଦ ଆ ସଙ୍କୁ ଇସଲାମ ଏବଂ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ଙ୍କ ସତ୍ୟତା ପ୍ରତିପାଦନ କରିବା ପାଇଁ ଯେଉଁ ନିଦର୍ଶନ ପ୍ରଦାନ କରିଥିଲେ,ସେଥିମଧ୍ୟରେ ଗୋଟିଏ ବହୁତ ବଡ଼ ନିଦର୍ଶନ ଥିଲା ପେଶଗୋଇ ମୁସଲେହ ମଉଦ (ଅର୍ଥାତ ହଜରତ ମୁସଲେହ ମଉଦଙ୍କ ଭବିଷ୍ୟବାଣୀ) । ଏହି ଭବିଷ୍ୟବାଣୀର ପୃଷ୍ଠଭୂମି କ'ଣ ଥିଲା ? ଏହା କେତେ ଗୁରୁତ୍ୱପୂର୍ଣ୍ଣ ଓ ମହାନ ଭବିଷ୍ୟବାଣୀ ଥିଲା ଏବଂ ଏହି ଭବିଷ୍ୟବାଣୀ କାହା ଉପରେ ପୂରଣ ହେଲା ? ଏହି ସମସ୍ତ ପ୍ରଶ୍ନର ଉତର ଏବଂ ବିବରଣୀ ହଜରତ ମସିହ ମଉଦ ଆ ସଙ୍କ ଲେଖାରେ ଉପଲବ୍ଧ ରହିଛି ।

### ଭବିଷ୍ୟବାଣୀର ପୃଷ୍ଠଭୂମି

ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ମସିହ ମଉଦ ଓ ମେହଦୀ ମାହୁଦ ଆ ସ ଙ୍କ ଦ୍ୱାରା ଲିଖିତ ମହାନ ପୁସ୍ତକ "ବରାହୀନେ ଅହେମଦୀୟା'' ସର୍ବସମ୍ମୁଖରେ ପ୍ରକାଶ ହେବା ପରେ ଇସଲାମ ଜଗତରେ ଖୁସିର ଲହରୀ ଖେଳିଗଲା ଏବଂ ଅପରପକ୍ଷେ ଇସଲାମ ବିରୋଧି ତତ୍ୱମାନଙ୍କ ମଧ୍ୟରେ ଏକ ପ୍ରକାରର କୋଳାହଳ ସୃଷ୍ଟି ହୋଇଗଲା । ହଜରତ ମସିହ ମଉଦ ଆ ସ ଏହି ପୁସ୍ତକରେ ଜଗତବାସୀଙ୍କୁ ସମ୍ବୋଧନ କରି ଏ ସୁସମାଚାର ପ୍ରଦାନ କରିଛନ୍ତି ଯେ :

"ଅଲ୍ଲାଃତାଲା ଏହି ଛୋଟିଆ ସେବକକୁ (ଅର୍ଥାତ ମତେ) ଏ ଯୁଗରେ ଜନ୍ମ କରି ଏବଂ ଶହ ଶହ ସ୍ୱର୍ଗୀୟ ନିଦର୍ଶନ, ଐଶୀ ଚମତ୍କାରିତା, ସତଜ୍ଞାନ,ଯୁକ୍ତିଯୁକ୍ତ ତତ୍ୱଜ୍ଞାନ ତଥା ଶହ ଶହ ତର୍କସଙ୍ଗତ ପ୍ରାମାଣିକ ଜ୍ଞାନ ପ୍ରଦାନ କରି ଏ ମନସ୍ଥ କରିଛନ୍ତି ଯେ ପ୍ରତ୍ୟେକ ଜାତି/ଧର୍ମ ଉପରେ ତଥା ପ୍ରତ୍ୟେକ ଦେଶରେ ପବିତ୍ର କୁରଆନର ପବିତ୍ର ଶିକ୍ଷାକୁ ପ୍ରକାଶ କରି ତାହାର ପ୍ରଚଳନ କରିଦେବେ ଏବଂ ନିଜର ସତ୍‌ତର୍କକୁ ସେମାନଙ୍କ ଉପରେ ପୂରଣ କରିଦେବେ ।'' ***(ବରାହିନେ ଅହେମଦୀୟା, ରୁହାନୀ ଖଜାଇନ, ଖ-୦୧, ପୃ-୫୯୬ ହାଶିୟାଃ ଦର ହାଶିୟାଃ)***

ଏହି ସନ୍ଦେଶ/ବାର୍ତାର ଘୋଷଣାକୁ ହଜରତ ମସିହ ମଉଦ ଆ ସ ନା କେବଳ ଭାରତ ବର୍ଷରେ ବରଂ ଭାରତ ବାହାରେ ବିଦେଶରେ ଚିଠି ମାଧ୍ୟମରେ ପହଂଚାଇ ଥିଲେ ଏବଂ ନିଜ ଶକ୍ତି ତଥା ସାମର୍ଥ୍ୟ ମୁତାବକ ପାରୁ ପର୍ଯ୍ୟନ୍ତ ଇସଲାମ ବିରୋଧି ତତ୍ୱଙ୍କ ଉପରେ ନିଜର ସତ୍ୟତା ଏବଂ ପ୍ରମାଣକୁ ପ୍ରତିଷ୍ଠା କରିଥିଲେ । ଏହି ସମୟରେ ଯେତେବେଳେ ଇସଲାମର ସତ୍ୟତା ସାରା ବିଶ୍ୱରେ ପ୍ରତିପାଦିତ ହେଉଥିଲା, ଏବଂ ପ୍ରତ୍ୟେକ ବିରୋଧି ପ୍ରତିଦ୍ୱନ୍ଦୀଙ୍କୁ ଇସଲାମର ଜୀବନ୍ତ ନିଦର୍ଶନକୁ ଅବଲୋକନ କରିବା ପାଇଁ ଆମନ୍ତ୍ରଣ କରାଯାଉଥିଲା,ଠିକ ସେହି ସମୟରେ ୧୮୮୫ ମସିହାରେ ସାହୁକାର ଏବଂ ଅନ୍ୟ ହିନ୍ଦୁ ଭାଇମାନଙ୍କ ନିକଟରୁ ଗୋଟିଏ ଚିଠି ହଜରତ ମସିହ ମଉଦ ଆ ସଙ୍କ ସେବାରେ ହସ୍ତଗତ ହେଲା । ସେଥିରେ ସେମାନେ ଏହା ଚାହିଁଥିଲେ (ଏ ଅନୁରୋଧ କରିଥିଲେ) ଯେ :

ଯେଉଁ ପରିସ୍ଥିତିରେ ଆପଣ ଲଣ୍ଡନ ଏବଂ ଆମେରିକା ପର୍ଯ୍ୟନ୍ତ ଏ ବିଷୟରେ ରେଜିଷ୍ଟ୍ରି ଚିଠି ପଠାଇଛନ୍ତି ଯେ ଯଦି କେହି ସତ୍ୟାନୁରାଗୀ ସତ୍ୟ ଜାଣିବାକୁ ଚାହୁଁଛନ୍ତି,ସେ ଏକ ବର୍ଷ ପର୍ଯ୍ୟନ୍ତ କାଦିଆନରେ ମୋ ନିକଟରେ ଆସି ରହନ୍ତୁ ,ଏହି ରହଣି ସମୟରେ ଈଶ୍ୱର ତାଙ୍କୁ ଇସଲାମର ସତ୍ୟତାର ପ୍ରମାଣିକ ପୁଷ୍ଟି ସମ୍ବନ୍ଧରେ ଏପରି ନିଦର୍ଶନ ଅବଶ୍ୟ ଦେଖାଇବେ ଯେ ତାହା ମାନବିକ ଶକ୍ତିର ଉର୍ଦ୍ଧ୍ୱରେ ରହିଥିବ । ତେଣୁ ଆମେ,ଯେଉଁମାନେ ଆପଣଙ୍କର ପଡୋଶୀ ଏବଂ ଗୋଟିଏ ସହରର ନାଗରିକ ଅଟୁଁ । ଆମେମାନେ ଲଣ୍ଡନ ତଥା ଆମେରିକାବାସୀଙ୍କ ଅପେକ୍ଷା ଅଧିକା ଅଧିକାର ରଖିଛୁ ..... କିନ୍ତୁ ଆମେମାନେ ଏପରି ନିଦର୍ଶନ ର ଅପେକ୍ଷା କରୁନାହୁଁ ଯାହା ଏ ପୃଥିବୀ ଓ ଆକାଶକୁ ଓଲଟପାଲଟ କରୁଥିବ ବା ପ୍ରକୃତିର ନିୟମକୁ ଉଲଂଘନ କରୁଥିବାର ଆବଶ୍ୟକ କରୁଥିବ । ହଁ ଆମେମାନେ ଏପରି ନିଦର୍ଶନ ଦେଖିବାକୁ ଅବଶ୍ୟ ଇଚ୍ଛା କରୁଛୁ ଯାହା ମଣିଷର ଶକ୍ତି ବହିର୍ଭୂତ ହୋଇଥିବ,ଯେଉଁଥିରୁ ଏହା ସ୍ପଷ୍ଟ ହୋଇପାରୁଥିବ ଯେ ସେହି ସତ୍ୟ ଏବଂ ପବିତ୍ର ପରମେଶ୍ୱରଙ୍କ ଖାତିର ଆପଣଙ୍କର ଧର୍ମପ୍ରତି ଥିବା ଆନ୍ତରିକତାକୁ ଈଶ୍ୱର ନିଜର ଦୟା ଏବଂ ପ୍ରେମ ଦ୍ୱାରା ସ୍ୱୀକାର କରୁଛନ୍ତି ଏବଂ ଆପଣଙ୍କ ପ୍ରାର୍ଥନା ଗ୍ରହଣୀୟ ହେବା ସମ୍ବନ୍ଧରେ ସମୟ ପୂର୍ବରୁ ସୂଚିତ କରୁଛନ୍ତି ବା ତାହାର କିଛି ଗୁପ୍ତ ରହସ୍ୟ ବିଷୟରେ ଆପଣଙ୍କୁ ଭବିଷ୍ୟବାଣୀ ଜରିଆରେ ସୂଚିତ କରିଛନ୍ତି ବା ଏପରି ଅଦ୍ଭୁତ ଉପାୟରେ ସେ ଆପଣଙ୍କୁ ସାହାଯ୍ୟ ଓ ସହଯୋଗ କରୁଛନ୍ତି, ଯେପରି ସେ ପୁରାତନ ଯୁଗରୁ ନିଜର ମନୋନୀତ, ଘନିଷ୍ଠ,ନିଜର ଭକ୍ତ ଏବଂ ନିଜର ବିଶେଷ ବ୍ୟକ୍ତିମାନଙ୍କ ଉପରେ କରିଆସୁଅଛି.... ଏବଂ ନିଦର୍ଶନ ଦେଖାଇବା ପାଇଁ ଯେଉଁ ବର୍ଷ ଓ ସମୟ ନିର୍ଦ୍ଧାରଣ କରାଯାଇଅଛି,ତାହା ୧୮୮୫ ମସିହାର ସେପ୍ଟେମ୍ବର ମାସ ଆରମ୍ଭରୁ ଗଣାଯିବ ଏବଂ ୧୮୮୬ ମସିହା ସେପ୍ଟେମ୍ବର ମାସର ଶେଷ ତାରିଖରେ ଶେଷ ହେବ ।'' ***(ମୁଜମୁଆ ଇଶତେହାରାତ, ଖ-୦୧,ପୃ-୯୨)***

ସେହି ଚିଠିର ଶେଷରେ ସେମାନେ ଦଶ ଜଣ ହିନ୍ଦୁ ଭାଇଙ୍କ ନାମ ଦରଜ କରିଥିଲେ । ସେହି ଚିଠିଟି ମିଳିବା ମାତ୍ରେ ହଜରତ ମସିହ ମଉଦ ଆ ସ ତାହାର ଉତରରେ ଲେଖିଲେ ଯେ :

"ମୋତେ ଆପଣମାନଙ୍କର ଅନୁଗ୍ରହ ପତ୍ର ପ୍ରାପ୍ତ ହୋଇଛି,ଯେଉଁଥିରେ ଆପଣମାନେ ସ୍ୱର୍ଗୀୟ ନିଦର୍ଶନ ଦେଖିବାକୁ ଅନୁରୋଧ କରିଛନ୍ତି । ଯେହେତୁ ଏହି ଚିଠିଟି ସମ୍ପୂର୍ଣ୍ଣ ସତ୍ୟ ଏବଂ ନ୍ୟାୟ ଉପରେ ଆଧାରିତ ଏବଂ ସତ୍ୟକୁ ଜାଣିବାକୁ ଚାହୁଁଥିବା ଦଶ ଜଣ ବିଶିଷ୍ଟ ଭଦ୍ର ଲୋକ ଏହାକୁ ଲେଖିଛନ୍ତି,ତେଣୁ ମୁଁ ତାଙ୍କର ଏହି ଅନୁରୋଧକୁ କୃତଜ୍ଞତା ପୂର୍ବକ ଗ୍ରହଣ କରୁଅଛି ଏବଂ ପ୍ରତିଶୃତି ସ୍ୱରୂପ ଆପଣମାନଙ୍କ ନିକଟରେ ଏ ପ୍ରତିଜ୍ଞା କରୁଅଛି ଯେ ଯେଉଁ କଥାର ଉଲ୍ଲେଖ ଏହି ଚିଠିରେ ଆପଣମାନେ କରିଛନ୍ତି,ଯଦି ସେହି କଥାଗୁଡ଼ିକ ଉପରେ ଆପଣମାନେ ପ୍ରତିଷ୍ଠିତ ରହିବେ, ତା'ହେଲେ ଏକ ବର୍ଷ ମଧ୍ୟରେ ଅବଶ୍ୟ ସର୍ବଶକ୍ତିମାନ ଈଶ୍ୱରଙ୍କ ସାହାଯ୍ୟ ସହଯୋଗର ନିଦର୍ଶନ ଆପଣମାନଙ୍କୁ ଦେଖାଇଦିଆଯିବ ଓ ସେହି ନିଦର୍ଶନ ମାନବ ଶକ୍ତି ବହିର୍ଭୁତ ହେବ। ଏହି ଅଧମ ଆପଣମାନଙ୍କ ନ୍ୟାୟପୂର୍ଣ୍ଣ ଚିଠିକୁ ପଢି ବହୁତ ଖୁସି ଅନୁଭବ କରିଛି । ***(ମୁଜମୁଆ ଇଶତେହାରାତ, ଖ-୦୧,ପୃ-୯୨)***

ହଜରତ ମସିହ ମଉଦ ଆ ସଙ୍କର ଏହି ଇସ୍ତେହାରରୁ ସ୍ପଷ୍ଟ ହେଉଛି ଯେ ଆପଣ ଆ ସ ସେହି ହିନ୍ଦୁ ଭାଇମାନଙ୍କ ଚିଠି ଦ୍ୱାରା ବହୁତ ଖୁସି ଅନୁଭବ କଲେ ଯେ ଇସଲାମର ସତ୍ୟତା ପ୍ରତିପାଦନ ନିମନ୍ତେ ଏକ ନିଦର୍ଶନ ଦେଖାଇଇବା ପାଇଁ ଅନୁରୋଧ କରାଯାଇଛି । ଅତେବ ହଜୁର ଆ ସ ସେହି ଅନୁରୋଧକୁ ନେଇ ସେହି ଏକ ଓ ଅଦ୍ୱିତୀୟ ସର୍ବଶକ୍ତିମାନ ଈଶ୍ୱରଙ୍କ ନିକଟରେ ପହଂଚାଇ ତାହାଙ୍କ ନିକଟରେ ଧ୍ୟାନ କେନ୍ଦ୍ରିତ କଲେ,ଏବଂ ସେହି ଈଶ୍ୱରଙ୍କଠାରୁ ସାହାଯ୍ୟ ଓ ସମର୍ଥର ନିଶ୍ଚିତ ପ୍ରତିଶୃତି ବିଷୟରେ ସୂଚନା ପ୍ରାପ୍ତ କରି ଆପଣ ଆ ସ ଇସଲାମର ସତ୍ୟତାକୁ ଏହି ଯୁଗରେ ଘୋଷଣା କରିଥିଲେ,ଏବଂ ଏଇଥି ପାଇଁ ଅତ୍ୟନ୍ତ ନିବେଦନ ପୂର୍ବକ ଆକୁଳତାର ସହିତ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ହଜରତ ମସିହ ମଉଦ ଆ ସ ସମସ୍ତ ପ୍ରକାରର ବିଶୃଙ୍ଖଳାରୁ ଦୂରେଇ ରହିବା ପାଇଁ ଏବଂ ଦୁଆ (ପ୍ରାର୍ଥନା)ରେ ଏକାଗ୍ରତା ତଥା ଧ୍ୟାନ କେନ୍ଦ୍ରିତ କରିବା ପାଇଁ ଏକାନ୍ତରେ ରହିବା ପାଇଁ ମନସ୍ଥ କଲେ,ଏବଂ ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନିଜର ଘରବାଡି, ପରିବରବର୍ଗ ଏବଂ ବନ୍ଧୁ ବାନ୍ଧବଙ୍କଠାରୁ ଦୂରରେ ହୁଶିୟାରପୁରରେ ଏତେକାଫ୍ କଲେ (ଅର୍ଥାତ ଏକାନ୍ତରେ ଧ୍ୟାନ କେନ୍ଦ୍ରିତ କଲେ) ଏବଂ ସମ୍ପୂର୍ଣ୍ଣ ଏକାଗ୍ରତାକୁ ଆପଣାଇ, ସାସଂାରିକତାରୁ ଦୂରେଇ ଅତ୍ୟନ୍ତ ବିନମ୍ରତାର ସହିତ ଈଶ୍ୱରଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିଚାଲିଲେ । ଦୟାଳୁ ଏବଂ କୃପାଳୁ ସର୍ବଶକ୍ତିମାନ ଈଶ୍ୱର ହଜୁର ଆ ସଙ୍କର ଏହିପରି ବ୍ୟାକୂଳତା ତଥା ଇସଲାମର ସତ୍ୟତାକୁ ପ୍ରକାଶ କରିବା ନିମନ୍ତେ ତାଙ୍କର ଏପରି ବିନମ୍ର ନିବେଦନକୁ ଦେଖି ସାନ୍ତ୍ୱନା ଓ ଆଶ୍ୱାସନା ଦେଲେ,ଏବଂ ତାଙ୍କର ପ୍ରାର୍ଥନାକୁ ସସମ୍ମାନେ ଗ୍ରହଣ କରି ମୁସଲେହ ମଉଦର ମହାନ ଭବିଷ୍ୟବାଣୀ ପ୍ରଦାନ କଲେ ।

ପେଶଗୋଇ ମୁସଲେହ ମଉଦ ଉପରେ ହିନ୍ଦୁ ଏବଂ ମୁସଲମାନମାନଙ୍କର କେତେକ ସର୍କଲ ତରଫରୁ ଆପତି ମଧ୍ୟ କରାଯାଇଥିଲା । କିନ୍ତୁ ହଜରତ ମସିହ ମଉଦ ଆ ସ ଇସ୍ତେହାର ଏବଂ ଚିଠି ଜରିଆରେ ସେମାନଙ୍କୁ ଉତର ଦେଇଥିଲେ । ହଜରତ ମସିହ ମଉଦ ଆ ସ ଏହି ଭବିଷ୍ୟବାଣୀ କରିବା ପରେ ତାଙ୍କର ଗୋଟିଏ ଝିଅ ଜନ୍ମ ହୋଇଥିଲା । ତେଣୁ ହଜରତ ମସିହ ମଉଦ ଆ ସଙ୍କ ଉପରେ ଏ ଆପତି ଏବଂ ଅଭିଯୋଗ ହେଲା ଯେ ଭବିଷ୍ୟବାଣୀ ତ ପୁତ୍ର ସନ୍ତାନ ହେବ ବୋଲି ଥିଲା କିନ୍ତୁ ଏଠାରେ ତ ଝିଅ ଜନ୍ମ ହୋଇଛି ! ପୁଣି ଏହାଠାରୁ ଅଧିକା କୋଳାହଳ ସୃଷ୍ଟି କରାଗଲା ଯେ କ'ଣ ଜଣକ ଘରେ ପୁଅ ଜନ୍ମ ହେବା ଏକ ନିଦର୍ଶନ କି ? ବିବାହ ପରେ ସନ୍ତାନ ଜନ୍ମ ହେବା ପ୍ରକୃତିର ଏକ ନିୟମ । ଇତ୍ୟାଦି ଇତ୍ୟାଦି । କିନ୍ତୁ ସେହି ପେଶଗୋଇ (ଭବିଷ୍ୟବାଣି)ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣା ପଡୁଛି ଯେ ଅଲ୍ଲାଃତାଲା ନଅ ବର୍ଷ ଅବଧି ମଧ୍ୟରେ ଏକ ମହାନ ପୁତ୍ର ଜନ୍ମ ହେବା ପାଇଁ ସୁସମାଚାର ପ୍ରଦାନ କରିଛନ୍ତି । ଏହା ବ୍ୟତୀତ ଅନ୍ୟ କୌଣସି ସନ୍ତାନ ତାଙ୍କ ଘରେ ଜନ୍ମ ହେବେ ନାହିଁ ବୋଲି ସେହି ଭବିଷ୍ୟବାଣୀରେ କୁହାଯାଇ ନଥିଲା ଯେ ସେହି ପ୍ରତିଶୃତ ପୁତ୍ରଙ୍କ ବ୍ୟତୀତ ଅନ୍ୟ କୌଣସି ସନ୍ତାନ ହେବେ ନାହିଁ । ପୁଣି ବିବାହ ପରେ ତ ସନ୍ତାନ ହେବା ନିଶ୍ଚିତ ଭାବରେ ପ୍ରକୃତିର ଏକ ନିୟମ କିନ୍ତୁ ଜଣେ ବ୍ୟକ୍ତି ନିଜ ସମ୍ବନ୍ଧରେ ସମୟ ପୂର୍ବରୁ ତାହାର ଚୁଡ଼ାନ୍ତ ଦାବି କରିପାରିବେ ନାହିଁ ଯେ ତାଙ୍କ ଘରେ ନିଶ୍ଚିତ ରୂପେ ଏକ ପୁତ୍ର ସନ୍ତାନ ଜନ୍ମ ହେବ । ଏଠାରେ ତ ନା କେବଳ ଏକ ପୁତ୍ର ସନ୍ତାନ ଜନ୍ମ ହେବା ପାଇଁ ଐଶୀ ପ୍ରତିଶୃତିର ଏକ ଚୁଡ଼ାନ୍ତ ଘୋଷଣା ଥିଲା ବରଂ ଜଣେ ନିଷ୍ଠାବାନ ଏବଂ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଏବଂ ଅସଂଖ୍ୟ ଗୁଣରେ ପରିପୂର୍ଣ୍ଣ ଥିବା ଜଣେ ପୁତ୍ର ସନ୍ତାନ ଜନ୍ମ ହେବ ବୋଲି ଘୋଷଣା କରାଯାଇଥିଲା,ଯାହାଙ୍କ ଜରିଆରେ ହଜରତ ମସିହ ମଉଦ ଆ ସଙ୍କ ଜୀବନ ପରେ ଇସଲାମ ଧର୍ମର ମହାନ ସେବା ହେବ ଏବଂ ସେ ଏ ତାଙ୍କର ଏ ଦୁନିଆରେ ବ୍ୟାପିଯବା ବିଷୟରେ ମଧ୍ୟ ଭବିଷ୍ୟବାଣୀରେ ଘୋଷଣା କରାଯାଇଥିଲା ।

### ବଶୀର ଅୱ୍ୱଲ (ଅର୍ଥାତ ପ୍ରଥମ ବଶୀର)ଙ୍କ ଜନ୍ମ ଏବଂ ହଜରତ ମସିହ ମଉଦ ଆ ସଙ୍କର ସ୍ପଷ୍ଟିକରଣ

ପ୍ରଥମ ଝିଅ ଜନ୍ମ ହେବା ପରେ ୧୮୮୭ ମସିହା ଅଗଷ୍ଟ ମାସ ୭ ତାରିଖ ଦିନ ହଜରତ ମସିହ ମଉଦ ଆ ସଙ୍କ ଘରେ ଏକ ପୁତ୍ର ସନ୍ତାନର ଜନ୍ମ ହେଲା । ଯାହାର ନାମ ବଶିର ରଖାଗଲା । ସାହାବଜାଦାଃ ବଶୀର ପ୍ରଥମଙ୍କ

ଜନ୍ମ ପୂର୍ବରୁ,ସେ ଗର୍ଭରେ ରହିଥିବା ସମୟରେ ହିଁ ହଜରତ ମସିହ ମଉଦ ଆ ସ ୮ ଏପ୍ରିଲ ୧୮୮୬ ମସିହାରେ ନିଜର ଗୋଟିଏ ଇସ୍ତେହାର ଜରିଆରେ ଏହି ଘୋଷଣା କରିଥିଲେ ଯେ :

"ଏକଥା ବର୍ତମାନ ପର୍ଯ୍ୟନ୍ତ ପ୍ରକାଶ ହୋଇନାହିଁ ଯେ ଏବେ ଯିଏ ଜନ୍ମ ହେବାକୁ ଯାଉଛି ସେ ସେହି (ଭବିଷ୍ୟବାଣୀରେ କୁହାଯାଇଥିବା) ପୁତ୍ର ହେବ ବା ସେହି ପୁତ୍ର ଅନ୍ୟ କୌଣସି ସମୟରେ ନଅ ବର୍ଷ ଅବଧି ମଧ୍ୟରେ ଜନ୍ମ ହେବ ।'' ***(ମଜମୁଆ ଇଶତେହାରାତ,ଖ-୦୧,ପୃ-୧୧୭)***

ତା'ପରେ ପୁଣି ସାହାବଜାଦାଃ ବଶିର ଅୱ୍ୱଲ (ପ୍ରଥମ ବଶିର)ଙ୍କ ଜନ୍ମ ହେବା ପରେ ମୌଲୱି ମୁହମ୍ମଦ ହୁସୈନ ବଟାଲୁୱି ସାହେବ ପଚାରି ଥିଲେ ଯେ କ'ଣ ଇଏ ହେଉଛି ସେହି ପୁତ୍ର ଯାହାଙ୍କ ବିଷୟରେ ଉକ୍ତ ଭବିଷ୍ୟବାଣୀରେ ପ୍ରତିଶୃତି ଦିଆଯାଇଅଛି ? ହଜୁର ଆ ସ ଉତରରେ କହିଲେ ଯେ :

"ନବଜାତ ଶିଶୁ ପାଇଁ ମୁଁ କୌଣସି ଖବରକାଗଜରେ ଏ ବିଷୟ ପ୍ରକାଶ କରିନାହିଁ ଯେ ଇଏ ହେଉଛି ସେହି ସମାନ ବାଳକ ଯାହାର ପ୍ରଶଂସା ୨୦ ଫେବୃୟାରୀ ୧୮୮୬ ମସିହାର ଇସ୍ତେହାରରେ ଦରଜ କରାଯାଇଅଛି '' ***(ମକତୁବାତେ ଅହମଦ, ଖ-୦୧,ପୃ-୩୦୬, ନ୍ୟୁ ଏଡିଶନ ୨୦୦୮ କାଦିଆନ)***

**ହଜରତ ମସିହ ମଉଦ ଆ ସଙ୍କ ଦୃଷ୍ଟିରେ ଏହି ଭବିଷ୍ୟବାଣୀର ମହତ୍ୱ ଏବଂ ମହାନତା**

ସେହି ସମୟରେ ହଜରତ ମସିହ ମଉଦ ଆ ସ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଏବଂ ଭବିଷ୍ୟବାଣୀ ଉପରେ ଆଧାରିତ ଗୋଟିଏ ପତ୍ରିକା ବନାମ "ସିରାଜେ ମୁନୀର''ଲେଖିବା ପାଇଁ ମନସ୍ଥ କଲେ । ସେହି ପୁସ୍ତକରେ ଅନ୍ୟ ଭବିଷ୍ୟବାଣୀ ଗୁଡ଼ିକ ବ୍ୟତୀତ ସେହି ପ୍ରତିଶୃତ ପୁତ୍ରଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିବା ଉଦ୍ଦେଶ୍ୟ ଥିଲା । ମୌଲୱି ମୁହମ୍ମଦ ହୁସୈନ ବଟାଲୁୱି ହଜୁର ଆ ସଙ୍କ ନାମରେ ଗୋଟିଏ ଚିଠି ଲେଖି ଏହି ପରାମର୍ଶ ଦେଲେ ଯେ ଏହି ପ୍ରତିଶୃତ ପୁତ୍ର ସମ୍ବନ୍ଧୀୟ ପେଶଗୋଇ(ଭବିଷ୍ୟବାଣୀ)କୁ ସିରାଜେ ମୁନୀର ପତ୍ରିକାରେ ଦରଜ କରନ୍ତୁ ନାହିଁ । ହଜରତ ମସିହ ମଉଦ ଆ ସ ତାହାର ଉତରରେ ଲେଖିଲେ ଯେ :

"ଶ୍ରୀମାନ ପ୍ରଥମ ଚିଠିରେ ଯେଉଁ ବିଷୟ ଉଲ୍ଲେଖ କରିଥିଲେ ଯେ ପ୍ରତିଶୃତ ପୁତ୍ର ସମ୍ବନ୍ଧୀୟ ପେଶଗୋଇ(ଭବିଷ୍ୟବାଣୀ)କୁ ସିରାଜେ ମୁନୀର ପତ୍ରିକାରେ ଦରଜ କରିବା ଉଚିତ ନୁହେଁ । ମୁଁ ଏପର୍ଯ୍ୟନ୍ତ ଆପଣଙ୍କ ନିକଟକୁ ତାହାର କୌଣସି ଉତର ଲେଖିନାହିଁ । କାରଣ ସର୍ବ ଶକ୍ତମାନ ଅଲ୍ଲାଃ ଏହି ପ୍ରସଙ୍ଗରେ ଆପଣଙ୍କ ମତାମତକୁ ମୋ ମତାମତ ସହିତ ସହମତି ପ୍ରଦାନ କରିନାହାନ୍ତି । ଇନ୍ନା ଲିଲ୍ଲାଃହେ ୱ ଇନ୍ନା ଇଲୈହେ ରାଜେଉନ । ମତେ ଅଲ୍ଲାଃଙ୍କ ତରଫରୁ ଏ ସମ୍ବନ୍ଧରେ ଘୋଷଣା ଏବଂ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ମିଳିଛି । ମୋ ମୁନୀବ ମତେ ଯାହା କିଛି ଆଦେଶ ଦେଇଛନ୍ତି ମୁଁ ତାହା କରିବା ପାଇଁ ବାଧ୍ୟ । ସାଂସାରର ଏଥିପ୍ରତି କ'ଣ ଚିନ୍ତାଧାରା ରହିଛି ମୋର ତା ସହିତ କୌଣସି ସମ୍ପର୍କ ନାହିଁ କି ମତେ ଏ ଦୁନିଆର ମାନ ସମ୍ମାନ ତଥା ଅପମାନ ସହିତ କୌଣସି ସମ୍ପର୍କ ରହିଛି । ନା ତାହାର କୌଣସି ଚିନ୍ତା ନା କୌଣସି ଭୟ ରହିଛି । ମୁଁ ଏତିକି ଜାଣିଛି ଯେ ଯେଉଁ କଥାକୁ ପ୍ରକାଶ କରିବା ପାଇଁ ମତେ ନିର୍ଦ୍ଦେଶ ମିଳିଛି,ହୁଏତ ଦ୍ୱେଷଭାବରେ ପରିପୂର୍ଣ୍ଣ ଏହି ଯୁଗରେ ତାହାକୁ କେତେ ବି ତିରସ୍କାର ଦୃଷ୍ଟିରେ ଦେଖୁ କିନ୍ତୁ ଆସନ୍ତା ଯୁଗ ତାଠାରୁ ଭରପୁର ଲାଭ ଉଠାଇବ ।'' ***(ମକତୁବାତେ ଅହମଦ, ଖ-୦୧,ପୃ-୩୦୫, ନ୍ୟୁ ଏଡିଶନ ୨୦୦୮ କାଦିଆନ)***

ହଜରତ ମସିହ ମଉଦ ଆ ସ ଙ୍କର ଏପରି ଅଟଳତା ଏବଂ ଦୃଢୋକ୍ତିକୁ ଦେଖି ଏବଂ ଆପଣ ଆ ସଙ୍କର ଉକ୍ତ ଭବିଷ୍ୟବାଣୀକୁ ସେହି ଇସ୍ତେହାରରୁ ନକାଢିବା କଥାକୁ ଜାଣି ମୌଲୱି ସାହେବ ଆଉ ଗୋଟିଏ ଚିଠି ପଠାଇଲେ । ସେହି ଚିଠିରେ ଲେଖିଲେ ଯେ ଏପରି ପେଶଗୋଇ (ଭବିଷ୍ୟବାଣୀ) ଦ୍ୱାରା ଇସଲାମକୁ କିଛି ବି ଲାଭ ମିଳିବ ନାହିଁ ବରଂ ଏହା ଦ୍ୱାରା ମୁସଲମାନମାନଙ୍କର ଅପମାନ ହେବ । ସୁତରାଂ ମୌଲବୀ ସାହେବ ଏହି ଅପମାନରୁ ବଂଚିବା ପାଇଁ ଏ ଥରକ ବି ଏହି ପରାମର୍ଶ ଦେଲେ ଯେ ବର୍ତମାନ ପାଇଁ ସିରାଜେ ମୁନୀର ପତ୍ରିକାକୁ ପ୍ରକାଶ କରିବାର ଉଦ୍ଦେଶ୍ୟକୁ ପରିତ୍ୟାଗ କରାଯାଉ । ହଜରତ ମସିହ ମଉଦ ଆ ସ ତାଙ୍କୁ ଉତର ଦେଇ ଏହା ଲେଖିଲେ ଯେ :

"ଆପଣ କହିଛନ୍ତି ଯେ ସିରାଜେ ମୁନୀର ପତ୍ରିକାରେ ମଧ୍ୟ ସେହି ପ୍ରକାରର ଭବିଷ୍ୟବାଣୀମାନ ଉଲ୍ଲେଖ ରହିଛି । ତେଣୁ ମୋର ମତ ହେଉଛି ଏହା କି ସିରାଜେ ମୁନୀରର ପ୍ରକାଶନକୁ ସ୍ଥଗିତ ରଖାଯାଉ । କାରଣ ଏହିପରି ପୁସ୍ତକ ଦ୍ୱାରା ମୁସଲମାନମାନଙ୍କର ଭିଷଣ ଅପମାନ ହେବ । ଏହାର ଉତର ମୁଁ ଆପଣଙ୍କ ନିକଟକୁ ଲେଖୁଛି ଯେ ଅବଶ୍ୟ ସିରାଜେ ମୁନୀରରେ ସେହି ପ୍ରକାରର ସମାନ ଭବିଷ୍ୟବାଣୀମାନ ରହିଛି, କିନ୍ତୁ ସର୍ବୋପରି ଏଗୁ ଭବିଷ୍ୟବାଣୀ ରହିଛି । ସେହିପରି ଆପଣ ଆଉ ଗୋଟିଏ ବାକ୍ୟ ଏହା ଉଲ୍ଲେଖ କରିଛନ୍ତି ଯେ ଏହିପରି ଭବିଷ୍ୟବାଣୀ ଦ୍ୱାରା ମୁସଲମାନମାନଙ୍କର ଭିଷଣ ଅପମାନ ହେବ । (ଆପଣଙ୍କର ଏକଥା) ବୁଦ୍ଧିମାନ କଥା ନୁହେଁ ଏବଂ ଆପଣଙ୍କର ଏହା କହିବା ଯେ "ମତେ କେବଳ ଏ ଚିନ୍ତା ଯେ ମୁସଲମାନମାନଙ୍କର ଅଧିକା ଅପମାନ ନ ହେଉ ଏବଂ ତାଙ୍କର ଧନ ଅଯଥାରେ ନଷ୍ଟ ନ ହେଉ ।'' ଆପଣଙ୍କର ଏହି କଥାରୁ ସ୍ପଷ୍ଟ ହେଉଛି ଯେ ପୁତ୍ର ସନ୍ତାନ ଜନ୍ମ ହେବା ଦ୍ୱାରା ମୁସଲମାନମାନଙ୍କର କିଛି ମାତ୍ରାରେ ଅପମାନ ହୋଇଛି ଏବଂ ଆସନ୍ତାକୁ ସିରାଜେ ମୁନୀର ପ୍ରକାଶ ପାଇଲେ,ତାଠାରୁ ଅଧିକା (ଅପମାନ) ହେବ । ତେଣୁ ମୁଁ ଏହ କହୁଛି ଯେ ଯଦି ଭବିଷ୍ୟବାଣୀଗୁଡ଼ିକର ସତ୍ୟତା ପ୍ରକାଶ ହେବା ମୁସଲମାନମାନଙ୍କ ପାଇଁ ଅପମାନର କାରଣ ହୁଏ,ତେବେ ଯେତେ ମାତ୍ରାରେ ଏହିପରି ଅପମାନ ହେବ,ତାହା ବହୁତ କମ ।'' ***(ମକତୁବାତେ ଅହମଦ, ଖ-୦୧,ପୃ-୩୦୮,୩୦୯ ନ୍ୟୁ ଏଡିଶନ ୨୦୦୮ କାଦିଆନ)***

ପୁଣି ହଜରତ ମସିହ ମଉଦ ଅ ସ ନିଜର ଇସ୍ତେହାର ଲିଖିତ ୨୨ ମାର୍ଚ୍ଚ ୧୮୮୬ ମସିହାରେ କେତେକ ଆପାତିକାରୀଙ୍କ ଆପତିର ଉତର ଦେଇ ଉଲ୍ଲେଖ କରିଛନ୍ତି ଯେ :

"ଜଣେ ଅଜ୍ଞ ବ୍ୟକ୍ତି ବି ବୁଝିପାରିବ ଯେ ଯଦି ଭବିଷ୍ୟବାଣୀର ଅର୍ଥକୁ ଗୋଟିଏ ଦୃଷ୍ଟି କୋଣରେ ଦେଖାଯିବ ତା'ହେଲେ ଏହା ମାନବ ଶକ୍ତିର ଉର୍ଦ୍ଧ୍ୱରେ ରହିଛି ଏବଂ ଏହି ନିଦର୍ଶନ ଈଶ୍ୱରୀୟ ନିଦର୍ଶନ କି ନୁହେଁ,ଏହାକୁ ସନ୍ଦେହ କରାଯାଇ ପାରିବ ନାହିଁ । ଯଦି ସନ୍ଦେହ ଅଛି,ତା'ହେଲେ ଏପରି କୌଣସି ଭବିଷ୍ୟବାଣୀ ଉପସ୍ଥାପନ କରନ୍ତୁ ଯାହା ଏମିତି ନିଦର୍ଶନକୁ ନିଜ ମଧ୍ୟରେ ଧାରଣ କରିରଖିଥିବ । ଏଠାରେ ଆଖି ଖୋଲି ଦେଖିବା ଉଚିତ ଯେ ଏହା କେବଳ ଏକ ଭବିଷ୍ୟବାଣୀ ନୁହେଁ ବରଂ ଏକ ମହାନ ଐଶୀ ନିଦର୍ଶନ ଅଟେ । ଯାହାକୁ ଦୟାବାନ ଈଶ୍ୱର ଆମ ନବି ଶିରୋମଣି ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ସତ୍ୟତା ଏବଂ ମହାନତାକୁ ଅବଲୋକନ କରିବା ପାଇଁ ପ୍ରକାଶ କରିଛନ୍ତି,ଏବଂ ବାସ୍ତବିକ ଏହି ନିଦର୍ଶନଟି ଜଣେ ମୃତ ବ୍ୟକ୍ତିକୁ ପୁନର୍ଜୀବିତ କରିବା ଅପେକ୍ଷା ଶହେ ଗୁଣା ଉତମ ଓ ଉତ୍କୃଷ୍ଟ..... ଏଠାରେ ସର୍ବଶକ୍ତିମାନ ଅଲ୍ଲାଃଙ୍କ କୃପା ଏବଂ ଖାତମୁଲ ଅମ୍ବିୟା ସ ଆ ସ ଙ୍କ ଅନୁଗ୍ରହ ଓ ଆଶୀର୍ବାଦରୁ ଦୟାବନ୍ତ ଅଲ୍ଲାଃ ଏହି ଅଧମର ଦୁଆ (ପ୍ରାର୍ଥନା)କୁ ଗ୍ରହଣ କରି ଏପରି ଆଶୀର୍ବାଦ ପ୍ରାପ୍ତ ଆତ୍ମାକୁ ପ୍ରେରଣ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି,ଯାହାର ବାହ୍ୟ ଏବଂ ଆଭ୍ୟନ୍ତରୀଣ କଲ୍ୟାଣ ସାରା ପୃଥିବୀରେ ବ୍ୟାପି ଯିବ ।'' ***(ମୁଜମୁଆ ଇଶତେହାରାତ, ଖ-୦୧,ପୃ-୧୧୪,୧୧୫)***

ବଶୀର ଅୱ୍ୱଲ (ପ୍ରଥମ ବଶୀର) ଙ୍କ ଦେହାନ୍ତ ଏବଂ ହଜରତ ମସିହ ମଉଦ ଆ ସଙ୍କର ବାସ୍ତବିକତା ପୂର୍ଣ୍ଣ ଭାଷଣ

୧୮୮୮ ମସିହା ନଭେମ୍ବର ମାସ ୪ ତାରଖ ଦିନ ସାହାବଜାଦାଃ ବଶୀର ଅୱ୍ୱଲ (ପ୍ରଥମ ବଶୀର) ଙ୍କ ଦେହାନ୍ତ ହୋଇଗଲା । ଏତଦ୍ୱାରା ବିରୋଧିମାନେ ଏକ କୋଳାହଳ ସୃଷ୍ଟି କରିଦେଲେ । ଏହି ଅବସରରେ ହଜରତ ମସିହ ମଉଦ ଆ ସ ସେମାନଙ୍କର ସମସ୍ତ ସମାଲୋଚନାର ଉତର ଦେଇ ଗୋଟିଏ ପତ୍ରିକା "ହକ୍କାନୀ ତକରୀର ବର ମୌକା ୱଫାତେ ବଶୀର'' ପ୍ରକାଶ କଲେ । ତାହା ସବୁଜ ରଙ୍ଗର କାଗଜରେ ପ୍ରକାଶ ହେବା ଯୋଗୁଁ ପରେ "ସବଜ ଇଶତେହାର'' ନାମରେ ପ୍ରଶିଦ୍ଧ ହେଲା । ଏହି ଇସ୍ତେହାରରେ ହଜରତ ମସିହ ମଉଦ ଆ ସ ଉଲ୍ଲେଖ କରିଛନ୍ତି ଯେ :

"ଏହି ଅଧମ ତରଫରୁ ଯେତେ ସବୁ ଇସ୍ତେହାର ପ୍ରକାଶ ପାଇଛି......ସେଥି ମଧ୍ୟରେ କୌଣସି ଲୋକ ଏପରି ଗୋଟିଏ ଶଦ୍ଦ ବି ଉପସ୍ଥାପନ କରିପାରିବେ ନାହିଁ, ଯେଉଁଥିରେ ଏ ଦାବି କରାଯାଇଥିବ ଯେ ମୁସଲେହ ମଉଦ ତଥା ବୟସ ପାଇଥିବା ବାଳକଟି ଏହି ବାଳକ ଥିଲା ଯିଏ ଏବେ ମୃତ୍ୟୁ ବରଣ କରିସାରିଛି । '' ***(ସବଜ ଇଶତେହାର ,ରୁହାନୀ ଖଜାଇନ, ଖ-୦୨,ପୃ-୪୪୮)***

ପୁଣି ହଜରତ ମସିହ ମଉଦ ଆ ସ କୁହନ୍ତି:

"ଏହା ମଧ୍ୟ ମନେ ରଖିବା ଉଚିତ ଯେ ଯଦି ଆମେ ଏହି ଧାରଣା ଆଧାରରେ,ଅର୍ଥାତ ଐଶୀବାଣୀ ସ୍ୱରୂପ ଏହି ମୃତ ପୁତ୍ରଙ୍କ ବ୍ୟକ୍ତିଗତ ଗୁଣ ବିଶେଷ ପ୍ରକାଶ ପାଇଛି,ଏବଂ ତାହାର ନାମ ମୁବଶୀର,ବଶୀର, ନୁରୁଲ୍ଲାଃ,ସୟବ ଏବଂ ଚିରାଗଦ୍ଦୀନ ଇତ୍ୟାଦି ବିଶିଷ୍ଟ ବ୍ୟକ୍ତିଗତ ଗୁଣ ତଥା ପ୍ରକୃତିର ଆଲୋକ ରଖିଥାଆନ୍ତୁ ଏବଂ ଏ ବାବତରେ କୌଣସି ବିସ୍ତୃତ ଇସ୍ତେହାର ପ୍ରକାଶ କରି ଏହି ସବୁ ନାମଗୁଡ଼ିକ ବିଷୟରେ ଆମର ମତାମତ ଲେଖିଥାନ୍ତୁ ଯେ ବୋଧ ହୁଏ ମୁସଲେହ ମଉଦ ଏବଂ ସେହି ଆୟୁସ ପାଇଥିବା ବାଳକ ଜଣକ ଏହି ବାଳକ (ଅର୍ଥାତ ବଶୀର ଅୱ୍ୱଲ)ହେବେ ବୋଲି,ତା'ହେଲେ ମଧ୍ୟ ବୁଦ୍ଧିମାନ ଲୋକମାନଙ୍କ ଦୃଷ୍ଟିରେ ଏପରି ଇଜତିହାଦୀ (ଅର୍ଥାତ ମାନବିକ ତ୍ରୁଟିପୂର୍ଣ୍ଣ) ବୟାନ ଆପତିଜନକ ହୋଇ ନଥାନ୍ତା ।'' ***(ସବଜ ଇଶତେହାର ,ରୁହାନୀ ଖଜାଇନ, ଖ-୦୨,ପୃ-୪୫୦,୪୫୧)***

ଏହି ସବୁଜ ଇସ୍ତେହାରରେ ହଜରତ ମସିହ ମଉଦ ଆ ସ ଅଲ୍ଲାଃତାଲାଙ୍କ ଦୟା ଓ କରୁଣାର ଦୁଇଟି ମହାନ ଶୈଳୀ/ଉପାୟ ବିଷୟରେ ବର୍ଣ୍ଣନା କରିଛନ୍ତି । ହଜରତ ମସିହ ମଉଦ ଆ ସ ଙ୍କର ଏହି ଲେଖା ଅତ୍ୟନ୍ତ ନିର୍ଣ୍ଣାୟକ ଅଟେ । ହଜୁର ଅ ସ କୁହନ୍ତି :

"ଖୁଦାତାଲାଙ୍କ ଦୟା ଏବଂ ଆଧ୍ୟାତ୍ମିକ କଲ୍ୟାଣ ପ୍ରାପ୍ତ କରିବା ପାଇଁ ଦୁଇଟି ମହାନ ଉପାୟ ରହିଛି ।

(୧) ପ୍ରଥମତଃ ସେ କୌଣସି ବିପର୍ଯ୍ୟୟ ଏବଂ ଦୁଃଖ ପଠାଇ ଧୈର୍ଯ୍ୟବାନ ଲୋକଙ୍କ ଉପରେ କ୍ଷମା ତଥା ଦୟାର ଦ୍ୱାରକୁ ଖୋଲିଥାଏ। ଉଦାହରଣ ସ୍ୱରୂପ ସେ ସ୍ୱୟଂ କହିଛନ୍ତି ଯେ **ୱ ବଶଶୀରିସ ସାବେରିନ ଅଲ୍ଲଜିନା ଇଜା ଅସାବତ ହୁମ ମୁସିବତୁନ କାଲୁ ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ ଉଲାଇକା ଆଲୈହିମ ସଲୱାତୁମ ମିର ରବବିହିମ ୱ ରହମତୁନ ଉଲାଇକା ହୁମୁଲ ମୁହତଦୁନ (ସୁରଃ ଅଲବକରାଃ: ୧୫୬)** ଅର୍ଥାତ ଆମ୍ଭର ଏହି ପ୍ରାକୃତିକ ନିୟମ ରହିଛି ଯେ ଆମ୍ଭେ ମୋମିନ (ଅର୍ଥାତ ବିଶ୍ୱାସକାରୀ) ମାନଙ୍କ ଉପରେ ନାନା ପ୍ରକାରର ଅସୁବିଧା ଅବତୀର୍ଣ୍ଣ କରି ସେମାନଙ୍କର ପରିକ୍ଷା କରିଥାଉଁ କିନ୍ତୁ ଯେଉଁମାନେ ଧୈର୍ଯ୍ୟ ଧରିଥାନ୍ତି,ସେମାନଙ୍କ ଉପରେ ଆମ୍ଭର କରୁଣା ପ୍ରକାଶ ପାଇଥାଏ ଏବଂ ସଫଳତାର ମାର୍ଗ ସେମାନଙ୍କ ପାଇଁ ଖୋଲା ଯାଇଥାଏ ।

(୨)ତାହାଙ୍କ କରୁଣା ଅବତୀର୍ଣ୍ଣ ହେବାର ଦ୍ୱିତୀୟ ଉପାୟ ହେଉଛି ଏହା କି ସେ ରସୁଲ,ନବି,ଇମାମ , ସାଧୁ ସନ୍ଥ ଏବଂ ଖଲିଫା ପ୍ରେରଣ କରିଥାନ୍ତି, ସେମାନଙ୍କ ମାର୍ଗଦର୍ଶନରେ ଲୋକମାନେ ସଠିକ ରାସ୍ତାକୁ ଆସିଥାନ୍ତି ଏବଂ ସେମାନଙ୍କ ଆଦର୍ଶକୁ ଅନୁସରଣ କରି ମୋକ୍ଷ ପ୍ରାପ୍ତି କରିଥାନ୍ତି । ତେଣୁ ଅଲ୍ଲାଃତାଲା ଏହା ଇଚ୍ଛା କରିଛନ୍ତି ଯେ ଏହି ଅଧମର ସନ୍ତାନ (ବଂଶ) ମାଧ୍ୟମରେ ଏହି ଦୁଇଟି ଦିଗ ପରିପ୍ରକାଶ ହେଉ। ଅତେବ ସେ ପ୍ରଥମ ପ୍ରକାରର କରୁଣା ଅବତରଣ ନିମନ୍ତେ ବଶୀରକୁ ପ୍ରେରଣ କେଲ ଯଦ୍ଦ୍ୱାରା ବଶ୍ଶୀରିସ ସାବେରୀନର ସାମଗ୍ରୀ ମୋମିନ ମାନଙ୍କ ପାଇଁ ପ୍ରସ୍ତୁତ କରି ମାନବତାର ଅର୍ଥକୁ ପୁରଣ କରିବ....

ଦ୍ୱିତୀୟ ପ୍ରକାରର କରୁଣା,ଯାହା ଏବେ ମୁଁ ଏଠାରେ ବର୍ଣ୍ଣନା କରିସାରିଛି,ତାହାକୁ ପୂରଣ କରିବା ପାଇଁ ଖୁଦା ତାଲା ଦ୍ୱିତୀୟ ବଶୀରଙ୍କୁ ପ୍ରେରଣ କରିବେ । ଯେପରି ବଶୀର ଅୱ୍ୱଲଙ୍କ ମୃତ୍ୟୁ ପୂର୍ବରୁ ୧୦ ଜୁଲାଇ ୧୮୮୮ ମସିହାର

ଇସ୍ତେହାରରେ ତାହାଙ୍କ ସମ୍ବନ୍ଧରେ ଭବିଷ୍ୟବାଣୀ କରାଯାଇଅଛି ଏବଂ ଖୁଦାତାଲା ଏହି ଅଧମ ଉପରେ ପ୍ରକାଶ କରିଛନ୍ତି ଯେ ଜଣେ ଦ୍ୱିତୀୟ ବଶୀର ତୁମକୁ ପ୍ରଦାନ କରାଯିବ, ଯାହାଙ୍କ ନାମ ମଧ୍ୟ ମହମୁଦ ରଖାଯାଇଅଛି । ସେ ନିଜର କର୍ମ ଦ୍ୱାରା ଉଲୁଲ ଅଜମ (ଅର୍ଥାତ ସ୍ଥିତପ୍ରଜ୍ଞ) ହେବେ । ଅଲ୍ଲାଃତାଲା ଯାହା ଚାହାନ୍ତି ତାହା ସୃଷ୍ଟି କରନ୍ତି ।'' ***(ସବଜ ଇଶତେହାର,ରୁହାନୀ ଖଜାଇନ,ଖ-୦୨, ପୃ-୪୬୧-୪୬୩ ହାଶିୟାଃ)***

ଏହି ସବୁଜ ଇସ୍ତେହାର ହେଉଛି ମୁସଲେହ ମଉଦର ଭବିଷ୍ୟବାଣୀକୁ ବୁଝିବା ପାଇଁ ଗୋଟିଏ ଚାବି । ଏହି ସବୁଜ ଇସ୍ତେହାରରେ ଅଲ୍ଲାଃତାଲାଙ୍କ ଦୁଇ ପ୍ରକାରର କରୁଣା (ଅନୁଗ୍ରହ) ବିଷୟରେ ଉଲ୍ଲେଖ କରି ହଜୁର ଆ ସ ଏହା କହିଛନ୍ତି ଯେ ଖୁଦା ତାଲା ଏହା ଚାହିଁଛନ୍ତି ଯେ ଏହି ଅଧମ (ଅର୍ଥାତ ହଜରତ ମସିହ ମଉଦ ଆସ ଙ୍କ ନିଜ)ର ସନ୍ତାନମାନଙ୍କ ମାଧ୍ୟମରେ ସେହି ଦୁଇଟି ଜିନିଷ ପ୍ରକାଶ ପାଇବ । ଏ ଉକ୍ତି ଏଠାରେ ସ୍ପଷ୍ଟ କରୁଛି ଯେ ମୁସଲେହ ମଉଦଙ୍କ ଅସ୍ତିତ୍ୱ ହଜରତ ମସିହ ମଉଦ ଆ ସଙ୍କ ଔରଷରୁ ହିଁ ଜାତ ହେବ,ଭବିଷ୍ୟତରେ କୌଣସି ଆଧ୍ୟାତ୍ମିକ ସନ୍ତାନ ଭାବରେ ନୁହେଁ ଏବଂ ଆସିବାକୁ ଥିବା ବଶୀର ସମ୍ବନ୍ଧରେ ହଜୁର ଆ ସ ଏହା ବି କହିଛନ୍ତି ଯେ ସେ ଦୂତ, ନବୀ, ଇମାମ, ୱଲିଅଲ୍ଲାଃ (ସାଧୁ ସନ୍ଥ) ଏବଂ ଖଲିଫାମାନଙ୍କ ପଦବୀରେ ଅଧିଷ୍ଠିତ ହେବ । ଏବେ ଦୂତ ତଥା ନବିମାନଙ୍କ ପଦବୀରେ ନିଜେ ହଜରତ ମସିହ ମଉଦ ଆ ସ ଥିଲେ, ତେଣୁ ସେହି ପ୍ରତିଶୃତ ପୁତ୍ର ଜଣକ ଇମାମ,ୱଲିଅଲ୍ଲାଃ (ସାଧୁ ସନ୍ଥ) ଏବଂ ଖଲିଫା ପଦବୀରେ ଅଧିଷ୍ଠିତ ହେବେ । ତେଣୁ ତାହାଙ୍କ ଅନୁସରଣ କରିଲେ ମୋକ୍ଷ ପ୍ରାପ୍ତି ହେବ ଓ ସତ୍ପଥ ମିଳିବ ବୋଲି ହଜୁର ଆ ସ କହିଛନ୍ତି ।

**ପେଶଗୋଇର ଚରିତାର୍ଥ**

ହଜରତ ମସିହ ମଉଦ ଆ ସ ନିଜ ଲେଖନୀର ବିଭିନ୍ନ ସ୍ଥାନରେ ନିଜର ଜଣେ ସୁସମାଚାରୀ ସନ୍ତାନ ବିଷୟରେ ଉଲ୍ଲେଖ କରିଛନ୍ତି । ସେହି ପରି ପ୍ରତ୍ୟେକ ପୁତ୍ର ବା ପୁତ୍ରୀ ବିଷୟରେ,ସେମାନଙ୍କର ଜନ୍ମ ପୂର୍ବରୁ ସେମାନଙ୍କ ଜନ୍ମ ବିଷୟରେ ପୁସ୍ତକ ଏବଂ ଇସ୍ତେହାର ରିଫରେନ୍ସ ଦେଇଛନ୍ତି । କିନ୍ତୁ ସବୁଜ ଇସ୍ତେହାରରେ ଯେଉଁ ପୁତ୍ରଙ୍କ ବିଷୟରେ ଖବର ଦିଆଯାଇଛି ତାହାର ପ୍ରାମାଣିକ ଚରିତାର୍ଥର ଉଦାହରଣ ସର୍ବଦା ହଜରତ ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦ ସାହେବ ର ଅଙ୍କୁ ଅଭିହିତ କରାଯାଇଅଛି । ଏହାର ପ୍ରମାଣ ସ୍ୱରୂପ ନିମ୍ନ ଲିଖିତ ରିଫରେନ୍ସ ଦିଆଗଲା :

ହଜୁର ଆ ସ ନିଜ ପୁସ୍ତକ "ସିରାଜେ ମୁନୀର''ରେ ନିଜର ସତ୍ୟତା ପୂର୍ଣ୍ଣ ଭବିଷ୍ୟତ ବାଣୀଗୁଡ଼ିକ ବିଷୟରେ ବର୍ଣ୍ଣନା କରି ହଜୁର କହିଛନ୍ତି :

"ମୁଁ ମୋ ନିଜ ପୁତ୍ର ମହେମୁଦଙ୍କ ଜନ୍ମ ସମ୍ବନ୍ଧରେ ମୋର ପଂଚମ ଭବିଷ୍ୟବାଣୀରେ ବର୍ଣ୍ଣନା କହିଥିଲି ଯେ ସେ ଏବେ ଜନ୍ମ ହେବ ଏବଂ ତାହାର ନାମ ମହମୁଦ ରଖାଯିବ । ସେହି ଭବିଷ୍ୟବାଣୀର ପ୍ରକାଶନ ନିମନ୍ତେ ସବୁଜ ରଙ୍ଗର ବିଜ୍ଞାପନ ପ୍ରକାଶ କରାଯାଇଥିଲା,ଯାହା ଏପର୍ଯ୍ୟନ୍ତ ବିଦ୍ୟମାନ ରହିଛି ଏବଂ ତାହାକୁ ହଜାର ହଜାର ଲୋକମାନଙ୍କ ମଧ୍ୟରେ ବଂଟନ କରାଯାଇଥିଲା । ଅତେବ ସେହି ପୁତ୍ର ସେହି ଭବିଷ୍ୟବାଣୀରେ ଉଲ୍ଲେଖ ଥିବା ଅବଧି ମଧ୍ୟରେ ଜନ୍ମ ହେଲା ଏବଂ ତାକୁ ଏବେ ନଅ ବର୍ଷ ହେଇସାରିଛି ।'' ***(ସିରାଜେ ମୁନୀର, ରୁହାନୀ ଖଜାଇନ, ଖ-୧୨,ପୃ-୩୬)***

ପୁସ୍ତକ "ସିରାଜେ ମୁନୀର''ର ଏହି ଲେଖାର ହାଶିୟାଃରେ ହଜୁର ଆ ସ ପୁଣି ଉଲ୍ଲେଖ କରିଛନ୍ତି ଯେ :

"ସବୁଜ ଇସ୍ତେହାରରେ ସ୍ପଷ୍ଟ ଶବ୍ଦରେ ପୁତ୍ର ଜନ୍ମ ହେବା ବିଷୟରେ ପ୍ରତିଶୃତି ଦିଆଯାଇଥିଲା,ତେଣୁ ମହମୁଦ ଜନ୍ମ ହେଲା । ଏହି ଭବିଷ୍ୟବାଣୀ କେତେ ମହାନ, ଯଦି ଅଲ୍ଲାଃଙ୍କ ଭୟକରୁଥାଅ ତେବେ ଶୁଦ୍ଧ ମନରେ ଚିନ୍ତା କର !''

ନିଜର ପୁସ୍ତକ "ଅଞ୍ଜାମେ ଆଥମ''ରେ ହଜରତ ମସିହ ମଉଦ ଆ ସ କହୁଛନ୍ତି :

"ପୁଣି ଆଉ ଗୋଟିଏ ନିଦର୍ଶନ (ସଙ୍କେତ) ହେଉଛି ଏହା କି ମୋର ଯେଉଁ ତିନି ଜଣ ପୁତ୍ର ଏବେ ଅଛନ୍ତି, ପ୍ରତ୍ୟେକଙ୍କ ଜନ୍ମ ପୂର୍ବରୁ ସେମାନଙ୍କ ଆଗମନ ବିଷୟରେ ଖବର ଦିଆଯାଇଥିଲା । ସୁତରାଂ ମୋର ବଡ଼ ପୁଅ ମହେମୁଦଙ୍କ ଜନ୍ମ ପୂର୍ବରୁ ସବୁଜ ଇସ୍ତେହାରରେ ପ୍ରକାଶ ପାଇଥିବା ଭବିଷ୍ୟବାଣୀରେ ସ୍ପଷ୍ଟ ଭାବରେ ତାଙ୍କର ନାମ ମହମୁଦ ବୋଲି ଉଲ୍ଲେଖ ରହିଛି ଯାହା ପ୍ରଥମ ପୁତ୍ରଙ୍କ ଦେହାନ୍ତ ସମୟରେ ପ୍ରକାଶ କରାଯାଇଥିଲା । ତାହା ଏକ ପତ୍ରିକା ସଦୃଶ ବହୁ ପୃଷ୍ଠା ବିଶିଷ୍ଟ ସବୁଜ ରଙ୍ଗର ପୃଷ୍ଠାରେ ବିଦ୍ୟମାନ । ସେହିପରି ମୋର ମଝିଆ ପୁଅ ବଶୀର ବିଷୟରେ ଗୋଟିଏ ଧଳା ରଙ୍ଗର ଇସ୍ତେହାରରେ ପ୍ରକାଶ ପାଇଛି,ଯାହାକୁ ସବୁଜ ଇସ୍ତେହାର ପ୍ରକାଶ ହେବାର ତିନି ବର୍ଷ ପରେ ଛପାଯାଇଥିଲା,ଏବଂ ସବୁଠାରୁ ଛୋଟ ପୁତ୍ର ଶରିଫ,ତାଙ୍କ ଜନ୍ମ ବିଷୟରେ କରାଯାଇଥିବା ଭବିଷ୍ୟବାଣୀ ପୁସ୍ତକ ଜିଆଉଲ ହକ୍ ଏବଂ ଅନୱାରୁଲ ଇସଲାମରେ ମହଜୁଦ ରହିଛି ।'' ***(ଜମିମାଃ ଅଞ୍ଜାମେ ଆଥମ, ରୁହାନୀ ଖଜାଇନ, ଖ-୧୧, ପୃ-୨୯୯)***

ସେହିପରି ହଜରତ ମସିହ ମଉଦ ଆ ସ ନିଜର ପୁସ୍ତକ "ସିରରୁଲ ଖିଲାଫାଃ''ରେ କହିଛନ୍ତି :

ଅନୁବାଦ: ଏବଂ ମୁଁ ତୁମ ସମ୍ମୁଖରେ ଗୋଟିଏ ଅଜବ କାହାଣୀ ବର୍ଣ୍ଣନା କରୁଅଛି ଯେ ମୋର ଏକ ଛୋଟ ପୁଅ ଥିଲା । ତାର ନାମ ବଶୀର ଥିଲା । ଅଲ୍ଲାଃ ତାଲା ତାକୁ ତା ଖିରପାନ ସମୟରେ ହିଁ ମୃତ୍ୟୁ ପ୍ରଦାନ କଲେ । (ଅର୍ଥାତ ବାଲ୍ୟକାଳରେ ତାଙ୍କର ଦେହାନ୍ତ ହୋଇଗଲା).... ତା'ପରେ ଅଲ୍ଲାଃତାଲା ମୋତେ ଐଶୀବାଣୀ ସାହାଯ୍ୟରେ ବତାଇ ଦେଲେ ଯେ ଆମେ ତାକୁ ଦୟା ଓ କରୁଣା ସ୍ୱରୂପ ତୁମ ନିକଟକୁ ପୁନର୍ବାର ପଠାଇଦେବୁ। ଠିକ ସେହିପରି ବାଳକର ମାଆ ମଧ୍ୟ ସ୍ୱପ୍ନରେ ଦେଖିଲେ ଯେ ବଶୀର ଆସିଯାଇଛି ଏବଂ କହୁଛି ଯେ ମୁଁ ଆପଣଙ୍କୁ ବହୁତ ପ୍ରେମର ସହିତ ଭେଟ କରିବି ଓ ଶୀଘ୍ର ଅଲଗା ହେବି ନାହିଁ । ଏହି ଐଶୀବାଣୀ ତଥା ସ୍ୱପ୍ନ ପରେ ଅଲ୍ଲାଃତଲା ମତେ ଦ୍ୱିତୀୟ ପୁତ୍ର ସନ୍ତାନ ପ୍ରଦାନ କଲେ । ତା'ପରେ ମୁଁ ଜାଣି ପାରିଲି ଯେ ଇଏ ହେଉଛି ସେହି ବଶୀର ଏବଂ ଖୁଦାତାଲା ନିଜର ଖବରକୁ ସତ୍ୟ କରି ଦେଖାଇଛନ୍ତି । ତେଣୁ ମୁଁ ସେହି ପୁତ୍ରର ନାମ ବଶୀର ରଖିଦେଲି,ଏବଂ ମତେ ତା ଶରୀରରେ ବଶୀର ଅୱଲ (ପ୍ରଥମ ବଶୀର) ର ରୂପରେଖ ଦେଖାଯାଉଅଛି । ଅତେବ ଅଲ୍ଲାଃତାଲାଙ୍କ ସୁନ୍ନତ (କାର୍ଯ୍ୟ) ସେହି ସ୍ୱପ୍ନ ମାଧ୍ୟମରେ ପ୍ରମାଣ ହୋଇଗଲା ଯେ ସେ ଦୁଇଜଣ ଲୋକଙ୍କୁ ଗୋଟିଏ ନାମରେ ବି ଅଭିହିତ କରିଥାନ୍ତି ।***(ସିରରୁଲ ଖିଲାଫାଃ,ରୁହାନୀ ଖଜାଇନ,ଖ-୦୮,ପୃ-୩୮୧)***

ସବୁଜ ଇସ୍ତେହାର ପ୍ରସଙ୍ଗରେ ନିଜର ପୁତ୍ର ହଜରତ ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦ ସାହେବଙ୍କ ଜନ୍ମ ବିଷୟରେ ଉଲ୍ଲେଖ କରି ହଜରତ ମସିହ ମଉଦ ଆ ସ ନିଜର ପୁସ୍ତକ "ତରୟାକୁଲ କୁଲୁବ''ରେ ଉଲ୍ଲେଖ କରିଛନ୍ତି ଯେ :

"ମୋର ପ୍ରଥମ ପୁତ୍ର ଯିଏ ଏବେ ଜୀବିତ ଅଛି,ତାହାର ନାମ ହେଉଛି ମହେମୁଦ । ସେ ଏବେ ଜନ୍ମ ହୋଇନଥିଲା ଯେ ତା ଜନ୍ମ ବିଷୟରେ ମତେ କଶଫୀ ନଜାରାଃ (ଅର୍ଥାତ ଏକ ପ୍ରକାରର ସ୍ୱପ୍ନ ଯାହା ଜାଗ୍ରତ ବା ନିଦ୍ରାବସ୍ଥାରେ ଏକ ଦୃଶ୍ୟ ମାଧ୍ୟମରେ ଦେଖାଯାଇଥାଏ,ସେଥି)ରେ ତାହାର ଜନ୍ମ ବିଷୟରେ ଖବର ଦିଆଯାଇଥିଲା । ମୁଁ ମସଜିଦର କାନ୍ଥରେ ତା ନାମ ମେହମୁଦ ଲେଖାଯାଇଥିବା ଦେଖିଲି । ତା'ପରେ ମୁଁ ସେହି ଭବିଷ୍ୟବାଣୀକୁ ପ୍ରକାଶ କରିବା ନିମନ୍ତେ ସବୁଜ ରଙ୍ଗର ପୃଷ୍ଠା ଉପରେ ଗୋଟିଏ ଇସ୍ତେହାର (ବିଜ୍ଞାପନ) ଛାପିଲି । ତା ପ୍ରକାଶନ ତାରିଖ ହେଉଛି ୦୧ ଡ଼ିସେମ୍ବର ୧୮୮୮ ମସିହା ।'' ***(ତରୟାକୁଲ କୁଲୁବ,ରୁହାନୀ ଖଜାଇନ,ଖ-୧୫,ପୃ-୨୧୪)***

ତରୟାକୁଲ କୁଲୁବ ପୁସ୍ତକରେ ହଜୁର ଆ ସ ଆଉ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି:

"ମହେମୁଦ ଯିଏ ହେଉଛି ମୋର ବଡ଼ ପୁତ୍ର,ତା ଜନ୍ମ ହେବା ବିଷୟରେ ଗୋଟିଏ ଇସ୍ତେହାର ୧୦ ଜୁଲାଇ ୧୮୮୮ ମସିହାରେ ଏବଂ ଆଉ ଗୋଟିଏ ଇସ୍ତେହାର ୦୧ ଡିସେମ୍ବର ୧୮୮୮ ମସିହାରେ ଛପାଯାଇଥିଲା ସେଥିରେ ଭବିଷ୍ୟବାଣୀ କରାଯାଇଥିଲା, ଏବଂ ସବୁଜ ଇସ୍ତେହାରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ ସେହି ଜନ୍ମ ହେବାକୁ ଥିବା ବାଳକର ନାମ ମହେମୁଦ ରଖାଯିବ,ଏବଂ ସେହି ଇସ୍ତେହାର ମହମୁଦର ଜନ୍ମ ହେବା ପୂର୍ବରୁ ହିଁ ଲକ୍ଷ ଲକ୍ଷ ଲୋକଙ୍କୁ ବଂଟା ଯାଇଥିଲା ତେଣୁ ବର୍ତମାନ ସୁଦ୍ଧା, ଶହ ଶହ ସଂଖ୍ୟାରେ ସେହି ସବୁଜ ବିଜ୍ଞାପନ ଆମ ବିରୋଧିମାନଙ୍କ ଘରେ ପଡିରହିଥିବ,ଏବଂ ସେହିପରି ୧୦ ଜୁଲାଇ ୧୮୮୮ ମସିହାର ଇସ୍ତେହାର (ବିଜ୍ଞାପନ) ମଧ୍ୟ ପ୍ରତ୍ୟେକଙ୍କ ଘରେ ମହଜୁଦ ଥିବ । ପୁଣି ଯେବେ ଏହି ପେଶଗୋଇ (ଭବିଷ୍ୟବାଣୀ) ର ଖ୍ୟାତି ଇସ୍ତେହାର (ବିଜ୍ଞାପନ) ଜରିଆରେ ଏକ ସିଦ୍ଧ ସ୍ତରରେ ପହଂଚିଲା,ଏବଂ ମୁସଲମାନ, ଇସାଇ (ଖ୍ରୀଷ୍ଟିଆନ) ଏବଂ ହିନ୍ଦୁମାନଙ୍କ ମଧ୍ୟରେ ଏପରି କୌଣସି ବି ଫିର୍କା (ଦଳ) ବାକି ନଥିଲେ,ଯିଏ ଏ ବିଷୟରେ ଜାଣି ନଥିବେ । ପୁଣି ଅଲ୍ଲାଃଙ୍କ କୃପା ଏବଂ ଦୟା ବଳରୁ ୧୨ ଜାନୁୟାରୀ ୧୮୮୯ ମସିହା ମୁତାବକ ୦୯ ଜମାଦିଲ ଅୱଲ୍ ୧୩୦୬ ହିଜରୀ ଶନିବାର ଦିନ ମହେମୁଦ ଜନ୍ମ ଗ୍ରହଣ କରିଥିଲା'' ***(ତରୟାକୁଲ କୁଲୁବ,ରୁହାନୀ ଖଜାଇନ, ଖ-୧୫,ପୃ-୨୧୯)***

ହଜୁର ଆ ସ ନିଜର ପୁସ୍ତକ "ହକିକତୁଲ ୱହି''ରେ ମଧ୍ୟ ସବୁଜ ଇସ୍ତେହାରର ଉଦାହରଣକୁ ବର୍ଣ୍ଣନା କରିଛନ୍ତି । ହଜୁର ଆ ସ କହିଛନ୍ତି :

"ସେହିପରି ଯେବେ ମୋର ପ୍ରଥମ ପୁତ୍ରର ଦେହାନ୍ତ ହେଲା,ସେତେବେଳେ ଅଜ୍ଞ ମୋଲାନାମାନେ, ସେମାନଙ୍କ ବନ୍ଧୁ ଓ ସାଙ୍ଗ ସାଥିମାନେ, ଖ୍ରୀଷ୍ଟିଆନ ଏବଂ ହିନ୍ଦୁମାନେ ମଧ୍ୟ ତା ମୃତ୍ୟୁରେ ବହୁତ ଖୁସି ପ୍ରକାଶ କରିଥିଲେ । ଯେବେକି ବାରମ୍ବାର ସେମାନଙ୍କୁ କୁହାଯାଇଥିଲା ଯେ ୨୦ ଫେବୃୟାରୀ ୧୮୮୬ ମସିହାରେ ଏହା ମଧ୍ୟ ଗୋଟିଏ ଭବିଷ୍ୟବାଣୀ ଥିଲା ଯେ କିଛି ପୁତ୍ର ମୃତ୍ୟୁ ବରଣ କରିବେ । ତେଣୁ ଏହ ନିଶ୍ଚିତ ଥିଲା ଯେ କୌଣସି ପୁତ୍ର ପିଲାଦିନରୁ ହିଁ ମୃତ୍ୟୁ ବରଣ କରିଥାନ୍ତା, କିନ୍ତୁ ଏହା ସତ୍ୱେ ମଧ୍ୟ ସେହି ଲୋକମାନେ ଏପରି ଆପତି ଅଭିଯୋଗ କରିବାରୁ ନିବୃତ ରହିଲେ ନାହିଁ । ତା'ପରେ ପୁଣି ଅଲ୍ଲାଃତାଲା ମୋତେ ଆଉ ଏକ ପୁତ୍ରର ସୁସମାଚାର ଦେଲେ । ସୁତରାଂ ମୋ ସଗୁଜ ଇସ୍ତେହାରର ସପ୍ତମ ପୃଷ୍ଠାରେ ସେହି ଦ୍ୱିତୀୟ ପୁତ୍ରର ଜନ୍ମ ହେବା ବିଷୟରେ ଏ ସୁସମାଚାର ଉଲ୍ଲେଖ ରହିଛି ଯେ ତୁମକୁ ଦ୍ୱିତୀୟ ବଶୀର ଦିଆଯିବ,ଯାହାର ଅନ୍ୟ ଏକ ନାମ ହେଉଛି ମହେମୁଦ । ସେ ଯଦିଓ ଏପର୍ଯ୍ୟନ୍ତ ଅର୍ଥାତ ସେପ୍ଟେମ୍ବର ୧୮୮୮ ମସିହା ପର୍ଯ୍ୟନ୍ତ ଜନ୍ମ ହୋଇନାହିଁ କିନ୍ତୁ ଅଲ୍ଲାଃତାଲାଙ୍କ ପ୍ରତିଶୃତି ମୁତାବକ ନିଜର ସମୟ ଅବଧି ମଧ୍ୟରେ ସେ ନିଶ୍ଚିତ ରୂପେ ଜନ୍ମ ହେବ । ପୃଥିବୀ ଓ ଆକାଶ ଟଳିଯାଇପାରେ କିନ୍ତୁ ତାହାଙ୍କ ପ୍ରତିଶୃତି ଟଳିବା ଅସମ୍ଭବ । ଏହା ହେଉଛି ସେହି ସବୁଜ ଇସ୍ତେହାରର ପୃଷ୍ଠା ୭ରେ ଉଲ୍ଲେଖ ଥିବା ବାକ୍ୟ, ତା ମୁତାବକ ଜାନୁୟାରୀ ୧୮୮୯ ମସିହାରେ ପୁତ୍ର ସନ୍ତାନ ଜନ୍ମ ହେଲା । ଯାହାର ନାମ ମହମୁଦ ରଖାଗଲା,ଏବଂ ସେ ଏପର୍ଯ୍ୟନ୍ତ ଅଲ୍ଲାଃଙ୍କ କୃପାରୁ ଜୀବିତ ଅଛି ଏବଂ ତାର ବୟସ ଏବେ ସାତ ବର୍ଷ ।'' ***(ହକିକତୁଲ ୱହି,ରୁହାନୀ ଖଜାଇନ,ଖ-୨୨,ପୃ-୩୭୩,୩୭୪)***

ପୁସ୍ତକ ହକିକତୁଲ ୱହୀରେ ହିଁ ହଜୁର ଆ ସ ଯେଉଁ ଚଉତିରିଶି (୩୪)ଗୋଟି ନିଦର୍ଶନ/ଲକ୍ଷଣ/ସଙ୍କେତରେ ସବୁଜ ଇସ୍ତେହାରର ରିଫରେନ୍ସ ଦେଇ ହଜରତ ସାହବଜାଦାଃ ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦ ସାହେବଙ୍କ ଜନ୍ମ ବିଷୟରେ ଏପରି ଉଲ୍ଲେଖ କରିଛନ୍ତି:

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

"ମୁଁ ଏହି ପେଶଗୋଇ (ଅର୍ଥାତ ଏହି ଭବିଷ୍ୟବାଣୀ)କୁ ହଜାର ହଜାର ସମର୍ଥକ ଏବଂ ବିରୋଧିମାନଙ୍କ ମଧ୍ୟରେ ପ୍ରକାଶ କରିଥିଲି,ଏବଂ ସେହି ପିଲାଟିକୁ ଏବେ ସତୁରୀ ଦିନ ପୂରଣ ହୋଇ ନଥିଲା ଯେ ଏହି ପୁତ୍ର ଜନ୍ମ ହୋଇଗଲା ଏବଂ ଏହି ପୁତ୍ରର ନାମ ମହେମୁଦ ରଖାଗଲା ।'' ***(ହକିକତୁଲ ୱହି,ରୁହାନୀ ଖଜାଇନ,ଖ-୨୨,ପୃ-୨୨୭)***

ଆରମ୍ଭରେ ଏକଥା ଉଲ୍ଲେଖ କରାଯାଇଛି ଯେ ହଜରତ ମସିହ ମଉଦ ଆ ସ ସବୁଜ ଇସ୍ତେହାରରେ ଅଲ୍ଲାଃତାଲାଙ୍କ ଦୁଇ ପ୍ରକାରର କରୁଣା ବିଷୟରେ ବର୍ଣ୍ଣନା କରିଛନ୍ତି । ପ୍ରଥମ ପ୍ରକାରର ଅନୁରୂପ ମୃତ ବଶୀର ଅୱ୍ୱଲକୁ ଅଭିହିତ କରାଯାଇଛି ଏବଂ ଅଲ୍ଲାଃତାଲାଙ୍କ ଦ୍ୱିତୀୟ କରୁଣା (ଅର୍ଥାତ ରସୁଲ, ନବୀ, ଇମାମ, ଓଲିଉଲ୍ଲାଃ ଏବଂ ଖଲିଫା) ନିମନ୍ତେ ଦ୍ୱିତୀୟ ବଶୀର ଦେବାଯିବ ବୋଲି ଘୋଷଣା କଲେ,ଯାହାଙ୍କ ଅନ୍ୟ ନାମ ମହେମୁଦ ହେବ ବୋଲି ବତାଇଲେ,ଏବଂ ଏକଥା ମଧ୍ୟ ଏଠାରେ ସ୍ପଷ୍ଟ ହେଉ ଯେ ହଜରୁ ଆ ସ ନିଜର କେବଳ ଗୋଟିଏ ପୁତ୍ରର ନାମକୁ ବଶୀର ଏବଂ ମହେମୁଦ ରଖିଛନ୍ତି । ଅନ୍ୟ କୌଣସି ପୁତ୍ରର ନାମ ମହେମୁଦ ରଖିନାହାନ୍ତି । ତେଣୁ ସବୁଜ ଇସ୍ତେହାରରେ ସେହି ବଶୀର ଏବଂ ମହେମୁଦକୁ ହଜୁର ଆ ସ ଉଲୁଲ ଅଜମ ଭାବରେ ଅଭିହିତ କରିଛନ୍ତି ।

ହଜରତ ମସିହ ମଉଦ ଆ ସ ସେହି ପ୍ରତିଶୃତ ପୁତ୍ରଙ୍କ ବିଷୟରେ ଅନ୍ୟ କେତେକ ସ୍ଥାନରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଉଦାହରଣ ସ୍ୱରୂପ ହଜୁର ଅ ସ ନିଜର ପୁସ୍ତକ "ଆଇନାଏ କମାଲାତେ ଇସଲାମ''ରେ ସେହି ମୁସଲେହ ମଉଦଙ୍କ ବାବତରେ ଥିବା ଭବିଷ୍ୟବାଣୀ ସମ୍ବନ୍ଧରେ ଚର୍ଚ୍ଚା କରି ତଳେ ହାଶିୟାଃରେ ଲେଖିଛନ୍ତି ଯେ :

ଅନୁବାଦ: ପବିତ୍ର ରସୁଲ ସ ଅ ସ ଏହି ଖବର ଦେଇସାରିଛନ୍ତି ଯେ ଯେବେ ମସିହ ମଉଦ ଆସିବ,ବିବାହ କରିବେ ଏବଂ ତାଙ୍କର ସନ୍ତାନ ମଧ୍ୟ ହେବେ । ଏଥିରେ ଏହାର ସୂଚନା ମିଳୁଛି ଯେ ଅଲ୍ଲାଃତାଲା ସେହି (ମସିହ ମଉଦ)ଙ୍କୁ ଏକ ସ୍ୱାଲେହ (ସଂସ୍କାରୀ) ପୁତ୍ର ପ୍ରଦାନ କରିବେ,ଯିଏ ନିଜ ବାପାଙ୍କ ପରି ହେବ,ଏବଂ ନିଜ ବାପାଙ୍କ ବିରୁଦ୍ଧାଚରଣ କରିବ ନାହିଁ ଏବଂ ସେ ଅଲ୍ଲାଃଙ୍କ ସମ୍ମାନୀୟ ଭକ୍ତମାନଙ୍କ ମଧ୍ୟରେ ପରିଗଣିତ ହେବେ । ଏଥିରେ ଏ ରହସ୍ୟ ରହିଛି ଯେ ଖୁଦା ତାଲା ନବି ଏବଂ ୱଲିଅଲ୍ଲାଃମାନଙ୍କୁ ଯେବେ ବି ସନ୍ତାନ ବା ଆଗାମୀ ବଂଶଧର ବିଷୟରେ ସୁସମାଚାର ଦେଇଥାନ୍ତି, ସେ କେବଳ ସେତେବେଳେ ହିଁ ଦେଇଥାନ୍ତି ଯେବେ ସେ ପୁନ୍ୟବନ୍ତ ସନ୍ତାନ ଦେବାପାଇଁ ନିଷ୍ପତି କରିସାରିଥାନ୍ତି । ଏବଂ ଏହି (ପ୍ରତିଶୃତ ପୁତ୍ରଙ୍କ) ସୁସମାଚାର ହେଉଛି ସେହି ସୁସମାଚାର ଯାହା ମୋତେ ବହୁ ବର୍ଷ ପୂର୍ବରୁ ଦିଆଯାଇଥିଲା ଏବଂ ନିଜ ଦାବି (ମସିହ ମେହେଦୀ) କରିବା ପୂର୍ବରୁ ମଧ୍ୟ ଦିଆଯାଇଥିଲା । ***(ଆଇନାଏ କମାଲାତେ ଇସଲାମ,ରୁହାନୀ ଖଜାଇନ, ଖ-୦୫,ପୃ-୫୭୮ ହାଶିୟାଃ)***

ପୁଣି ହଜୁର ଆ ସ ନିଜର ପୁସ୍ତକ "ଏଜାଜୁଲ ମସିହ''ରେ ଉଲ୍ଲେଖ କରିଛନ୍ତି :

ଅନୁବାଦ: ଏବଂ ଯେବେ ଆମେ (ଅର୍ଥାତ ହଜରତ ମସିହ ମଉଦ ଆ ସ) ଏ ଦୁନିଆରୁ ବିଦାୟ ନେବେ,ପୁଣି ତାପରେ କୟାମତ ପର୍ଯ୍ୟନ୍ତ ଅନ୍ୟ କୌଣସି ମସିହ ଆସିବେ ନାହିଁ ବା କେହି ଆକାଶରୁ ଓହ୍ଲାଇବେ ନାହିଁ । ନା କେହି ଗୁମ୍ଫା ଭିତରୁ ବାହାରିବେ । କେବଳ ସେହି ପ୍ରତିଶୃତ ପୁତ୍ର ହିଁ ପ୍ରକଟ ହେବ ଯାହାଙ୍କ ସମ୍ବନ୍ଧରେ ପୂର୍ବରୁ ମୋ ପାଳନକର୍ତାଙ୍କ ବାଣୀରେ ଚର୍ଚ୍ଚା ହୋଇସାରିଛି । (ଏଜାଜୁଲ ମସିହ,ରୁହାନୀ ଖଜାଇନ, ଖ-୧୮, ପୃ-୭୩)

ଏବଂ ତାହାର ହାଶିୟାଃରେ ହଜୁର ଆ ସ ପୁଣି ***ଫୟତଜୱ୍ୱଜୁ ୱ୍ ୟୁଲଦୁ ଲହୁ*** ହଦିସର ରିଫରେନ୍ସ ଦେଇଛନ୍ତି ।

ହଜୁର ଆ ସ ନିଜର ପ୍ରତିଶୃତ ପୁତ୍ର ବାବତରେ କରାଯାଇଥିବା ଭବିଷ୍ୟବାଣୀକୁ ଆଁ ହଜରତ ସ ଆ ସଙ୍କ ହଦିସ ***ଫୟତଜୱ୍ୱଜୁ ୱ୍ ୟୁଲଦୁ ଲହୁ*** ସହିତ ଯୋଡ଼ିଦେବା ପ୍ରମାଣ କରୁଅଛି ଯେ ଏହି ପୁତ୍ର ତାଙ୍କ ଔରସରୁ ଜାତ ହେବା ନିୟତି ଥିଲା । ଯଦି ଆସନ୍ତାକୁ କୌଣସି ଏକ ଯୁଗରେ ଆଧ୍ୟାତ୍ମିକ (ସନ୍ତାନ) ରୂପେ କୌଣସି ପୁତ୍ର ବିଷୟରେ ଉଲ୍ଲେଖ ଥାନ୍ତା,ତା'ହେଲେ ଏହି ଭବିଷ୍ୟବାଣୀକୁ ଏହି ହଦିସ୍ ସହିତ ଯୋଡ଼ିବାର କୌଣସି ବି ଆବଶ୍ୟକତା ନଥିଲା । ହଜରତ ମସିହ ମଉଦ ଆ ସ କୁହନ୍ତି :

"ଖୁଦାତାଲା ମୋତେ ଖବର ଦେଇଛନ୍ତି ଯେ ମୁଁ ତୁମ ଜମାଅତ ପାଇଁ ତୁମ ଔରସରୁ ହିଁ ଜଣେ ବ୍ୟକ୍ତିଙ୍କୁ ପ୍ରତିଷ୍ଠା କରିବି ଏବଂ ତାଙ୍କୁ ମୋର ନିକଟତରତା ଏବଂ ମୋ ଐଶୀବାଣୀ ଦ୍ୱାରା ସ୍ୱତନ୍ତ୍ର କରିବି,ଏବଂ ତାହା ଜରିଆରେ ସତ୍ୟ ଆଗକୁ ବଢିବ ଏବଂ ବହୁତ ଲୋକେ ସତ୍ୟକୁ ଗ୍ରହଣ କରିବେ । ତେଣୁ ସେହି ଦିନକୁ ଅପେକ୍ଷା କର ଏବଂ ମନେରଖ ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସମୟରେ ହିଁ ସ୍ୱୀକୃତୀପ୍ରାପ୍ତ କରିଥାନ୍ତି । ସମୟ ପୂର୍ବରୁ ସମ୍ଭବତଃ ସେ ଜଣେ ସାଧାରଣ ମଣିଷ ଭାବରେ ଦେଖାଯିବେ ବା କେତେକ ପ୍ରତାରଣାକାରୀ ଧାରଣା ହେତୁ ଆପତିଜନକ ହୋଇପାରନ୍ତି । ଉଦାହରଣ ସ୍ୱରୂପ ଯେମିତି ଜଣେ ପୂର୍ଣ୍ଣ ମାନବ ସମୟ ପୂର୍ବରୁ ଗର୍ଭ ଭିତରେ କେବଳ ଗୋଟିଏ ଶୁକ୍ରାଣୁ ବା ଏକ ମାଂସ ପିଣ୍ଡୁଳା ଭାବରେ ରହିଥାଏ ।'' ***(ରିସାଲାଃ ଅଲୱ୍ୱସିୟତ, ରୁହାନୀ ଖଜାଇନ, ଖ-୨୦,ପୃ-୩୦୬,ହାଶିୟାଃ)***

ଯେମିତି ସବୁଜ ଇସ୍ତେହାରରେ ହଜୁର ଆ ସ ଏହି ଦ୍ୱିତୀୟ ବଶୀର ଏବଂ ମହେମୁଦକୁ "ମୁରସଲ, ନବୀ, ଇମାମ, ଅଓଲିୟା ଏବଂ ଖଲିଫା'' ଙ୍କ କରୁଣାର ଉତରାଧିକାରୀ ଭାବରେ ଅଭିହିତ କରିଥିଲେ । ସେହିପରି ରିସାଲାଃ ଅଲୱ୍ୱସିୟତ (ଅଲୱ୍ୱସିୟତ ପତ୍ରିକା) ରେ ଏହି ବିଷୟରେ ଉଲ୍ଲେଖ କରିଛନ୍ତି ଯେ "ମୁଁ ହେଉଛି ଈଶ୍ୱରଙ୍କର ଏକ ପୂର୍ଣ୍ଣ ଶକ୍ତି (ଅର୍ଥାତ ଅବତାର) ଏବଂ ମୋ ପରେ ଅନ୍ୟ କେତେକ ଅସ୍ତିତ୍ୱ ହେବେ, ଯେଉଁମାନେ ଦ୍ୱିତୀୟ ଶକ୍ତିର ପ୍ରକାଶ ହେବେ ।'' କୁଦରତେ ସାନିୟା (ଅର୍ଥାତ ଈଶ୍ୱରଙ୍କର ଦ୍ୱିତୀୟ ଶକ୍ତିରେ) ପ୍ରକାଶ ହେବାକୁ ଥିବା ସେହି ଅସ୍ତିତ୍ୱମାନଙ୍କ ମଧ୍ୟରେ ଆପଣ ଆ ସ ନିଜର ସେହି ପ୍ରତଶୃତ ପୁତ୍ରଙ୍କୁ ମଧ୍ୟ ସାମିଲ କରିଛନ୍ତି । ଅତେବ ସେହି ଭବିଷ୍ୟବାଣୀଗୁଡ଼ିକ ମୁତାବକ କୁଦରତେ ସାନିୟା (ଅର୍ଥାତ ଈଶ୍ୱରଙ୍କ ଦ୍ୱିତୀୟ ଶକ୍ତି) ର ପ୍ରଥମ ପ୍ରକାଶ ହଜରତ ହକିମ ମୌଲାନା ନୁରୁଦ୍ଦୀନ ସାହେବ ଭେରୱ୍ୱି ର ଅ ଙ୍କ ଦେହାନ୍ତ ପରେ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ ସଙ୍କ ସନ୍ତାନମାନଙ୍କ ମଧ୍ୟରେ ସେହି ପ୍ରତିଶୃତ ପୁତ୍ର ଅର୍ଥାତ ବଶୀର ସାନୀ (ଦ୍ୱିତୀୟ ବଶୀର)ଙ୍କୁ କୁଦରତେ ସାନିୟାର ଦ୍ୱିତୀୟ ଶକ୍ତିର ପ୍ରକାଶ ଭାବରେ ଚୟନ କଲେ । ଯେପରି କି ହଜରତ ମସିହ ମଉଦ ଆ ସ କହିଥିଲେ ଯେ "ପ୍ରତ୍ୟେକ ବ୍ୟକ୍ତି ନିଜ ସମୟରେ ହିଁ ଚିହ୍ନିତ ହେବେ ।'' ଅତେବ ଆସନ୍ତା ସମୟ ଏହା ପ୍ରମାଣ କରିଦେଲା ଯେ ସେହି ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦ ହିଁ ଅଲମୁସଲେହ ଅଲମଉଦ ଅଟନ୍ତି,ଏବଂ ସେହି ଭବିଷ୍ୟବାଣୀ ଗୁଡ଼ିକରେ ଯେଉଁ ସବୁ ଲକ୍ଷଣ ଏବଂ ଚିହ୍ନଗୁଡ଼ିକ ମୁସଲେହ ମଉଦଙ୍କ ମଧ୍ୟରେ ଅଲ୍ଲାଃତାଲା ବର୍ଣ୍ଣନା କରିଥିଲେ,ସେହି ସମସ୍ତ ଲକ୍ଷଣଗୁଡ଼ି ଗୋଟି ଗୋଟି ହୋଇ ହଜରତ ସାହେବଜାଦାଃ ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦ ସାହେବ ର ଅ ଙ୍କ ଅସ୍ତିତ୍ୱରେ ପୂରଣ ହେଲା ।

୧୯୦୬ ମସିହାରେ ହଜରତ ସାହେବଜାଦାଃ ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦ ସାହେବ ଅଲମୁସଲେହ ଅଲମଉଦ ର ଅ ଗୋଟିଏ ବ୍ୟକ୍ତଗତ ମାମଲାରେ ଲାହୋର ଗସ୍ତ କରିଥିଲେ । ସେହି ଅବସରରେ ଅଖବାର "ପୈସା''(ଖବରକାଗଜ "ପୈସା'')ର ଏଡ଼ିଟର ମୁନଶି ମହବୁବ ଆଲମ ସାହେବଜାଦାଃ ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦ ସାହେବଙ୍କ ଲାହୋର ଆଗମନ ବିଷୟରେ ଏକ ବ୍ୟଙ୍ଗାତ୍ମକ ଢଙ୍ଗରେ ଖବର ପ୍ରକାଶ କରି ଲେଖିଥିଲେ ଯେ :"ବଡ଼ ପୁଅ ବାପା ହୋଇଗଲାଣି କିନ୍ତୁ ଜଣା ପଡୁଛି ସେ ମିଡିଲ କ୍ଲାସ ଫେଲ ହୋଇଛନ୍ତି । ଯଦି ମିର୍ଜା ଜିଙ୍କ ପରେ ଏହି ପୁଅ ତାଙ୍କର ଉତରାଧିକାରୀ ହୁଅନ୍ତି ତା'ହେଲେ ଇଏ ଧର୍ମକୁ ଖୁବ ଚଳେଇବ !'' ***(ଅଖବାର ଅଲହକମ ୧୭ ଜୁଲାଇ ୧୯୦୬ ମସିହା, ପୃ-୨ ସ୍ତମ୍ଭ-୪)***

ଅଖବାର "ପୈସା''(ଖବରକାଗଜ ଅଖବାର "ପୈସା'')ର ଏହି ଖବରର ଉତର ସେହି କ୍ଷଣି ଅଖବାର ଅଲହକମର ଏଡ଼ିଟର ଶେଖ ୟାକୁବ ଅଲୀ ସାହେବ ଇରଫାନୀ ର ଅ ନିଜ ଖବର କାଗଜରେ ଦେଇଥିଲେ । କିନ୍ତୁ ଆଉ ଏକ ଉତର ଅଲ୍ଲାଃତାଲାଙ୍କ ତରଫରୁ ଦିଆଯିବା ବାକି ଥିଲା । ଅଲ୍ଲାଃତାଲା ସେହି ପୁଅକୁ,ଯାହାଙ୍କ ବିଷୟରେ ଏହା କୁହାଯାଇଥିଲା ଯେ "ଯଦି ମିର୍ଜା ଜିଙ୍କ ପରେ ଏହି ପୁଅ ତାଙ୍କର ଉତରାଧିକାରୀ ହୁଅନ୍ତି ତା'ହେଲେ ଇଏ ଧର୍ମକୁ ଖୁବ ଚଳେଇବ !'' କିନ୍ତୁ ଅଲ୍ଲାଃତାଲା ତାଙ୍କୁ ଜମାତ ଅହେମଦୀୟାର ଦ୍ୱିତୀୟ ଖଲିଫା ଭାବରେ ଛିଡ଼ାକରାଇ ଏ ସଂସାରକୁ ଦେଖାଇଦେଲେ ଏବଂ ତାହାଙ୍କ ଜରିଆରେ ଅହେମଦୀୟତର ବାର୍ତା ଦୁନିଆର କୋଣ ଅନୁକୋଣରେ ପହଂଚାଇଦେଲେ । ତାଙ୍କ ଅସ୍ତିତ୍ୱରୁ କୌମେଁ (ଅର୍ଥାତ ସମସ୍ତ ଜାତି ଓ ଧର୍ମର ଲୋକମାନେ) ଆଶୀର୍ବାଦ ପ୍ରାପ୍ତହେଲେ । ତାଙ୍କ ଅସ୍ତିତ୍ୱରୁ ଇସଲାମ ଧର୍ମର ସମ୍ମାନ ଏବଂ ଅଲ୍ଲାଃଙ୍କ ବାକ୍ୟର ମର୍ଯ୍ୟାଦା ଲୋକମାନଙ୍କ ଉପରେ ପ୍ରକାଶ ପାଇଲା । ତାହାଙ୍କ ମସିହ୍ ଆତ୍ମା ଏବଂ ରୁହୁଲ କୁଦୁସ (ପବିତ୍ର ଆତ୍ମା)ର କଲ୍ୟାଣରୁ ଅନେକ ଲୋକେ ନାନା ପ୍ରକାରର ବ୍ୟାଧିରୁ ଆରୋଗ୍ୟ ଲାଭ କଲେ । ତାଙ୍କର ପ୍ରବଳ ଜ୍ଞାନ ଏବଂ ବୁଦ୍ଧିମତାରୁ ଗୋଟିଏ ଜଗତ ଲାଭ ଉଠାଇଲା ଏବଂ ଅନେକ ବନ୍ଦି ମୁକ୍ତି ପାଇବାର ବାଟ ପାଇଲେ। ଇର୍ଷାପରାୟଣ ବିରୋଧିମାନଙ୍କ ବଦ୍‌ଦୁଆ (ଅଭିଷାପ), ଗାଳିଗୁଲଜ, ଶତୃତା ଏବଂ ବିଦ୍ୱେଷଭାବ ସତ୍ୱେ ବି ଶୀଘ୍ର ଶୀଘ୍ର ବଢିଚାଲିଲା ଏବଂ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ପ୍ରସିଦ୍ଧି ପାଇଲା। ଦେଖନ୍ତୁ ହଜରତ ମସିହ ମଉଦ ଆ ସଙ୍କର ନିମ୍ନ ଲିଖିତ ବାଣୀ କେଡେ ସୁନ୍ଦର ଭାବରେ ପୂରଣ ହେଲା ଯେ:

"ମୁଁ ଜାଣିଛି ଯେ ଯେଉଁ କଥାର ପ୍ରକାଶନ ପାଇଁ ମୋତେ ନିଯୁକ୍ତ କରାଯାଇଅଛି,ଯଦିଓ ଦ୍ୱେଷଭାବରେ ପରିପୂର୍ଣ୍ଣ ଏହି ଯୁଗ ତାହାକୁ କେତେ ବି ତିରସ୍କାର ଦୃଷ୍ଟିରେ ଦେଖୁ ନା କାହିଁକି,କିନ୍ତୁ ଆଗାମୀ ଯୁଗ ସେଥିରୁ ବହୁତ ଲାଭ ଉଠାଇବ । '' ***(ମକତୁବାତ ଅହେମଦ, ଖ-୦୧, ପୃ-୩୦୫ ନ୍ୟୁ ଏଡ଼ିଶନ)***

ହେ ଅଲ୍ଲାଃଙ୍କ ଦ୍ୱାରା ମନୋନୀତ ମସିହ ଏବଂ ମେହେଦୀ ! ତୁମ ଉପରେ ହଜାର ହଜାର ଆଶୀର୍ବାଦ ଏବଂ ହଜାର ହଜାର ସଲାମ ଅବତୀର୍ଣ୍ଣ ହେଉ ଯେ ଆମେ ତୁମ୍ଭ ଦ୍ୱାରା ବତାଯାଇଥିବା ଲକ୍ଷଣ / ସଙ୍କେତ ମୁତାବକ ସେହି ମୁସଲେହ ମଉଦଙ୍କୁ ଚିହ୍ନିଲୁ , ତାହାଙ୍କ ଆଶୀର୍ବାଦପୂର୍ଣ୍ଣ କଲ୍ୟାଣମୟୀ ଅସ୍ତିତ୍ୱରୁ ଉପକୃତ ହେଲୁ ଏବଂ ପରିତ୍ରାଣ ଓ ସଫଳତାର ମାର୍ଗ ବିଷୟରେ ସୂଚନା ପାଇଲୁ ।

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly BADAR Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2023-2025 Vol.8 Thursday 02-16 Feb 2023 Issue No.5-7

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

# ଶୁଦ୍ଧି ଆନ୍ଦୋଳନ ସହିତ ପେଶଗୋଇ ମୁସଲେହ ମଉଦ ର ଅ ର ବିଶେଷ ସମ୍ବନ୍ଧ

## (ଆଲେଖ୍ୟ : ହଜରତ ମିର୍ଜା ତାହେର ଅହେମଦ ଖଲିଫତୁଲ ମସିହ ରାବେ (ଚତୁର୍ଥ) ରହେମହୁଲ୍ଲାଃ ତାଲା)

*(ଉଦ୍ଧୃତାଂଶ ପୁସ୍ତକ ସ୍ୱାନେହ ଫଜଲେ ଉମର, ଖ-୦୨)*

ବିଂଶ ଶତାବ୍ଦୀର ପ୍ରାରମ୍ଭରେ,କିଛି ଇମାନଦାର ମୁସଲିମ ନେତାମାନଙ୍କୁ ଏ ନିରାଶଜନକ ଖବର ମିଳିଲା ଯେ ନଦଓ୍ୱତୁଲ ଓ୍ୱଲେମା ଏବଂ ଅଲୀଗଢ ମୁସଲିମ ୟୁନିଭରସିଟି ଆଖପାଖରେ ବସବାସ କରୁଥିବା କିଛି ମଲକାନା ରାଜପୁତମାନଙ୍କୁ ହିନ୍ଦୁ ପଣ୍ଡିତମାନେ "ଶୁଦ୍ଧି'' କରି ଇସଲାମ ଧର୍ମରୁ ବିମୁଖ କରୁଛନ୍ତି । ମୌଲାନା ଶିବଲି ନୁମାନୀଙ୍କୁ ଏହି ଖବର ଏତେ କଷ୍ଟ ପହଂଚାଇଥିଲା ଯେ ତାଙ୍କର କ୍ରୋଧ ସ୍ୱତଃପ୍ରବୃତ ଭାବରେ ନିମ୍ନ ଲିଖିତ ଶବ୍ଦରେ ପ୍ରକାଶ ହେଲା :

"ମୁଁ ଯେତେବେଳେ ଏଠାରୁ ଗଲି, ସେତେବେଳେ ମୋର ଅବସ୍ଥା ଏପରି ଥିଲା ଯେ,ଏଠାରେ ନଦଓ୍ୱାର ଯେଉଁ ଛାତ୍ରମାନେ ବସିଛନ୍ତି,ସେମାନେ ତାହାର ନିଶ୍ଚିତ ରୂପେ ସାକ୍ଷୀ ଥିବେ ଯେ ସେତେବେଳେ ଏମିତି କୌଣସି ଗାଳିଗୁଲଜ ନଥିଲା ଯାହା ମୁଁ ଏହି ନଦଓ୍ୱାର ଲୋକମାନଙ୍କୁ ଶୁଣାଇନଥିବି । ଅର୍ଥାତ ହେ ନିର୍ଲ୍ଲଜମାନେ ! ହେ ଅଭାଗାମାନେ ! ବୁଡ଼ି ମରିଯାଅ । କି ଘଟଣା ନଘଟିଲା ! ନଦଓ୍ୱାକୁ ନିଆଁ ଲଗାଇ ଦିଅ ଓ ଅଲୀଗଢକୁ ମଧ୍ୟ ଜାଳି ଦିଅ । ଆଜି ବି ମୁଁ ସେହି କଥାର ପୁନରାବୃତି କରୁଅଛି ଯାହା ମୁଁ ସେତେବେଳେ କହିଥିଲି ।'' *(ହୟାତେ ଶିବଲୀ,ପୃ-୫୫୭,୫୫୮)*

ସେହି ପରିସ୍ଥିତିର ପ୍ରଭାବି ଢଙ୍ଗରେ ମୁକାବିଲା କରିବା ପାଇଁ ସେ ଏପ୍ରିଲ ୧୯୧୨ ମସିହାରେ ଲକ୍ଷ୍ନୌଠାରେ ମୁସଲମାନ ନେତାମାନଙ୍କର ଏକ ସର୍ବଭାରତୀୟ ସ୍ତରର ସମ୍ମିଳନୀ ଡକାଇଥିଲେ । ଅଲ୍ଲାମାଃ ଶିବଲୀଙ୍କ ଜୀବନୀ ଲେଖକ ମୌଲାନା ସୟଦ ସୁଲେମାନ ନଦଓ୍ୱି ଏହି ଘଟଣା ବିଷୟରେ ଉଲ୍ଲେଖ କରି କୁହନ୍ତି :

"ମୌଲାନା ଏହା ଚାହୁଁଥିଲେ ଯେ ପ୍ରକାଶନର କାର୍ଯ୍ୟକୁ ସମସ୍ତ ଦଳ ମିଳିମିଶି ଏକତ୍ର ସମ୍ପାଦନ କରନ୍ତୁ । ତେଣୁ ମିର୍ଜା ବଶିରୁଦ୍ଦିନ ମହମୁଦ ଅହେମଦ (ସାହେବ) ଯିଏ ବର୍ତମାନ କାଦିଆନୀମାନଙ୍କର ଖଲିଫା ଅଛନ୍ତି ତଥା ସେହିପରି ଖ୍ୱାଜା କମାଲୁଦ୍ଦିନ ସାହେବଙ୍କୁ ମଧ୍ୟ ଏଥିରେ ଅଂଶଗ୍ରହଣ କରିବା ପାଇଁ ମନା କରାଯାଇ ନଥିଲା । ସେହି ଜଲସାରେ ମୌଲାନା (ଶିବଲୀ)ଙ୍କ ଉପରେ ଏ ଆପତି ଓ ଅଭିଯୋଗ କରାଗଲା ଯେ ସେ କାଦିଆନୀଙ୍କୁ କାହିଁକି ଏହି ଜଲସାରେ ଅଂଶଗ୍ରହଣ କରିବାକୁ ଦେଲେ ? ଏବଂ ତାଙ୍କୁ ଏଥିରେ କହିବାକୁ କାହିଁକି ଅନୁମତି ଦେଲେ?'' *(ହୟାତେ ଶିବଲୀ,ପୃ-୫୬୯)*

ଏହାର ନକରାତ୍ମକ ପ୍ରଭାବ ମୌଲାନା ଶିବଲୀଙ୍କ ଉପରେ ଏପରି ପଡିଲା ଯେ :

"ମୌଲାନା (ଶିବଲୀ) ଅସୁସ୍ଥ ହୋଇଗଲେ ଏବଂ ସେ ନିଜର ମାନସିକ ଭାରସାମ୍ୟ ହରାଇ ମୌଲବୀ ଅବ୍ଦୁସ ସଲାମ ସାହେବ ଓ ସିରତକୁ ସାଥିରେ ଧରି ବମ୍ବେ ଚାଲିଗଲେ ଏବଂ ଦୁଇ ଚାରିମାସ ଚିନ୍ତା ବିଚାର କରିବା ପରେ ସେ ଜୁଲାଇ ୧୯୧୩ ମସିହାରେ ନଦଓ୍ୱାରୁ ଇସ୍ତଫା ଦେଇଦେଲେ । ଏହିପରି ସେହି ସମସ୍ତ କାର୍ଯ୍ୟପ୍ରସ୍ତାବ ଓ ଯୋଜନା ବ୍ୟର୍ଥ ହୋଇ ରହିଗଲା ।*(ହୟାତେ ଶିବଲୀ,ପୃ-୫୭୩)*

ଏହି ଘଟଣା ପରେ ମଲକାନାର ହିନ୍ଦୁ ପଣ୍ଡିତମାନେ କ୍ରମାଗତ ଭାବରେ ମୁସଲମାନମାନଙ୍କୁ ଶୁଦ୍ଧି କରିବାରେ ନିୟୋଜିତ ରହିଥିଲେ କିନ୍ତୁ ମୁସଲମାନମାନଙ୍କ ଓ୍ୱଲେମାମାନେ ଏହି ମହାନ ବିଜୟ ପ୍ରାପ୍ତିର ଆନନ୍ଦରେ ସନ୍ତୁଷ୍ଟ ହୋଇ ନିଜ ଘରକୁ ଯାଇ ଆରାମ କଲେ ଯେ ସେମାନେ "କାଦିଆନୀମାନ''ଙ୍କୁ ଇସଲାମର ଏହି ଜିହାଦରୁ ଅଂଶଗ୍ରହଣ କରିବାରୁ ନିବୃତ ରଖି ବଡ ସଫଳତା ପାଇଛନ୍ତି । ସମୟ ଅତିବାହିତ ହୋଇଚାଲିଲା, ଏପରିକି ମାର୍ଚ୍ଚ ମାସ ୧୯୨୩ ମସିହାରେ ହିନ୍ଦୁସ୍ତାନର ମୁସଲମାନମାନଙ୍କ ଉପରେ ଏପରି ଏକ ଅପ୍ରତ୍ୟାଶିତ ସକାଳ ଉଦୟ ହେଲା ଯେ, ସେତେବେଳେ ଆର୍ଯ୍ୟସମାଜର ନେତାମାନେ ନିଜର ବିଜୟଗାନ କରୁଥିଲେ ଏବଂ ଇସଲାମର କଠୋର ପ୍ରତିଦ୍ୱନ୍ଦୀ ଶ୍ରଦ୍ଧାନନ୍ଦ ବହୁତ ଗର୍ବର ସହିତ ଏ ଘୋଷଣା କରୁଥିଲା ଯେ :

"ଆଗ୍ରାର ଆଖପାଖରେ ରାଜପୁତମାନଙ୍କୁ ବହୁତ ଦ୍ରୁତ ଗତିରେ ଶୁଦ୍ଧି କରାଯାଉଅଛି ଏବଂ ଏପର୍ଯ୍ୟନ୍ତ ଚାଳିଶି ହଜାର ତିନି ଶହ ରାଜପୁତ ମଲକାନା, ଗୁଜ୍ଜର ଏବଂ ଜାଟମାନେ ହିନ୍ଦୁ ହୋଇସାରିଛନ୍ତି ..... ଏହିପରିକା ଲୋକମାନେ ଭାରତର ପ୍ରତ୍ୟେକ ଭାଗରେ ଦେଖିବାକୁ ମିଳିବେ । ଏମାନେ ସମସ୍ତେ ମିଶି ପଚାଶ ଷାଠିଏ ଲକ୍ଷରୁ କମ ହେବେ ନାହିଁ । ଯଦି ହିନ୍ଦୁ ସମାଜ ଏମାନଙ୍କୁ ନିଜ ମଧ୍ୟରେ ଅବଶୋଷଣ କରିବାର କାର୍ଯ୍ୟକୁ ଜାରି ରଖନ୍ତି, ତା'ହେଲେ ଏମାନଙ୍କର ସଂଖ୍ୟା ଏକ କୋଟିରେ ପଂହଚଗଲେ ବି ମୁଁ ଏଥିରେ କୌଣସି ପ୍ରକାରର ଆଶ୍ଚର୍ଯ୍ୟ ହେବିନାହିଁ ।''

*(ଅଖବାର ପ୍ରତାପ ଲାହୋର, ୧୬ ମାର୍ଚ୍ଚ ୧୯୨୩,ପୃ-୦୪)*

ଏହି ଘୋଷଣା କଣ ଥିଲା ? ଗୋଟିଏ ଭୟଙ୍କର ବିସ୍ଫୋରଣ ଥିଲା, ଯାହା ହିନ୍ଦୁସ୍ତାନର ମୁସଲମାନମାନଙ୍କୁ ପୂର୍ବରୁ ନେଇ ପଶ୍ଚିମ ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା, ଏବଂ ସେମାନଙ୍କୁ ଏପରି ଅବସ୍ଥାରେ ଜାଗ୍ରତ କଲା ଯେ ସେମାନଙ୍କର ଛାତି ଫାଟି ତା'ମଧ୍ୟରୁ ହୃଦୟ ବାହାରି ପଡିଲା । ହିନ୍ଦୁମାନେ କେବଳ ଏତିକି ଘୋଷଣା କରି ଅଟକି ଗଲେ ନାହିଁ (ଅର୍ଥାତ କ୍ଷାନ୍ତ ହେଲେ ନାହିଁ) ବରଂ ଶୁଦ୍ଧି ଆନ୍ଦୋଳନକୁ ସମଗ୍ର ଭାରତ ଦେଶରେ ପ୍ରଚାର ପ୍ରସାର କରିବା ପାଇଁ ଏକ ସର୍ବସାଧାରଣ ବିଗୁଲ ବଜାଇ ଦେଲେ । ଯାହାର ଫଳାଫଳ ଏହା ବାହାରିଲା ଯେ ଚାରିଆଡ଼େ ମୁସଲମାନ ମାନଙ୍କ ମଧ୍ୟରେ ଏକ ପ୍ରକାରର କୋଳାହଳ ମଚିଗଲା ଏବଂ ମୁସଲମାନ ଖବରକାଗଜଗୁଡ଼ିକ ନିଜ ଓଲେମାମାନଙ୍କୁ ଏବଂ ଅନ୍ୟ ମୁସଲିମ ନେତାମାନଙ୍କୁ ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ବେଦନାପୂର୍ଣ୍ଣ ଓ ଦୁଃଖଭରା ନିବେଦନ କଲେ ଯେ ସେମାନେ ନିଜ ନିଜ ମଧ୍ୟରେ ଥିବା ପାରସ୍ପାରିକ ମତଭେଦକୁ ଭୂଲି ଇସଲାମର ସେବା ପାଇଁ ଆଗକୁ ଆସନ୍ତୁ ଏବଂ ଯେଉଁ ଫିର୍କା (ଅର୍ଥାତ ଦଳ) କୁ ଯେତେ ମାତ୍ରାରେ ବି ସୁଯୋଗ ମିଳୁଛି,ସେ ଯଥାସମ୍ଭବ ମଲକାନାର ମୁସଲମାନମାନଙ୍କୁ ମୁରତଦ୍ ହେବାରୁ (ଅର୍ଥାତ ଇସଲାମ ପରିତ୍ୟାଗ କରି ଅନ୍ୟ ଧର୍ମକୁ ଗ୍ରହଣ କରିବାରୁ) ବଂଚାଇବା ପାଇଁ ଚେଷ୍ଟା କରନ୍ତୁ । ସୁତରାଂ ବିଭିନ୍ନ ମସଲମାନ ଫିର୍କାମାନଙ୍କ ତରଫରୁ ଅନେକ ଅଭିଯାନ ଆରମ୍ଭ କରାଯାଇଥିଲା ଏବଂ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଜମା କରିବା ପାଇଁ ପ୍ରତ୍ୟେକ ସ୍ଥାନରେ ଆବେଦନ କରାଯାଇ ପ୍ରକାଶ କରାଯାଇଥିଲା। ସେହିପରି ଜୀବନର ବଳିଦାନ (ଅର୍ଥାତ ଜୀବନ ଉତ୍ସର୍ଗ କରିବା) ପାଇଁ ମଧ୍ୟ ମୁଜାହିଦ୍ଦୀନମାନଙ୍କୁ ଆହ୍ୱାନ କରାଯାଇଥିଲା । ମୁରତଦ୍ଦୀନମାନଙ୍କର ଏହି ଭୟଙ୍କର ଜୁଆରକୁ ଓଲଟାଇ ଦେବା ପାଇଁ ଶିହା ମୁସଲମାନମାନେ ଏକ ପୃଥକ ଅଭିଯାନ ଆରମ୍ଭ କରିଥିଲେ । ସେ ସମୟର ଗୋଟିଏ ପ୍ରସିଦ୍ଧ ଖବରକାଗଜର ସମ୍ପାଦକ ହଜରତ ମିର୍ଜା ବଶୀରୁଦ୍ଦୀନ ମହେମୁଦ ଅହେମଦଙ୍କ ନାମ ନେଇ ଡ଼ାକିଲେ ଯେ ହେ ଇସଲାମ ପ୍ରତି ସହାନୁଭୁତି ରଖିଥିବାର ଦାବି କରୁଥିବା ଲୋକେ ! ଆଜି ତୁମେ କେଉଁଠାରେ ଅଛ ? ଆଜି ଇସଲାମ ପାଇଁ ବଳିଦାନ କ୍ଷେତ୍ର ତୁମକୁ ନିଜ ଆଡକୁ ଡ଼ାକୁଅଛି । ଆଜି ସମୟ ଆସିଯାଇଛି ଯେ ତୁମେ ଏବଂ ତୁମ ଜମାତ ନିଜ ସତ୍ୟତାର ପ୍ରମାଣ ଦିଆ ଯଦିଓ ଏହି ନିମନ୍ତ୍ରଣର ଗୋଟିଏ ଦିନ ପୂର୍ବରୁ ୧୯୨୩ ମସିହା ମାର୍ଚ୍ଚ ମାସ ୭ ତାରିଖ ଦିନ ହଜରତ ଖଲିଫତୁଲ ମସିହ ସାନି (ଦ୍ୱିତୀୟ) ର ଅ ଏହି ବିଷୟରେ ଜମାତକୁ ସମ୍ବୋଧନ କରି କହିସାରିଥିଲେ ଏବଂ ଏ ଆଦେଶ ମଧ୍ୟ ଦେଇଥିଲେ ଯେ ଆମ ଜମାତ ଏହି କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ପାଇଁ ପ୍ରସ୍ତୁତ ହୋଇ ରହୁ । ସେହିପରି ଗୋଟିଏ ସ୍କିମ (ଯୋଜନା) ବିଷୟରେ ମଧ୍ୟ ଅବଗତ କରାଇଥିଲେ, ଯାହାକୁ ଆପଣ ର ଅ ଫିତନା ଇରତିଦାଦ (ଅର୍ଥାତ ମୁରତଦ୍ଦୀନମାନଙ୍କ ବିଭ୍ରାଟ) କୁ ମୂଳୋତ୍ପାଟନ କରିବା ପାଇଁ ପ୍ରସ୍ତୁତ କରି ରଖିଥିଲେ । କିନ୍ତୁ ଅମୃତସରର ଓକିଲ ଖବରକାଗଜର ନିମନ୍ତ୍ରଣ ଉପରେ ନିଜର ଆତ୍ମସମ୍ମାନକୁ ପ୍ରଦର୍ଶନ କରି ଆପଣ ର ଅ ତୁରନ୍ତ ଗୋଟିଏ ଇସ୍ତେହାର ୯ ମାର୍ଚ୍ଚ ଦିନ ତାଙ୍କର ଉତରରେ ଲେଖିଲେ ଏବଂ ସେହି କାର୍ଯ୍ୟ ବିଷୟରେ ମୁସଲମାନମାନଙ୍କୁ ସଂକ୍ଷିପ୍ତରେ ଜଣାଇଲେ,ଯେଉଁ କାର୍ଯ୍ୟକୁ ପୂର୍ବରୁ ହିଁ ଆରମ୍ଭ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସେ ଭାରତର ମୁସଲମାନମାନଙ୍କୁ ୨୦ ଲକ୍ଷ ଟଙ୍କା ଚାନ୍ଦା ଏକାଠି କରିବାକୁ ଉତ୍ସାହିତ କରିଥିଲେ,ଏବଂ ଏହା କହିଥିଲେ ଯେ ସବୁ ଜମାତ (ଅର୍ଥାତ ସବୁ ଫିର୍କାର ଦଳ) ନିଜ ଭାଗରେ ପଡିଥିବା ଟଙ୍କାକୁ ନିଜେ ହିଁ ସଂଗ୍ରହ କରିବେ ଏବଂ ନିଜେ ହିଁ ନିଜର ପରିଚାଳନାରେ ତାହାକୁ ଖର୍ଚ୍ଚ କରିବେ । ସେହିପରି ଭାବରେ ପ୍ରତ୍ୟେକ ଫିର୍କାର ପରିଚାଳନା ଅଧିନରେ ମୁଜାହିଦ୍ଦୀନମାନଙ୍କର ଅଲଗା ଅଲଗା ଦଳ ନିଜର କର୍ତବ୍ୟ ନିର୍ବାହ କରିବା ପାଇଁ ବାହାରି ପାରିବେ ।

କ୍ରମଶଃ......

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan